SANCHAR
# ସଂଚାର
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ



ମନୀଷା ରାମଦାସ


Website: sanchar.live    mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17
Vol. 32 | ISSUE 164 | ଭାଗ ୩୨ | ସଂଖ୍ୟା ୧୬୪ | Bhubaneswar | Monday 2 September 2024 | Page 8 ₹ 4.00 | ଭୁବନେଶ୍ୱର | ସୋମବାର ୨ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ପୂର୍ବତନ ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ଖେଳାଳୀ ଓ କୋଚ୍ ପୁଲେଲା ଗୋପିଚାନ୍ଦଙ୍କ ସୌଜନ୍ୟମୂଳକ ସାକ୍ଷାତ।

### ମୋହନ ସରକାର ଖେଳିଲେ ଶକ୍ତିଶାଳି କାର୍ଡ

# ସୁଭଦ୍ରା ଯୋଜନା ସହ ବିଜେଡିକୁ ଜବରଦସ୍ତ ଝଟକା

> “ସରକାରକୁ ଆସିବାର ୧୦୦ ଦିନ ଭିତରେ ମୋହନ ମାଝୀ ସରକାର ଖେଳିଛନ୍ତି ସବୁଠୁ ବଡ ରାଜନୈତିକ କାର୍ଡ। ଏହା ଦେଶର ସବୁଠାରୁ ବଡ କ୍ୟାସ ଟ୍ରାନ୍ସଫର ଯୋଜନା। ଏହି ଯୋଜନା ଦାନା ଧରିଲେ ବିଜେଡିର ଫ୍ଲାଗସିପ ଯୋଜନା ମିଶନ ଶକ୍ତିରୁ କଟିବେ ମା'। ଆଉ ନବୀନ ପଟ୍ଟନାୟକ ଯଦି ମହିଳାଙ୍କ ଭୋଟକୁ ବାନ୍ଧି ରଖିବାରେ ସଫଳ ନହୁଅନ୍ତି ତେବେ ୨୦୨୯ରେ କାଙ୍ଗାଳ ହେବା ଥୟ। ବିଜେଡିର ମିଶନ ଶକ୍ତିକୁ ନେଇ ଯାହା ଦାବି କରାଯାଉଥିଲା ତାହା ସମ୍ପୂର୍ଣ୍ଣ ସତ୍ୟ ନଥିଲା। କାରଣ ଏହା ଦଳୀୟ ଭିତ୍ତିରେ ଦିଆଯାଉଥିଲା ଓ ଲବିରେ ଥିବା ମହିଳା ଉପକୃତ ହେଉଥିଲେ। କିନ୍ତୁ ସୁଭଦ୍ରାରେ କୋଟିଏ ୩୦ ଲକ୍ଷ ମହିଳା ସିଧାସଳଖ ଉପକୃତ ହେବେ।”

**ଭୁବନେଶ୍ୱର, ୧୯ (ସଂଚାର ବ୍ୟୁରୋ) :** ମହିଳାମାନଙ୍କ ପାଇଁ ବିଜେପି ସରକାରଙ୍କ ବହୁ ପ୍ରଚାରିତ ‘ସୁଭଦ୍ରା’ ଯୋଜନାର ଆଜିଠାରୁ ପଞ୍ଜିକରଣ ଆରମ୍ଭ ହୋଇଛି। ଏହି ଯୋଜନାରେ ମହିଳାମାନଙ୍କୁ ସାମିଲ ଲାଗି ଆଜିଠାରୁ ସମଗ୍ର ରାଜ୍ୟରେ ଏହା ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୭ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶା ଗସ୍ତରେ ଆସି ଏହାର ଶୁଭାରମ୍ଭ କରିବେ । ତେବେ ଏହି ଯୋଜନା ବିଜେଡି ସରକାରଙ୍କ ମହିଳା ଭୋଟ ବ୍ୟାଙ୍କ୍ ଉପରେ ବିଜେପିର ଏହା ବଡ ପ୍ରହାର ବୋଲି ଏବେ ଠାରୁ ଆଲୋଚନା ଆରମ୍ଭ ହେଲାଣି ।

### ମା'ଙ୍କ ଭୋଟ କଟିଲେ କାଙ୍ଗାଳ ହେବା ଥୟ



ବିଜେଡିର ଭୋଟ ବ୍ୟାଙ୍କ୍ ହେଉଛନ୍ତି ମହିଳା । ମିଶନ ଶକ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠିଗୁଡିକର ବଳରେ ବିଜେଡି ରାଜ୍ୟରେ ୨୫ବର୍ଷ ନିରଙ୍କୁଶ କ୍ଷମତା ଭୋଗ କରି ଆସିଲା। ଏଥର ବିଜେଡି ➪ପୃଷ୍ଠା-୬

# ବିତର୍କର ଆହ୍ୱାନରୁ ତେଜିଲା ରାଜନୀତି

**ଭୁବନେଶ୍ୱର, ୧୯(ସଂଚାର ବ୍ୟୁରୋ):** ବିତର୍କର ଆହ୍ୱାନ ଏବେ ସାରା ରାଜ୍ୟରେ ବିତର୍କ ସୃଷ୍ଟି କରିଛି। ରେଭେନ୍ସା ବିଶ୍ୱବିଦ୍ୟାଳର ନାମ ପରିବର୍ତ୍ତନ ହେବ କି ନାହିଁ, ଏନେଇ କେନ୍ଦ୍ର କି ରାଜ୍ୟ ସରକାର କୌଣସି ବିଚାର ଆରମ୍ଭ କରିନାହାଁନ୍ତି। ଏପରିକି ନାମ ପରିବର୍ତ୍ତନ ହେବା ଉଚିତ ନୁହେଁ ସେନେଇ ମଧ୍ୟ କେନ୍ଦ୍ରମନ୍ତ୍ରୀ କିଛି କହିନାହାଁ। କେବଳ ହତ୍ୟାକାରୀ ବ୍ରିଟିଶ କର୍ମଚାରୀଙ୍କ ନାଁରେ ଏକ ବିଶ୍ୱବିଦ୍ୟାଳୟ ନାମିତ ହେବାର ଆବଶ୍ୟକତା ଅଛି କି ନାହିଁ ସେନେଇ ବିତର୍କର ଆହ୍ୱାନ ଦେଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ।

ନାମ ପରିବର୍ତ୍ତନ କରିବା ନେଇ ବିତର୍କର ଆହ୍ୱାନ ଦେବା ପରେ ଏହାକୁ ନେଇ ରାଜ୍ୟ ରାଜନୀତି ଓ କଂଗ୍ରେସ କେନ୍ଦ୍ରମନ୍ତ୍ରୀଙ୍କୁ ଘେରିଥିବା ବେଳେ ବିଜେପି ମଧ୍ୟ କଡା ଜବାବ ଦେଇଛି। ବିଜେଡି କେନ୍ଦ୍ରମନ୍ତ୍ରୀଙ୍କ ବିବୃତ୍ତିକୁ ସମାଲୋଚନା କରିବା ସହ ତାଙ୍କୁ ‘ରେଭେନ୍ସା’ ବ୍ରାଣ୍ଡ ନଷ୍ଟ ନକରିବାକୁ କହିଥିଲେ।

- ରେଭେନ୍ସା ବ୍ରାଣ୍ଡ ପରିବର୍ତ୍ତନ ନହେଉ:ବିଜେଡି
- ନାଁ ବଦଳିଲେ ରାଜରାସ୍ତାରେ ନିଆଁ ଲାଗିବ: କଂଗ୍ରେସ
- ହତ୍ୟାକାରୀଙ୍କ ପାଇଁ ଓକିଲାତି କରୁଛି ବିଜେଡି: ବିଜେପି



“ଓଡ଼ିଶା ଅସ୍ମିତା କଥା କହି କେନ୍ଦ୍ରମନ୍ତ୍ରୀ ଏପରି ବିବୃତ୍ତି ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେ ଏପରି ବିବୃତ୍ତି ଦେବା ପୂର୍ବରୁ ଟିକିଏ ଇତିହାସ ପଢ଼ିଥାନ୍ତେ ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶାର ଉଚ୍ଚଶିକ୍ଷାରେ ଥୋମାସ ଏଡୱାର୍ଡ ରେଭେନ୍ସାଙ୍କ ଅବଦାନକୁ ➪ପୃଷ୍ଠା-୬



# ବିଳମ୍ବିତ ନ୍ୟାୟକୁ ନେଇ ରାଷ୍ଟ୍ରପତିଙ୍କ ଉଦବେଗ

**ନୂଆଦିଲ୍ଲୀ, ୧୯:** ବିଚାର ପାଇଁ ପଡ଼ି ରହିଥିବା ମାମଲା ଓ ଶୁଣାଣିରେ ବିଳମ୍ବ ହେବା ନ୍ୟାୟପାଳିକା ପାଇଁ ଗୋଟିଏ ବଡ଼ ଚ୍ୟାଲେଞ୍ଜ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଏଥିସହ ସେ ଉଚିତ ନ୍ୟାୟ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷ କରି ସେ ଦୁଷ୍କର୍ମ ମାମଲା ଗୁଡ଼ିକ ଉପରେ ଫୋକସ କରିଛନ୍ତି। ଏଥିସହ କୋର୍ଟରେ ପଡ଼ି ରହିଥିବା ଦୁଷ୍କର୍ମ ମାମଲାକୁ ନେଇ ମଧ୍ୟ ସେ ଚିନ୍ତା ପ୍ରକଟ କରିଛି।

ଦୁଇ ଦିନିଆ ଜିଲ୍ଲାସ୍ତରୀୟ ନ୍ୟାୟପାଳିକାର ଜାତୀୟ ସମ୍ମିଳନୀରେ ସମ୍ବୋଧନ କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, “ଦୁଷ୍କର୍ମ ଭଳି ମାମଲାରେ ଯେତେବେଳେ କୋର୍ଟଙ୍କ ରାୟ ଗୋଟିଏ ପିଢ଼ି ପରେ ପାରିତ ହେଉଛି ସେତେବେଳେ ସାଧାରଣ ଲୋକ ଭାବୁଛନ୍ତି ଯେ ନ୍ୟାୟ ପ୍ରଦାନ ପ୍ରକ୍ରିୟା ଅତ୍ୟନ୍ତ ଅସମ୍ବେଦନଶୀଳ।”

ରାଷ୍ଟ୍ରପତି ମୁର୍ମୁଙ୍କ କହିବା କଥା ଗାଁରେ ଲୋକମାନେ ନ୍ୟାୟପାଳିକାକୁ ଭଗବାନ ବୋଲି ବିବେଚନା କରନ୍ତି। କାରଣ ସେମାନେ ନ୍ୟାୟପାଳିକାରୁ ନ୍ୟାୟ ପାଆନ୍ତି। କଥାରେ ଅଛି ଭଗବାନଙ୍କ ଘର ବିଳମ୍ବ ହୋଇପାରେ, କିନ୍ତୁ ଅନ୍ଧକାର ନୁହେଁ। କିନ୍ତୁ ବିଳମ୍ବ କେତେ ହୋଇପାରେ? ଏହା କେତେ ଲମ୍ବା? ଏହା ଉପରେ ଆମକୁ ଚିନ୍ତା କରିବାକୁ ପଡ଼ିଛି।

> ନ୍ୟାୟ ପାଇଁ ପିଢ଼ି ପରେ ପିଢ଼ି ଅପେକ୍ଷା କରିବାକୁ ପଡୁଛି

ଜଣେ ନ୍ୟାୟ ପାଇବା ବେଳକୁ ତାଙ୍କର ହସ ସମ୍ଭବତଃ ଲିଭି ଯାଇଥିବ। ତାଙ୍କ ଜୀବନ ସରି ଯାଇଥିବ। ଆମକୁ ଅତ୍ୟନ୍ତ ବ୍ୟାପକ ଓ ଗଭୀର ଭାବେ ଏହାକୁ ଦେଖିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ମାମଲାର ଶୁଣାଣି ବେଳେ ହେଉଥିବା ସ୍ଥଗିତ ପରାମର୍ଶକୁ ବଦଳାଇବା ପାଇଁ ସବୁ ପ୍ରକାରର ପଦକ୍ଷେପ ନେଇ ତ୍ୱରିତ ନ୍ୟାୟ ଉପରେ ଫୋକସ କରାଯିବା ଦରକାର। ଦୁଃଖର କଥା ହେଉଛି ଯେ କିଛି ମାମଲାରେ ଅପରାଧ ଘଟାଇବା ପରେ ଲୋକମାନେ ବେଧଡ଼କ ବାହାରେ ➪ପୃଷ୍ଠା-୬

### ଭସାଣିରେ ବାଜିବନି ଡିଜେ

# ଜବରଦସ୍ତ ଚାନ୍ଦା ମାଗିଲେ ହେବ କାର୍ଯ୍ୟାନୁଷ୍ଠାନ

**କଟକ,୧୯(ସଂଚାର ବ୍ୟୁରୋ):** ଚଳିତବର୍ଷ ଦୁର୍ଗାପୂଜା ଭସାଣିରେ ଡିଜେ ବାଜିବନି। ଏହାକୁ ସମ୍ପୂର୍ଣ୍ଣ ବାରଣ କରିଛନ୍ତି ପୋଲିସ କମିଶନର। କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ବୈଠକ ପରେ ପୋଲିସ କମିଶନର ସୂଚନା ଦେଇଛନ୍ତି।

ଆସନ୍ତା ଅକ୍ଟୋବର ୧୪ରେ ଭସାଣି ହେବାକୁ ଥିବା ବେଳେ ଡିଜେକୁ ବାରଣ କରାଯାଇଛି। ତେବେ ରାତି ୧୨ଟା ଯାଏ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିପାରିବ ବୋଲି ଅନୁମତି ଦେଇଛନ୍ତି ପୋଲିସ କମିଶନର। ଭସାଣି ଶୋଭାଯାତ୍ରାରେ ୬ଟି ବକ୍ସ ବାଜିପାରିବ। ଜୋରଜବରଦସ୍ତ ଚାନ୍ଦା ମାଗିଲେ କିମ୍ବା ଡିଜେ ବଜାଇଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ ହେବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ପୋଲିସ କମିଶନର।

ସୂଚନାଯୋଗ୍ୟ ଯେ, ଗଣେଷ ପୂଜାରେ ମଧ୍ୟ ଡିଜେ ଉପରେ ରୋକ ଲଗାଇଛନ୍ତି ପୋଲିସ କମିଶନର। ଏହାଦ୍ୱାରା ଟ୍ୱିନସିଟିର ପ୍ରାୟ ୧୦ ହଜାର ଲୋକ ପ୍ରଭାବିତ ହେବେ ବୋଲି ଡିଜେ ସଂଘ ପକ୍ଷରୁ ଅଭିଯୋଗ କରାଯାଇ ପୋଲିସ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାସତ୍ତ୍ୱେ ବି ଆଜି ଭସାଣି ଶୋଭାଯାତ୍ରାରେ ଡିଜେ ବ୍ୟବହାର ଉପରେ ରୋକ ଲାଇଛି ପୋଲିସ।

# ଚିକିଟି ମଦମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି

**ଚିକିଟି,୧୯(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଚିକିଟି ବିଷାକ୍ତ ମଦ ମୃତ୍ୟୁ ମାମଲାରେ ରବିବାର ମଧ୍ୟାହ୍ନରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ କରବାଲୁଆ ଗ୍ରାମର ବାୟା ସେଠୀ। ସେ ଦୀର୍ଘ ଦିନ ଧରି ବ୍ରହ୍ମପୁର ସ୍ଥିତ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ପରେ ଚିକିଟିରେ ଶୋକର ଛାୟା ଖେଳି ଯାଇଛି। ଏହାକୁ ମିଶାଇ ଚିକିଟି ମଦ ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ଏବେ ସୁଦ୍ଧା ୩ଜଣ ବ୍ରହ୍ମପୁରସ୍ଥିତ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଗତ ୨୦ତାରିଖରେ ଜେନାପୁର ଗ୍ରାମର ମ୍ୟୁର୍ ବେହେରା, ୨୧ ତାରିଖରେ ଲୋକନାଥ ବେହେରା ଏବଂ ୩୦ତାରିଖରେ ଲକ୍ଷ୍ମଣ ବେହେରାଙ୍କ ମୃତ୍ୟୁ ଘଟିଥିଲା।

ସୂଚନାଯୋଗ୍ୟ, ଚିକିଟି ଅଞ୍ଚଳରେ ବିଷାକ୍ତ ମଦ ମୃତ୍ୟୁକୁ ନେଇ ରାଜନୀତି ➪ପୃଷ୍ଠା-୬

### ବୟସ ୫୫, କମୁନି ଦୋଷ

# ନକଲି ସବଇନସ୍ପେକ୍ଟର କହି ଯୁବତୀଙ୍କୁ ଫସାଉଥିଲେ



**ଭୁବନେଶ୍ୱର, ୧୯(ସଂଚାର ବ୍ୟୁରୋ):** ୫୫ ବର୍ଷ ହେଲାଣି। ବାର୍ଦ୍ଧକ୍ୟ ଆଡକୁ ଗୋଡ଼ ବଢ଼ାଇଲେଣି। ହେଲେ ପ୍ରେମ ନିଶା କମିନି। ଦୁଇ ଜଣଙ୍କୁ ବିବାହ କରିବା ପରେ ନିଜକୁ ପୁଲିସ୍ ଇନ୍ସପେକ୍ଟର କହି ଫେସ୍‌ବୁକ୍‌ରେ ଯୁବତୀଙ୍କୁ ପ୍ରେମ ନିବେଦନ କରିଥିଲେ। ଆଉ ପରବର୍ତ୍ତୀ ସମୟରେ ବିବାହ କରିଥିଲେ। ହେଲେ ତୃତୀୟ ବିବାହ ପରେ ଖୋଲିଯାଇଥିଲା ରଙ୍ଗୀଲାଙ୍କ ରାଜ୍। ଆଜି ଏହି ରଙ୍ଗୀଲା ନକଲି ପୁଲିସ୍ ଇନ୍ସପେକ୍ଟରଙ୍କୁ ବାନ୍ଧିଛି ଭୁବନେଶ୍ୱର କମିଶନରେଟ୍ ପୁଲିସ୍।

କମିଶନରେଟ୍ ପୁଲିସ୍ ହାତରେ ଧରା ପଡ଼ିଥିବା ରଙ୍ଗୀଲା ହେଉଛନ୍ତି ଭଦ୍ରକର ସୁବାସ ଚନ୍ଦ୍ର କହଁର। ତାଙ୍କର ବୟସ ୫୫ ବର୍ଷ। ଦୁଇ ଦୁଇ ଥର ବିବାହ କରିଛନ୍ତି। ୨୫ ବର୍ଷର ପିଅଟିଏ ରହିଛି। ମୁଣ୍ଡରେ ଚୁଟି କେଉଁରେ ନାହିଁ। ପୂରା ଚନ୍ଦା। ହେଲେ ଏ ବୟସରେ ତାଙ୍କର ପ୍ରେମ ନିଶା କମିନି। ବାର୍ଦ୍ଧକ୍ୟ ଆଡକୁ ଗୋଡ଼ ବଢ଼ାଉଥିବା ବୟସରେ ରୋମାନ୍ସ କରୁଛନ୍ତି ରଙ୍ଗୀଲା ସୁବାସ। ପ୍ରେମ ନିବେଦନ ପାଇଁ ନିଜ ନାଁ ବଦଳାଇଛନ୍ତି। ଆଉ ସୁବାସ ଚନ୍ଦ୍ର କହଁରରୁ ପାଲଟି ଯାଇଛନ୍ତି ଇନ୍ସପେକ୍ଟର ମନୋଜ କୁମାର ମିଶ୍ର। ତା'ପରେ ସୋଶାଲ୍ ମିଡ଼ିଆରେ ଫେସ୍‌ବୁକ୍‌ରେ ସୁନ୍ଦର ସୁନ୍ଦର ଯୁବତୀଙ୍କୁ ନିଜ ପ୍ରେମ ଫାଶରେ ଫସାଉଛନ୍ତି।

ସୁବାସ ଚନ୍ଦ୍ର କହଁର ନିଜକୁ ଇନ୍ସପେକ୍ଟର ମନୋଜ କୁମାର ମିଶ୍ରର ପରିଚୟ ଦେଇ ଫେସ୍‌ବୁକ୍ ଷ୍ଟାଟସ୍ ଅପଡେଟ୍ କରିଥିଲେ। ତା'ରେ ଜଣେ ଶିକ୍ଷିତ ଯୁବତୀଙ୍କ ପାଖକୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ। ପୁଲିସ୍ ବୋଲି ଜାଣିବା ପରେ ଯୁବତୀ ଜଣକ ଫ୍ରେଣ୍ଡ ରିକ୍ୱେଷ୍ଟ ଏକ୍ସେପ୍ଟ କରିଥିଲେ। ତା'ପରେ ଆରମ୍ଭ ହୋଇଥିଲା କଥାବାର୍ତ୍ତା। ସେହି କଥାବାର୍ତ୍ତା ଭିତରେ ମନୋଜ ନିଜକୁ ରାଉରକେଲା ସେକ୍ଟର-୧୫ ପୁଲିସ୍ ଥାନାର ଇନ୍ସପେକ୍ଟର ବୋଲି ପରିଚୟ ଦେଇଥିଲେ। ଖାଲି ପରିଚୟ ଦେଇନଥିଲେ, ପୁଲିସ୍ ଡ୍ରେସ ପିନ୍ଧି ବିଭିନ୍ନ ପୋଜର ଫଟୋ ତାଙ୍କ ପାଖକୁ ପଠାଇଥିଲେ। ଏପରିକି ନିଜ ଚାମ୍ବର ଓ ପୁଲିସ୍ ଗାଡ଼ିରେ ବସିବାର ଭିଡିଓ ମଧ୍ୟ ଯୁବତୀଙ୍କ ପାଖକୁ ମନୋଜ ପଠାଇଥିଲେ।

ମନୋଜଙ୍କ ମିଠା ମିଠା କଥା ଓ ସେ ଜଣେ ପୁଲିସ୍ ଅଫିସର ବୋଲି ଜାଣିବା ପରେ ଯୁବତୀଙ୍କ ମନ ବଦଳିଥିଲା। ଏହାର ସୁଯୋଗ ନେଇ ଯୁବତୀଙ୍କୁ ପ୍ରେମ ନିବେଦନ କରିଥିଲେ ମନୋଜ। ଆଉ ତାଙ୍କ ପ୍ରସ୍ତାବରେ ରାଜି ହୋଇଯାଇଥିଲେ ଯୁବତୀ ଜଣକ(ରେଖା)। ତା'ପରେ ହୋଇଥିଲା ବିବାହ। ବାହାଘର ସରିବା ପରେ ବୋହୂ ହିସାବରେ ଶାଶୁ ଘରକୁ ଯିବା ପାଇଁ ଚାହିଁଥିଲେ ରେଖା। ହେଲେ ଚତୁର ମନୋଜ ନିଜ ସ୍ତ୍ରୀଙ୍କୁ ➪ପୃଷ୍ଠା-୬

# ବିଲ୍ଡର ସଂସ୍ଥାକୁ ବିଏମ୍‌ସି ଓ ବିଡ଼ିଏର ଏତେ ଅନୁକମ୍ପା କାହିଁକି

**ଭୁବନେଶ୍ୱର,୧୯(ସଂଚାର ବ୍ୟୁରୋ):** ବିଲ୍ଡର ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇଛନ୍ତି ବିଏମ୍‌ସି ଓ ବିଡିଏ କର୍ତ୍ତୃପକ୍ଷ। ଗୃହ ନିର୍ମାଣ ପ୍ରକଳ୍ପକୁ ସରକାରୀ ଜାଗାରେ ଆପ୍ରୋଚ୍ ରୋଡ୍ ପାଇଁ ଅନୁମତି ଦେଇଛନ୍ତି। ଧାର୍ଯ୍ୟ ଓସାର ଠାରୁ ଇଞ୍ଚେ କମିଗଲେ ସାଧାରଣ ଲୋକଙ୍କୁ ଘର ତିଆରି ପାଇଁ ଅନୁମତି ଦେଉ ନଥିବା ବିଏମ୍‌ସି ଓ ବିଡିଏ ମୋଟା ଅଙ୍କର ହାତଗୁଞ୍ଜା ନେଇ ବିଲ୍ଡରକୁ ଅନୁକମ୍ପା ଦେଖାଇଥିବା ଅଭିଯୋଗ ହେବା ପରେ ସ୍ଥାବର ସମ୍ପତ୍ତି ନିୟାମକ କର୍ତ୍ତୃପକ୍ଷ (ରେରା)ତତ୍ପର ହୋଇଛନ୍ତି। ଏ ନେଇ ରେରା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏ ଆଣ୍ଡ ପିଜି) ବିଭାଗକୁ ଚିଠି ଲେଖିବା ପରେ ଜିଏ ବିଏମ୍‌ସି କମିସନର ଓ ବିଡିଏ ଉପାଧ୍ୟକ୍ଷଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ସେ ଲେଖିଛନ୍ତି କେଉଁ ପରିସ୍ଥିତିରେ ବିଏମ୍‌ସି ଓ ବିଡିଏ ଜିଏ ବିଭାଗ ଜମିକୁ ଆପ୍ରୋଚ୍ ରୋଡ ଭାବରେ ବ୍ୟବହାର କରିବା ପାଇଁ ସ୍ୱୀକୃତି ଦେଲେ ଓ ତା' ପାଇଁ ଲକ୍ଷଲକ୍ଷ ଟଙ୍କା ସିକ୍ୟୁରିଟି ଜମା ମଧ୍ୟ ନେଲେ?

ଚିଠି ପାଇବା ପରେ ଉଭୟ ସଂସ୍ଥାର ମୁଣ୍ଡବିନ୍ଧା ଆରମ୍ଭ ହୋଇଛି। ଇଏ ତ' ଗୋଟିଏ କିମ୍ବା ଦୁଇଟି ପ୍ରକଳ୍ପରେ ଅଭିଯୋଗ ଆସିବା ପରେ ଧରାପଡ଼ିଛି। କିନ୍ତୁ ଏଭଳି ଘଟଣାର ଖୋଳତାଡ଼ ହେଲେ ଯେଉଁ ଶହ ଶହ ପ୍ରକଳ୍ପରେ ଏଭଳି ହୋଇଛି ତାହା ପଦାକୁ ଆସିବା ସମ୍ଭାବନା ରହିଛି। ଏଣୁ ଉଭୟ କର୍ତ୍ତୃପକ୍ଷଙ୍କ ବୁଦ୍ଧି ହଜିଛି। ଜିଏ ବିଭାଗକୁ ଉତ୍ତର ଲେଖିବା ପୂର୍ବରୁ କାଗଜପତ୍ର ଠିକ୍ କରିବାକୁ ଯୋଜନା ହୋଇଛି। ଲଗାତାର ତିନିଦିନ ଛୁଟି ଥିବାରୁ ସରକାରୀ ଜମିରେ ରାସ୍ତା ସ୍ୱୀକୃତି ପାଇଥିବା ପ୍ରକଳ୍ପକୁ ଖୋଜି ନୋଟିସ୍ ଦେବାକୁ ଅଲିଖିତ ନିର୍ଦ୍ଦେଶ ହୋଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଦୁଇଟି ପ୍ରକଳ୍ପକୁ ବିଏମ୍‌ସି ଓ ବିଡିଏ ସ୍ୱୀକୃତି ଦେଇଥିବା ଅଭିଯୋଗ ହୋଇଛି। ସେଗୁଡ଼ିକ ହେଉଛି ପଟିଆର ବରମୁଣ୍ଡା ମୌଜାର ଏଚ୍‌ପି ସ୍କ୍ୱୟାର ଓ ବମିଖାଲ ମୌଜାର ଶୁଭମ୍ ମିଡ୍‌ଟାଉନ୍। ଏଚ୍‌ପି ସ୍କ୍ୱୟାର ପ୍ରକଳ୍ପକୁ ଜିଏ ବିଭାଗ ଜମିରେ ଆପ୍ରୋଚ୍ ରୋଡ୍ ପାଇଁ ସ୍ୱୀକୃତି ଦିଆଯାଇଛି। ଏଥିପାଇଁ ବିଏମ୍‌ସି ୬୩ଲକ୍ଷ ୫୧ ହଜାର ୬୯୬ ଟଙ୍କା ନେଇଛି। ସେହିଭଳି ଶୁଭମ୍ ମିଡ୍‌ଟାଉନ୍ ପାଇଁ ୨ କୋଟି ୪୬ ଲକ୍ଷ ୫୯ ହଜାର ୩୬୦ ଟଙ୍କା ନେଇଛି। ଉଭୟ ପ୍ରକଳ୍ପକୁ ବିଡିଏର ୨୪୮ ତମ ବିପି ଆଣ୍ଡ ଡିପି କମିଟିରେ ସ୍ୱୀକୃତି ପ୍ରଦାନ କରାଯାଇଛି। ପରେ ବିଏମ୍‌ସି ମଧ୍ୟ ସଂଶୋଧିତ ପ୍ଲାନ୍ ମଞ୍ଜୁରୀ ଦେଇଛି। କୌଣସି ପ୍ରକଳ୍ପ ପାଇଁ ଜମି ମାଲିକ ଜିଏ ବିଭାଗରୁ ସ୍ୱୀକୃତି ଅଣାଯାଇ ନାହିଁ।

କୌତୁହଳପ୍ରଦ ହେଉଛି ଉଭୟ ପ୍ରକଳ୍ପ ରେରା ଦ୍ୱାରା ପଞ୍ଜୀକୃତ ହୋଇଛି। ରେରାରେ ପଞ୍ଜିକୃତ ହେଲେ ସାଧାରଣ କ୍ରେତାଙ୍କର ବିଶ୍ୱାସଭାଜନ ହୋଇଥାଏ। କେଉଁ ପରିସ୍ଥିତିରେ ଏହି ପ୍ରକଳ୍ପ ପଞ୍ଜିକୃତ ହେଲା ସେ ନେଇ ପ୍ରଶ୍ନ ଉଠିଛି। କେବଳ ଏହି ଦୁଇଟି ପ୍ରକଳ୍ପ ନୁହେଁ, ଶହ ଶହ ପ୍ରକଳ୍ପ ଏଭଳି କରାଯାଇଛି। ଏ ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗା ଯାଇଥିଲା। ହେଲେ ସୂଚନା ମିଳିଲା ନାହିଁ। ବିଧାନସଭାରେ ମଧ୍ୟ ଏ ନେଇ ପ୍ରଶ୍ନ ଉଠିଥିଲା। କିନ୍ତୁ ସେଠାରେ ମଧ୍ୟ ଉତ୍ତର ରଖିଲେ ନାହିଁ। ଏହାର ତଦନ୍ତ ହେଲେ କୋଟି କୋଟି ଟଙ୍କାର କେଳେଙ୍କାରୀ ପଦାକୁ ଆସିବ। ଏକର ଏକର ସରକାରୀ ଜମି ମଧ୍ୟ ସରକାରଙ୍କ ପାଖକୁ ଫେରିବ।




- ଗୃହ ନିର୍ମାଣ ପ୍ରକଳ୍ପକୁ ସରକାରୀ ଜାଗାରେ ଆପ୍ରୋଚ୍ ରୋଡ୍ ପାଇଁ ଅନୁମତି
- କୌଣସି ପ୍ରକଳ୍ପ ପାଇଁ ଜମି ମାଲିକ ଜିଏ ବିଭାଗରୁ ସ୍ୱୀକୃତି ଅଣାଯାଇ ନାହିଁ




# ଆଜିଠୁ ବଢ଼ିବ ଖାଉଟିଙ୍କ ବୋଝ

**ନୂଆଦିଲ୍ଲୀ,୧୯:** ଆଜିଠାରୁ ଦେଶରେ ଅନେକ ନିୟମରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଯାହା ସାଧାରଣ ଲୋକଙ୍କ ପକେଟ ଉପରେ ସିଧାସଳଖ ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଉଛି। ଏଲପିଜି ସିଲିଣ୍ଡର ମୂଲ୍ୟ ଠାରୁ ଆରମ୍ଭ କରି କ୍ରେଡିଟ କାର୍ଡ ନିୟମ ପର୍ଯ୍ୟନ୍ତ ଏବଂ ମାଗଣା ଆଧାର ଅପଡେଟ କରିବାର ସମୟସୀମା ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଏଫଡି ଯୋଜନାରେ ଟଙ୍କା ବିନିଯୋଗର ନିୟମକୁ ମଧ୍ୟ ପ୍ରଭାବିତ କରିବ।

ୟୁନିକ ଆଇଡେଣ୍ଟିଫିକେସନ ଅଥରିଟି ଅଫ ଇଣ୍ଡିଆ ମାଗଣା ଆଧାର ଡକ୍ୟୁମେଣ୍ଟ ଅପଡେଟକୁ ଜୁନ ୧୪ରୁ ସେପ୍ଟେମ୍ବର ୧୪, ୨୦୨୪ ପର୍ଯ୍ୟନ୍ତ ଅର୍ଥାତ ତିନିମାସ ବୃଦ୍ଧି କରିଛି। ଯଦି ସାଧାରଣଲୋକେ ଏହି ମାଗଣା ସେବାର ଲାଭ ଉଠାଇବାକୁ ଚାହାଁନ୍ତି, ତେବେ ୧୪ ସେପ୍ଟେମ୍ବର ସୁଦ୍ଧା ଆଧାର ଅନଲାଇନରେ ଅପଡେଟ କରିବା ଆବଶ୍ୟକ। ନଚେତ ୧୪ ତାରିଖ ପରେ ଏଥିପାଇଁ ଦେୟ ଦେବାକୁ ପଡିବ। ବର୍ତ୍ତମାନ ମାଗଣା ଆଧାର ଅପଡେଟ କେବଳ ଅନଲାଇନରେ ଉପଲବ୍ଧ ହେଉଛି। ଯଦି ଅପଡେଟ୍ ପାଇଁ ଆଧାର ସେବା କେନ୍ଦ୍ରକୁ ଯାଆନ୍ତି, ତେବେ ସେଠାରେ ଦେୟ ଦେବାକୁ ପଡିବ।

ତୈଳ ମାର୍କେଟିଂ କମ୍ପାନୀଗୁଡିକ ଆଜିଠାରୁ ବ୍ୟବସାୟିକ ଏଲପିଜି ଗ୍ୟାସ ସିଲିଣ୍ଡରର ମୂଲ୍ୟରେ ବଡ଼ ପରିବର୍ତ୍ତନ କରିଛନ୍ତି। ଆଜିଠାରୁ ଦିଲ୍ଲୀରେ ୧୯ କିଲୋଗ୍ରାମ ବ୍ୟବସାୟିକ ଏଲପିଜି ଗ୍ୟାସ ସିଲିଣ୍ଡରର ମୂଲ୍ୟ ୩୯ ଟଙ୍କା ବୃଦ୍ଧି କରାଯାଇଛି। ୧୯ କିଲୋଗ୍ରାମ ସିଲିଣ୍ଡରର ୧୬୯୧.୫୦ ଟଙ୍କାରେ ବିକ୍ରି ହେବ। ଏହା ବ୍ୟତୀତ ଏଭିଏଶନ ଟର୍ବାଇନ ଇନ୍ଧନ ଏବଂ ସିଏଜି-ପିଏନଜି ମୂଲ୍ୟରେ ମଧ୍ୟ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ➪ପୃଷ୍ଠା-୬

> ଏକାଧିକ କେନ୍ଦ୍ରୀୟ ନିୟମରେ ହୋଇଛି ପରିବର୍ତ୍ତନ

## ରାମ ଭଜନ ଏନଟିପିସି ଦର୍ଲିପାଲିର ବିଜନେସ୍ ୟୁନିଟ୍ ମୁଖ୍ୟ



**ସୁନ୍ଦରଗଡ, ୧୯ (ସଂଚାର ବ୍ୟୁରୋ):** ଶ୍ରୀ ରାମ ଭଜନ ମଲିକ 'ଏନଟିପିସି ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନ'ର ପ୍ରୋଜେକ୍ଟ ହେଡ ଭାବରେ ନିଯୁକ୍ତ ହୋଇଛନ୍ତି। ଶନିବାର ଦିନ ଏନଟିପିସି ଦର୍ଲିପାଲି ତରଫରୁ ନୂତନ ବ୍ୟବସାୟ ୟୁନିଟ୍ ହେଡ ଙ୍କୁ ସ୍ୱାଗତ କରଯାଇଥିଲା। ହର୍ଷ ନାଥ ଚକ୍ରବର୍ତ୍ତୀ ଏନଟିପିସି ରେ ମୋଟ ୩୭ ବର୍ଷର ଏକ ଚମତ୍କାର କ୍ୟାରିଅର ସହିତ ଦର୍ଲିପାଲିର ପ୍ରୋଜେକ୍ଟ ମୁଖ୍ୟ ପଦବୀରେ ପ୍ରାୟ ୯ ମାସ କାର୍ଯ୍ୟ ସମାପ୍ତ କରିବା ପରେ ୩୧ ଅଗଷ୍ଟ ରେ ଅବସର ନେଇଥିଲେ। ରାମ ଭଜନ ମଲିକ ପୂର୍ବରୁ ଏନଟିପିସି ରିନ୍ୟୁଆଲ ଏନର୍ଜି ଲିମିଟେଡ (ଖବଦା) ରେ ସିଜିଏମ ଏବଂ ଏଚଓପି ପଦବୀ ରେ ଥିଲେ, ହେଲେ ବର୍ତ୍ତମାନ ତାଙ୍କୁ ଏଚଓପି ଭାବରେ ନିଯୁକ୍ତ କରାଯାଇଛି। ପ୍ରୋଜେକ୍ଟ ହେଡ୍ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ମଲିକ୍ କହିଛନ୍ତି, "ଏନଟିପିସି ଦର୍ଲିପାଲି ବର୍ତ୍ତମାନ ପର୍ଯ୍ୟନ୍ତ ଶକ୍ତି ଉତ୍ପାଦନ କ୍ଷମତା କ୍ଷେତ୍ରରେ ଅପ୍ରତ୍ୟାଶିତ ଫଳାଫଳ ଦେଇଛି ଏବଂ ସମାଜର ଅନେକ ବିଭାଗର ଅନ୍ତର୍ଭୁକ୍ତ ବିକାଶରେ ଯୋଗଦାନ ଦେଇଛି। ମୁଁ ସମଗ୍ର ଦଳ ସହିତ ଏହି ଏନଟିପିସି ଦର୍ଲିପାଲି ପ୍ରକଳ୍ପର ଚିତ୍ତାକର୍ଷକ ଉତ୍ତରାଧିକାରୀ କୁ ଆଗକୁ ନେବା ପାଇଁ ମୋର ଦକ୍ଷତାର ସହିତ କାର୍ଯ୍ୟ କରିବି। ଶକ୍ତି ଉତ୍ପାଦନ ସହିତ ଆମେ ଏକ ସୁସ୍ଥ, ଖୁସି ଏବଂ ସୁଶିକ୍ଷିତ ସମାଜ ମଧ୍ୟ ସୃଷ୍ଟି କରିବୁ ବୋଲି କହିଥିଲେ।

## ଉଦଳାରେ ଭାରତ ମାନଚିତ୍ରକୁ ନେଇ ବିବାଦ

**ଉଦଳା, ୧୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପ୍ରଦର୍ଶିତ ଭାରତ ମାନଚିତ୍ରକୁ ନେଇ ବିବାଦ ଦେଖାଦେଇଛି। ଏହି ମାନଚିତ୍ରରେ ପାକିସ୍ଥାନ, ବାଂଲାଦେଶ ସମେତ ଭାରତର ଏକାଧିକ ପଡ଼ୋଶୀ ରାଷ୍ଟ୍ରକୁ ଭାରତର ଅଂଶ ବୋଲି ଦର୍ଶାଯାଇଛି। ଏନ୍ଏସିର ବ୍ୟାନର, ନିମନ୍ତ୍ରଣ ପତ୍ର ଓ ବିଭିନ୍ନ ସ୍ଥାନରେ ଲାଗିଥିବା ପୋଷ୍ଟରରେ ଏହି ମାନଚିତ୍ରକୁ ବ୍ୟବହାର କରାଯାଇଥିବା ବେଳେ ଏହାକୁ ନେଇ ସାଧାରଣରେ ଆପତ୍ତ ଉଠିଛି। ବରିଷ୍ଠ ସାମ୍ବାଦିକ ଜଗବନ୍ଧୁ ପ୍ରଧାନ ଅଭିଯୋଗ କରିଛନ୍ତି, ଏନ୍ଏସି ପ୍ରଶାସନ ତରଫରୁ ଜାରି ହୋଇଥିବା ଏହି ମାନଚିତ୍ର ସାଧାରଣ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ଏ ନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯୋଡ଼ି ସେ ଟ୍ୱିଟ୍ କରିଛନ୍ତି। ଅପରପକ୍ଷେ ଏହାକୁ ଅଖଣ୍ଡ ଭାରତର ମାନଚିତ୍ର ବୋଲି କହିଛନ୍ତି ଉଦଳା ଏନ୍ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ରାଷ୍ଟ୍ରୀୟ ସଙ୍ଗୀତରେ ଥିବା 'ସିନ୍ଧୁ' ଓ 'ବଙ୍ଗ' ଶବ୍ଦ ପାକିସ୍ଥାନ ଏବଂ ବାଂଲାଦେଶକୁ ସୂଚାଉ ଥିବାରୁ ଏହାକୁ ଅଖଣ୍ଡ ଭାରତ ମାନଚିତ୍ରରେ ସ୍ଥାନିତ କରାଯାଇଥିବାର ଶ୍ରୀମତୀ ପଣ୍ଡା କହିଛନ୍ତି। ସାଂସଦରେ ମଧ୍ୟ ଏହି ମାନଚିତ୍ର ସ୍ଥାନ ପାଇଥିବା ବେଳେ ଏନ୍ଏସି ତରଫରୁ ଏହାକୁ ସ୍ଥାନିତ କରାଯିବା ସମ୍ପୂର୍ଣ୍ଣ ଯଥାର୍ଥ ବୋଲି ସେ ଦାବି କରିଛନ୍ତି।

## ଫାଇଲେରିଆ ସଚେତନତା କର୍ମଶାଳା



**କଣାସ, ୧୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡସାନପୁଟ ଗ୍ରାମପଞ୍ଚାୟତର ଛୋଟିଯୋଡି ଗ୍ରାମରେ ଲେପ୍ରୋ ସୋଶାଇଟି ପକ୍ଷରୁ ଫାଇଲେରିଆ ରୋଗର ନିରାକରଣ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୩୦ଜଣ ବାତଜ୍ୱର ରୋଗୀଙ୍କୁ ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ସଚେତନ କରାଯାଇଥିଲା। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିଶ୍ୱରଂଜନ ଜେନାଙ୍କ ସହ ଲେପ୍ରୋ ସୋଶାଇଟିର କର୍ମକର୍ତ୍ତାମାନେ ଯୋଗଦେଇ ଥିଲେ।

# ସାରର ଅହେତୁକ ମୂଲ୍ୟ ବୃଦ୍ଧି, ଚାଷୀ ମୁଣ୍ଡରେ ଚଡ଼କ

**ଜଗତସିଂହପୁର, ୧୯ (ସଂଚାର ବ୍ୟୁରୋ):** ପାରମ୍ପରିକ ଚାଷ ପରିବର୍ତ୍ତେ ଚାଷୀ ଆଧୁନିକ ପ୍ରଣାଳୀରେ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଅଧିକ ଅମଳ ଆଶାରେ ଚାଷୀ ଉନ୍ନତମାନର ଅଧିକ ଅମଳକ୍ଷମ ବିହନ ବ୍ୟବହାର କରିବା ସହିତ ଆଧୁନିକ ପ୍ରଣାଳୀରେ ଚାଷ କାର୍ଯ୍ୟକରୁଛି। ସରକାରଙ୍କ ତରଫରୁ ବିଭିନ୍ନ ସେବା ସମବାୟ ସମିତି ଓ ଲାଇସେନ୍ସ ପ୍ରାପ୍ତ ଦୋକାନ ଗୁଡ଼ିକରେ ବିହନ ଚାଷ କାର୍ଯ୍ୟ ସମୟରେ ସାର, କୀଟନାଶକ ଔଷଧ ମିଳୁନଥିବା ବେଳେ ଚାଷୀ କଳାବଜାରରେ ସାର କିଣି ଶୋଷିତ ହେଉଛନ୍ତି। ସେହିପରି ଜଗତସିଂହପୁର ଜିଲ୍ଲାର ୮ଟି ବ୍ଲକରେ ସାରର ଅହେତୁକ ମୂଲ୍ୟବୃଦ୍ଧି ଯୋଗୁଁ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି।

ଚଳିତ ବର୍ଷ କମ ବୃଷ୍ଟିପାତ ଓ କେନାଲ ପାଣିର ଅଭାବ ଯୋଗୁଁ ଚାଷ କାର୍ଯ୍ୟ ପଛାଇଯାଇଛି। ଏଭଳି ସ୍ଥିତିରେ ଚାଷ ହୋଇଥିବା ଜମିରେ ସାର ପକାଇ ଅମଳକୁ ଟିକିଏ ବଢାଇବା ପାଇଁ ଚାଷୀ ତରତର ହେଉଥିବା ଦେଖି ବେପାରୀମାନେ ସାରର ଅହେତୁକ ମୂଲ୍ୟବୃଦ୍ଧି କରିବା ଚାଷୀଙ୍କ ପାଇଁ ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି । ଏହି ଜିଲ୍ଲାର ପ୍ରତ୍ୟେକ ଚାଷୀମାନଙ୍କ ମୁଖ୍ୟ ପସନ୍ଦ ହେଉଛି ୨୮-୨୮-୦ଗ୍ରୋମୋର ସାର। ତଳି ରୁଆ ସମୟରେ ଏହି ସାର ପ୍ରୟୋଗ ଦ୍ୱାରା ଧାନ ଗଛ ଗୁଡ଼ିକ ଭଲ ବୁଦା ହେଉଥିବା ଯୋଗୁ ଚାଷୀମାନେ ରୁଆ



ସମୟରେ ଗ୍ରୋମର ସାର ବହୁଳ ବ୍ୟବହାର କରିଥାନ୍ତି । ତେବେ ଏହାର ବେଶୀ ଚାହିଦା ଥିବାରୁ ଏହାର ବଜାର ଦାମ୍ ହୁ ହୁ ହୋଇ ବୃଦ୍ଧି ପାଉଛି। ଏପରିକି ସାର ମହଜୁତ ରଖାଯାଇ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ମୁହୂର୍ତ୍ତରେ ଏହି ବେପାରୀମାନେ ଚୋରା ସାରକୁ ଅଧିକ ଦାମରେ ବିକ୍ରି କରୁଥିବା ଚାଷୀମାନେ ପ୍ରକାଶ କରୁଛନ୍ତି। ଏହି ସାରର ୫୦କିଗ୍ରା ପ୍ୟାକେଟକୁ ୧୭୦୦ ରହିଥିବା ବେଳେ ଏହାକୁ ୨୦୦୦ ହଜାର ଟଙ୍କାରେ ବିକ୍ରି କରାଯାଉଛି। ତେବେ ଡ଼ିଏପି ସାର ବନ୍ଦ ହୋଇଯିବାରୁ ତା ବଦଳରେ ୨୦-୨୦-୧୩ ସାର ବଜାରରେ ଉପଲବ୍ଧ ହେଉଥିବାରୁ ଏହା ଚାଷୀ ମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି । ଜଗତସିଂହପୁର ଜିଲ୍ଲାରେ ୨୭ଟି ହୋଲସେଲ ଗୋଦାମ ରହିଥିବା ବେଳେ ୨୭୩ ଟି ରିଟେଲର ଦୋକାନ ପଞ୍ଜିକୃତ ହୋଇଛି। ସରକାର ପଟାସ ସାରର ମୁଲ୍ୟ ୫୦ କେଜି କୁ ୧୫୫୦ ଓ ୟୁରିଆ ୪୫ କେଜି ପ୍ୟାକେଟକୁ ୨୬୬ ଟଙ୍କା ଧାର୍ଯ୍ୟ କରିଛନ୍ତି। ମାତ୍ର ହୋଲସେଲ ରେଟ ଠାରୁ ରିଟେଲର ବା ଖୁଚୁରା ବିକ୍ରୟ କେନ୍ଦ୍ର ଗୁଡ଼ିକରେ ପାଖାପାଖି ୩୦୦ ରୁ ୪୫୦ ଟଙ୍କା ପର୍ଯ୍ୟନ୍ତ ଉଚ୍ଚା ଦର ରହୁଥିବା ଚାଷୀ ଅଭିଯୋଗ କରୁଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି । ଏହା ସହିତ ନାଉଗାଁ ବ୍ଲକର ମେନକା ଭଣ୍ଡାର ନାମରେ ଥିବା ସ୍ୱୀକୃତିପ୍ରାପ୍ତ ସାର ଦୋକାନ ବହୁ ରିଟେଲର ନଥିବା ବ୍ୟକ୍ତିଙ୍କୁ ସାର ଯୋଗାଣ କରି ଅସାଧୁ ବ୍ୟବସାୟୀଙ୍କୁ ପୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ଏହି ଅସାଧୁ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବୀ କରୁଥିବା ବେଳେ ଜିଲ୍ଲା କୃଷି ବିଭାଗ ଅସାଧୁ ବ୍ୟବସାୟୀଙ୍କୁ ସୁରକ୍ଷା ଯୋଗାଉଛି । ଏହା ବାବଦରେ ଜିଲ୍ଲା କୃଷି ନିର୍ଦ୍ଦେଶକ ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟଙ୍କୁ ସାର ଚଢା ଦର ଓ କଳା ବଜାରି ବାବଦରେ ପଚାରିବାରୁ ସେ ଜିଲ୍ଲାରେ ସେଭଳି ହେଉନାହିଁ ବୋଲି ଗଣମାଧ୍ୟମକୁ ସଫେଇ ଦେଇଥିଲେ । ମାତ୍ର ସାର ଚଢା ଦରରେ ବିକ୍ରି ହେଉଥିବା ଚାଷୀ ଅଭିଯୋଗକୁ ରାଜ୍ୟ ସରକାର ଗ୍ରହଣ କରି ଦୃଢ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି ।

## ଦୁଇ ବଖରା ଘର ସହ ୨ଗୋରୁ ଜୀବନ୍ତ ଦଗ୍ଧ

**ରାଜନଗର, ୧୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଲାପୁର ଗାଁରେ ଗତକାଲି ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ସହ ୨ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସୂଚନା ମୁତାବକ ଏହି ଗାଁର ଗଂଗାଧର ଦାସ ପରିବାର ସହ ଘରେ ଶୋଇଥିଲେ। ଘରକୁ ଲାଗିଥିବା ଗୁହାଳ ଘରେ ଗାଈ ଓ ବାଛୁରୀ ବନ୍ଧା ହୋଇଥିଲେ। ମଶା ଅଧିକ ହେଉଥିବାରୁ ଗୁହାଳ ବାହାରେ ଧୂଆଁ ଦେଇଥିଲେ। ଗତକାଲି ରାତି ପ୍ରାୟ ୧୧ଟା ବେଳେ ନିଆଁ ଲାଗିବା ଯୋଗୁ ଧୂଆଁରେ ଅଣନିଶ୍ୱାସୀ ହୋଇ ପରିବାର ଲୋକେ ଜୀବନ ବଂଚାଇ ବାହାରକୁ ଚାଲି ଆସିଥିଲେ। ମାତ୍ର ଗୁହାଳ ଘର ମଧ୍ୟକୁ ନିଆଁ ଧାଶରେ ପଶି ହୋଇନଥିଲା। ଚାହୁଁ



ଚାହୁଁ ଗୁହାଳ ଘର ସହିତ ୨ ବଖରା ଘର ପୋଡି ପାଉଁଶ ହୋଇଯାଇଥିଲା। ଦମକଳ ଗାଡି ଆସିବା ବେଳକୁ ସବୁକିଛି ପୋଡି ପାଉଁଶ ହୋଇସାରିଥିଲା। ଗୁହାଳ ଘର ଭିତରେ ଗର୍ଭବତୀ ଗାଈ ଓ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏଥିସହିତ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଆଜି ବ୍ଲକ ପଶୁ ଚିକିତ୍ସା ଅଧିକାରୀ ଓ ରାଜସ୍ୱ ନିରୀକ୍ଷକ ବିପନ୍ନ ପରିବାର ନିକଟରେ ପହଁଚି ସମବେଦନା ଜଣାଇଛନ୍ତି। ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ବିଜେଡି ସଭାପତି ନିରଂଜନ ରାଉତ, ପୂର୍ବତନ ସରପଂଚ ଶ୍ରୀକାନ୍ତ ପ୍ରଧାନ, ସମିତିସଭ୍ୟା ଉତମା ସେଠୀ, ସୂର୍ଯ୍ୟମଣି ଜେନା, ନିରାକାର ସ୍ୱାଇଁ, ସୁରେନ୍ଦ୍ର ସେଠୀ, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କୁମାର ଜେନା, ସରପଂଚ ସମୀର କୁମାର ସେଠୀ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ବିଧାୟକ ଆର୍ଥିକ ସହାୟତା ଦେବା ସହିତ ବିପନ୍ନ ପରିବାରକୁ କିପରି ସମସ୍ତ ସରକାରୀ ସହାୟତା ଯୁଦ୍ଧକାଳୀନ ଭିତିରେ ମିଳିବ, ସେ ନେଇ ଜିଲ୍ଲା ପ୍ରଶାସନ ସହ କଥା ହୋଇଛନ୍ତି।

### ନାଟୁଗାଁ ସରପଞ୍ଚ ସାଗରବାଳାଙ୍କ ଅଭିନବ ପ୍ରୟାସ

## ବିଦ୍ୟାଳୟ ପରିଚାଳନାର ସ୍ଥିତି ପରଖିଲେ



**ନୟାଗଡ଼, ୧୯ (ସଂଚାର ବ୍ୟୁରୋ):** ଲୋକଙ୍କ ପାଇଁ ଭଲ କାମ କରି ସବୁବେଳେ ଚର୍ଚ୍ଚା ରହି ଆସୁଥିବା ବେଳେ ଆଜି ହଠାତ୍ ପଞ୍ଚାୟତ ର ୨୯ ତମ ବୈଠକ ଚାଲୁଥିବା ବେଳେ ନେଇଥିଲେ ଏକ ଅଭିନବ ପ୍ରୟାସ । ହଠାତ୍ ସମସ୍ତ ନିର୍ବାଚିତ ୱାର୍ଡ ମେମ୍ବର ମାନଙ୍କ ସହିତ ସମିତି ସଭ୍ୟା ତୋଫାନୀ ଦାସଙ୍କ ସହ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ତଥା ଆକାଉଣ୍ଟ କମ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ସାଥିରେ ନେଇ ଯାଇଥିଲେ । ପଞ୍ଚାୟତ ପରିସରରେ ଥିବା ସମସ୍ତ ଗ୍ରାମରେ ହୋଇଥିବା ଉନ୍ନତି ମୂଳକ କାର୍ଯ୍ୟ ଦେଖିବା ପାଇଁ ପଞ୍ଚାୟତ ଅନୁଦାନ ରେ ହୋଇଥିବା ସ୍କୁଲ ଡେଭଲପମେଣ୍ଟ କାର୍ଯ୍ୟ ଦେଖି ସମସ୍ତେ ଖୁସି ବକ୍ତ କରିଥିଲେ । ଏମିତି କି ବିଦ୍ୟାଳୟ ପରିଚାଳନା କରିବାର ସ୍ଥିତି ପରଖିଥିଲେ ସରପଞ୍ଚ । ସାଲୁଣି ସ୍କୁଲ ରେ ଚାଲିଥିବା ଶିକ୍ଷା ଦାନ ଓ ପରିଷ୍କାର ପରିଚ୍ଛନ୍ନ ଦେଖି ସମସ୍ତେ ଆନନ୍ଦିତ ହେବା ସହ ଶିକ୍ଷକ ଙ୍କୁ ଧନ୍ୟବାଦ୍ ଦେଇଥିଲେ । ନାଟୁଗାଁ ସ୍କୁଲର ପରିବେଶ ଦେଖିବା ସହ ସଜନାପଡା ହାଇସ୍କୁଲର ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଆଗାମୀ ଦିନରେ ଏହି ସ୍କୁଲରେ କେମିତି ଅଧିକରୁ ଅଧିକ ପିଲା ହେବେ ସେ ବିଷୟରେ ସମସ୍ତ ୱାର୍ଡ ମେମ୍ବର ମାନଙ୍କୁ ଅବଗତି କରାଇଥିଲେ। ସଜନାପଡା ପ୍ରାଇମେରୀ ସ୍କୁଲ୍ରେ ଶିକ୍ଷାଦାନ ଠିକ୍ ହେଉନାହିଁ ବୋଲି ଲୋକମାନେ ଅଭିଯୋଗ କରିଥିଲେ । ସେ ବିଷୟରେ ସରପଞ୍ଚ ସାଗରବାଳା ବରାଡ଼ ଶିକ୍ଷକଙ୍କ ସହିତ ଆଲୋଚନା କରି ଶିକ୍ଷା ଦାନକୁ ଗୁରୁତ୍ୱ ଦେବାକୁ କହିଥିଲେ । ଏହି କାର୍ଯ୍ୟ ଦେଖି ପଞ୍ଚାୟତର ବୁଦ୍ଧିଜୀବୀ ମାନେ ବହୁତ ପ୍ରଶଂସା କରୁଥିଲେ।

### ଜନସ୍ୱାସ୍ଥ୍ୟ ବିଭାଗର ଜେନେରେଟର କାହା ସ୍ୱାର୍ଥରେ ?

## ପାଣି ପାଇଁ ଉହଲବିକଳ ହେଲେ ସହରବାସୀ

**କେନ୍ଦ୍ରାପଡ଼ା, ୧୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାରେ ଗତ ବୁଧୁବାର ଦିନ ବିଦ୍ୟୁତ ବିଭ୍ରାଟ ହେବାରୁ କେନ୍ଦ୍ରାପଡ଼ା ପୌରାଅଞ୍ଚଳରେ ବିଦ୍ୟୁତ ସରବାରହା ୨୦ ଘଣ୍ଟା ବନ୍ଦ ଥିଲା । ବୁଧୁବାର ଅପରାହ୍ନ ୩ଟାରୁ ବିଦ୍ୟୁତ କାଟ ହୋଇଥିବା ବେଳେ ଗୁରୁବାର ପୂର୍ବାହ୍ନ ୧୧ଟାରେ ବିଦ୍ୟୁତ ଯୋଗାଣ ହୋଇଥିଲା । ଏହାଦ୍ୱାରା ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଫଳରେ ସହରାଞ୍ଚଳବାସି ବିଦ୍ୟୁତ ସେବା ନପାଇ ଛଟପଟ ହୋଇଥିଲେ । ବିଶେଷ କରି ନବଯାତ ଶିଶୁ, ଛୋଟ ଛୋଟ ପିଲା, ବରିଷ୍ଠ ନାଗରି ବହୁ ହଇରାଣ ହରକତ ହୋଇଥିବା ଦେଖାଦେଇଛି ।

ସବୁଠୁ ବଡ ସମସ୍ୟା ଥିଲା ଲୋକେ ପିଇବା ପାଇଁ ପାଣି । କାରଣ ପୌରାଞ୍ଚଳ ଅଧିକାଂଶ ଲୋକ ଜନସ୍ୱାସ୍ଥ୍ୟ ବିଭାଗ ଯୋଗାଉ ଥିବା ପାନୀୟ ଜଳ ଉପରେ ନିର୍ଭର କରନ୍ତି । ଜନସ୍ୱାସ୍ଥ୍ୟ ବିଭାଗ ସକାଳେ ଓ ଅପରାହ୍ନରେ ପାନୀୟ ଜଳ ଯୋଗାଇ ଥାଏ । ସେହି ଅନୁଯାୟୀ ଲୋକେ ଟାଙ୍କିରେ ପାଣି ରଖି ବ୍ୟବହାର କରିଥାନ୍ତି । ହେଲେ ବୁଧବାର ଜଳ ଯୋଗାଣ ପୂର୍ବରୁ ବିଦ୍ୟୁତ କାଟ ହୋଇଥିଲା । ଫଳରେ ଲୋକଙ୍କ ଟାଙ୍କିରେ ପାଣି ସରି ଯାଇଥିଲା। ଲୋକେ ଭାବିଥିଲେ ରାତି ସୁଧା ବିଦ୍ୟୁତ ସମସ୍ୟା ସମାଧାନ ହୋଇଯିବ। କିନ୍ତୁ ସେ ସମସ୍ୟା ସମାଧାନ ହୋଇ ପାରିଲା ନାହିଁ । ଏପରିକି ଗୁରୁବାର ସକାଳେ ଲୋକେ ସ୍ନାନ ଶୌଚ କରିବାତ ଦୂରର କଥା



**ବିଧାନସଭାରେ ଗଣେଶ୍ୱରଙ୍କ ଉଦ୍‌ବେଗ**

ପିଇବାକୁ ପାଇଁ ମଧ୍ୟ ପାଣି ପାଇ ନଥିବା ଦେଖିବାକୁ ମିଳିଛି । ଯେଉଁ ବିଭ୍ରାଟ ସୃଷ୍ଟି ହୋଇଥିଲା ତାହାର ସମାଧାନ କରିବା ପାଇଁ କେନ୍ଦ୍ରାପଡ଼ାର ବିଦ୍ୟୁତ ବିଭାଗର ଯନ୍ତ୍ରୀମାନେ ସକ୍ଷମ ହେଲେ ନାହିଁ। ଫଳରେ ଭୁବନେଶ୍ୱର ଡିଭିଜନରୁ ଯନ୍ତ୍ରୀମାନେ ଗୁରୁବାର ସକାଳେ କେନ୍ଦ୍ରାପଡ଼ାରେ ପହଞ୍ଚି ବିଦ୍ୟୁତ ବିଭ୍ରାଟ ସମସ୍ୟା ପୂର୍ବାହ୍ନ ୧୧ଟାରେ ସମାଧାନ କରିଥିଲେ । କେନ୍ଦ୍ରାପଡ଼ା ପୌରପାଳିକା ଅଞ୍ଚଳରେ ଥିବା ତିନିମୁହାଣୀ, କଜଳା, ଏକଣାଖଣ୍ଡି, ଗୋପ, ଚୌରୀ ବ୍ରହ୍ମପୁର, ବଡ଼ହାଟ, ଟାଉନବଳରାମପୁର, ଇଚ୍ଛାପୁର, ଟାଉନ୍ ପମ୍ପହାଉସ ଓ ହଜାରୀ ବଗିଚା ପ୍ରମୁଖ ସ୍ଥାନରେ ୧୪ଟି ପମ୍ପ ହାଉସ ରହିଛି । ପ୍ରତି ପମ୍ପ ହାଉସରେ ଜେନେରେଟର ବ୍ୟବସ୍ଥା ଅଛି । ହେଲେ ଜନସ୍ୱାସ୍ଥ୍ୟ ବିଭାଗ ଜେନେରେଟର ଲଗାଇ ଲୋକଙ୍କୁ ଜଳ ଯୋଗାଣ କଲା ନାହିଁ। ତେଣୁ ଲୋକେ ସ୍ନାନ ଓ ଶୌଚ କି ପିଇବାକୁ ପାଣି ଟୋପେ ପାଇଲେ ନାହିଁ ବୋଲି ସହରବାସୀ ଅଭିଯୋଗ କରିଛନ୍ତି । ଜନସ୍ୱାସ୍ଥ୍ୟ ବିଭାଗ ଲୋକଙ୍କ ମୌଳିକ ସ୍ୱାର୍ଥକୁ ପୂରଣ କରିବାକୁ ଆଖିବୁଜି ଦେଲା ବିଭାଗ। ତେଣୁକରି କାହା ସ୍ୱାର୍ଥରେ ରହିଛି ବିଭାଗ। ଏହି ଭଳି ଦାୟିତ୍ୱ ହୀନତା ପାଇଁ ସହରବାସୀ ଅସନ୍ତୋଷ ଜାହିର କରିଛନ୍ତି । ଲାଇନ କାଟିଲା ଯେତେ କଷ୍ଟ ଦେଇନାହିଁ ବରଂ ପାଣି ଟୋପେ ନମିଳିବା କଷ୍ଟକୁ ଦ୍ୱିଗୁଣିତ କରିଛି ।

ଯାହାକୁ ନେଇ କେନ୍ଦ୍ରାପଡ଼ା ବିଧାୟକ ବିଧାନସଭାରେ ପ୍ରଶ୍ନ ପଚାରିବା ସହ ଉଦବେଗ ପ୍ରକାଶ କରିଛନ୍ତି । ଜେନେରେଟର ଥାଇ ମଧ୍ୟ କାହିଁକି ଲୋକଙ୍କୁ ପାଣି ଯୋଗାଇ ଦିଆଗଲା ନାହିଁ ସେଥିନେଇ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶ୍ରୀ ବେହେରା ଦାବି କରିଛନ୍ତି ।

### ଯୋଡାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

## ଅନେକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ

**ଯୋଡା, ୧୯ (ସଂଚାର ବ୍ୟୁରୋ):** ଯୋଡା ପୌରପାଳିକା ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଯୋଡା ପୌରପାଳିକାର ପୌରାଧ୍ୟକ୍ଷ ଡାଃ ଜଗଦୀଶ ପ୍ରସାଦ ସାହୁ ଓ ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ରଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ଓ କର୍ମଚାରୀଙ୍କୁ ନେଇ ସହର ମଧ୍ୟରେ ଥିବା ମହାତ୍ମା ଗାନ୍ଧୀ,ଗୋପବନ୍ଧୁ ଦାସ, ଧରଣୀଧର ଛକରେ ଥିବା ଧରଣୀଧର ଭୂୟାଁ, ବନେଇକଳା ବସ୍ତି ଛକରେ ନେତାଜୀ ସୁବାଷ ବୋଷ, ଯୋଡ଼ା ବସ୍ତି ଛକରେ ଡ.ବି ଆର ଆମ୍ବେଦକର, କଳାପାହାଡ଼ ଠାରେ ଭଗବାନ ବିର୍ସା ମୁଣ୍ଡା ମହାପୁରୁଷଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ପୌର କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଦିବସ ଉପଲକ୍ଷେ ପୌର କାର୍ଯ୍ୟାଳୟ ପକ୍ଷରୁ ବୃଦ୍ଧାଶ୍ରମରେ ଫଳ ଓ ମିଷ୍ଟାନ ବଣ୍ଟନ କରାଯିବା ସହିତ ଯୋଡାର କେନ୍ଦ୍ରୀୟ ଚିକିତ୍ସାଳୟ, କମାରଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ଟାଟାଷ୍ଟିଲ ଚିକିତ୍ସାଳୟ ରୋଗୀଙ୍କୁ ଫଳ ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ



ସମେତ କଳାପାହାଡ ଠାରେ ଏକ ସେଲ୍ଫି ପଏଣ୍ଟ ଉଦଘାଟନ ହୋଇଥିଲା । ଏଥିସହିତ ଯୋଡା ପୌରପାଳିକା ବିଛାକୁଣ୍ଡି ଦଲପାହାଡ ବସ୍ତି ମୁକ୍ତା ଯୋଜନାରେ ନିର୍ମିତ ପାର୍କ, ଜ୍ୟୋତି ନଗରରେ ଗୋଷ୍ଠି ଶୌଚାଳୟ, ଯୋଡ଼ା ପୌର ପାଳିକା ଓ ଟାଟାଷ୍ଟିଲର ମିଳିତ ସହଯୋଗରେ ଆମ ବାଗନରେ ଗୌତମ ବୁଦ୍ଧ ପାର୍କ ଲୋକାର୍ପିତ ହୋଇଥିବା ବେଳେ ବାଂଶପାଣି ଟୋଲ ଗେଟ ଛକ ଠାରୁ ବେହେରା ହଟିଂ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ ହୋଇଥିଲା। ଏହି ଅବସରରେ ପୌର କାର୍ଯ୍ୟାଳୟ ପରିସରରେ ସନ୍ଧ୍ୟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୌରପାଳିକା ପୌରାଧ୍ୟକ୍ଷ ଡଃ ଜଗଦୀଶ ପ୍ରସାଦ ସାହୁଙ୍କ ପୌରାହିତ୍ୟରେ ଆୟୋଜିତ ଏହି ସଭାରେ ଅତିରିକ୍ତ ତହସିଲଦାର ବିଶ୍ୱଜିତ ଦଳେଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଯୋଡ଼ା ଟାଟାଷ୍ଟିଲ ଯୋଡା ମୁଖ୍ୟ ରାଜେଶ କୁମାର, ସୁଧାକର ଦାସ ମୁଖ୍ୟବକ୍ତା ଯୋଡ଼ା ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ଓ ବିଭିନ୍ନ ୱାର୍ଡର କାଉନସିଲରମାନେ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଯୋଡ଼ା ସହରର ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ବିଦ୍ୟାଳୟରେ କୃତୀ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସ୍ୱାୟତ୍ତ ଶାସନ ଅବସରରେ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ବୁଦ୍ଧିଜୀବୀ,ସାମ୍ବାଦିକ ଓ ଜନସାଧାରଣ ଯୋଗ ଦେଇଥିଲେ ।

## ଜିଲ୍ଲା ସ୍କୁଲ୍ ସମ୍ପତ୍ତି ସୁରକ୍ଷା ପାଇଁ ଗଣଆନ୍ଦୋଳନ

**ବାଲେଶ୍ୱର, ୧୯ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ସ୍କୁଲ୍ ଭୂସମ୍ପତ୍ତିର ସୁରକ୍ଷା ପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ବ୍ୟାପକ ଜନସଚେତନତା ଓ ଗଣତାନ୍ତ୍ରିକ ଆନ୍ଦୋଳନ ନିମିତ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାସ୍କୁଲ୍ ପରିଚାଳନା କମିଟିର ସଭାପତି ସଂଜୀବ କୁମାର ମିଶ୍ର, ପୁରାତନ ଛାତ୍ର ସଂସଦର ସଭାପତି ଡା. ସୁରେନ୍ଦ୍ରନାଥ ସାହୁ, ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଓ ସଂପାଦକ ମନୋଜ ନାୟକଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନର ପ୍ରମୁଖ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉଠାଜଳସେଚନ କର୍ମଚାରୀ ଭବନରେ ଏହି ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୧୦ ତାରିଖ ଦିନ ଜିଲ୍ଲାପାଳଙ୍କ ଜରିଆରେ ଶିକ୍ଷାମନ୍ତ୍ରୀ ଓ ରାଜସ୍ୱ ବିଭାଗ ମନ୍ତ୍ରୀଙ୍କୁ ବାଲେଶ୍ୱର ଜିଲ୍ଲାର ଏହି ସର୍ବପୁରାତନ ଶିକ୍ଷାନୁଷ୍ଠାନର ଦଖଲରେ ଥିବା ଭୂସଂପତ୍ତିର ସୁରକ୍ଷା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମିତ୍ତ ଦାବିପତ୍ର ପ୍ରଦାନ କରାଯିବ।

ଗତ ୧୯୮୧ ମସିହାରେ ରାଜ୍ୟପାଳଙ୍କ ନିର୍ଦ୍ଦେଶରେ ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା ଓ ୨୦୦୨ ମସିହାରେ ତତ୍‌କାଳୀନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟିର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ସେପ୍ଟେମ୍ବର ୨୫ ଓ ୨୬ ତାରିଖ ଲଗାତର ଦୁଇଦିନ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଗତ ୧୮୫୩ ମସିହାରେ ପ୍ରତିଷ୍ଠିତ ବାଲେଶ୍ୱର ଜିଲ୍ଲାସ୍କୁଲ୍ ଦଖଲରେ ବର୍ତ୍ତମାନ ଥିବା ବିଦ୍ୟାଳୟ ପରିସର ଓ ଖେଳପଡ଼ିଆର ମୋଟ ପ୍ରାୟ ୧୭ ଏକର ଭୂସଂ ପରିକୁ ସ୍କୁଲ ନାମରେ ରେକର୍ଡ଼ଭୁକ୍ତ କରାଯାଇନଥିବାରୁ ସେହି ସଂପତ୍ତିକୁ ଜବର ଦଖଲ ପାଇଁ ବିଭିନ୍ନ ମହଲରୁ ଉଦ୍ୟମ ହେଉଛି । କିଛିଦିନ ଧରି କେତେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଏହି ସଂପତ୍ତିର




କିଛି ଅଂଶ ଜବର ଦଖଲ କରିଥିବାବେଳେ ପୌରପରିଷଦ ପକ୍ଷରୁ ସ୍କୁଲର ଖେଳପଡ଼ିଆରେ ଏକ କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେଣୁ ସମସ୍ତ ଜବରଦଖଲ ଉଚ୍ଛେଦ ସହ ଏହି ପୁରାତନ ଶିକ୍ଷାନୁଷ୍ଠାନର ଭୂସଂପରି ସୁରକ୍ଷା ପାଇଁ ପଥପ୍ରାନ୍ତ ସଭା, ପ୍ରଚାରପତ୍ର ବଣ୍ଟନ ଓ ସାମ୍ବାଦିକ ସମ୍ମିଳନୀ ଜରିଆରେ ଜନସାଧାରଣଙ୍କ ବ୍ୟାପକ ସମର୍ଥନରେ ପ୍ରସ୍ତାବିତ ଗଣତାନ୍ତ୍ରିକ ଆନ୍ଦୋଳନକୁ ସଫଳ କରିବାକୁ ଏହି ବୈଠକରେ ଆଶା ପ୍ରକାଶ କରାଯାଇଛି ।

## ଆୟୁଶ ଡାକ୍ତରଙ୍କ ଅସନ୍ତୋଷ

**କଣାସ, ୧୯ (ସଂଚାର ବ୍ୟୁରୋ):** ରାଜ୍ୟରେ ଏନ.ଏଚ୍.ଏମ୍ ଅଧିନରେ କାର୍ଯ୍ୟ କରୁଥିବା ଶହଶହ ଆୟୁଶ ଡାକ୍ତରମାନଙ୍କ ଚାକିରୀ ୧୭ବର୍ଷ ପରେ ମଧ୍ୟ ଅବହେଳି ଓ ଅସ୍ଥାୟୀ ଅବସ୍ଥା ମଧ୍ୟରେ ରହିଛି। ବାରମ୍ବାର ସରକାରଙ୍କ ନିକଟରେ ଦାବି କରାଯାଇ ଆସୁଥିଲେ ମଧ୍ୟ ବିଗତ ସରକାର କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରି ନ



ଥିଲେ। ବର୍ତ୍ତମାନର ନୂତନ ସରକାର ମାନ୍ୟବର ବିଭାଗୀୟ ମନ୍ତ୍ରୀଙ୍କ ମାଧ୍ୟମରେ ଏ ବିଷୟରେ ଓଡିଶା ଆୟୁଶ ଚିକିତ୍ସକ ମହାସଂଘର ତରଫରୁ ସ୍ୱତନ୍ତ୍ର ଭାବେ ଅବଗତ କରାଯାଇଛି । ଆଶା କରାଯାଉଛି ବିଭାଗୀୟ ମାନ୍ୟବର ମନ୍ତ୍ରୀ ଏ ବିଷୟକୁ ଗୁରୁତ୍ୱର ସହ ବିଚାର କରିବେ ଓ ଯଥା ଶୀଘ୍ର ବର୍ଦ୍ଧିତ ଦରମା ସହ ଚାକିରୀ ସ୍ଥାୟୀକରଣ ଓ ଅନ୍ୟାନ୍ୟ ସତ୍ ସଂଲଗ୍ନ ଦୀର୍ଘ ଦିନ ସମସ୍ୟା ସମାଧାନ ଦିଗରେ ଆଶୁ ପଦେକ୍ଷପ ନେବେ । ରାଜ୍ୟର ସ୍ୱାସ୍ଥ୍ୟ ସେବାରେ ୨୦୦୭ ମସିହାରୁ ଆଦ୍ୟାବଧି ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଥିବା ଆୟୁଶ ଡାକ୍ତରମାନଙ୍କ ଦୁଃଖ ଓ କ୍ଷୋବର ଆଶୁ ସମାଧାନ ନିମିତ ଉଚିତ ପଦଦେଖି ନେବାପାଇଁ ଓଡିଶା ଆୟୁଶ ଚିକିତ୍ସା ମହାସଂଘର ରାଜ୍ୟ ସଭାପତି ଡାକ୍ତର ବିଶ୍ୱରଂଜନ ଜେନା, ରାଜ୍ୟ ସଂପାଦକ ଡାକ୍ତର ପ୍ରଦୀପ କୁମାର ଚମ୍ପତି, ଆବାହକ ଡାକ୍ତର ସୁବ୍ରତ କୁମାର ମହାପାତ୍ର ପ୍ରମୁଖ ସରକାରଙ୍କ ନିକଟରେ ପୂର୍ଣ୍ଣବାର ଅନୁରୋଧ ରଖିବା ସହ ଆଗାମୀ ଦିନରେ ସରକାରଙ୍କ ଲୋକାଭମୁଖୀ କାର୍ଯ୍ୟ ସମୂହରେ ଆୟୁଶ ଚିକିତ୍ସା ନିରବଚ୍ଛିନ୍ନ ସହଭାଗିତା ଓ ସହଯୋଗକୁ ସୁନିଶ୍ଚିତ କରିଛନ୍ତି ।

## ଖେଳାଳିଙ୍କୁ ସର୍ବୋତ୍ତମ ସୁବିଧା ଓ ସହାୟତା ଦିଆଯିବ

**ଭୁବନେଶ୍ୱର, ୧୯ (ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମାଙ୍କ ସହ କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ କମ୍ପ୍ଲେକ୍ସ ପରିଦର୍ଶନ କରି ସେଠାରେ ଥିବା ବିଭିନ୍ନ ସୁବିଧା ସୁଯୋଗ ସଂପର୍କରେ ଅନୁଧ୍ୟାନ ଓ ଆଲୋଚନା କରିଥିଲେ ।



ମୁଖ୍ୟ ଶାସନ ସଚିବ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଇଣ୍ଡୋର ଆଥଲେଟିକ୍ସ ସେଣ୍ଟର, ଫୁଟବଲ ଷ୍ଟାଡିୟମ, ଭାରୋତ୍ତଳନ କେନ୍ଦ୍ର, ଜିମ୍ନାଷ୍ଟିକ୍ ସେଣ୍ଟର, ଆକ୍ୱାଟିକ୍ ସେଣ୍ଟର, ହକି ହାଇ ପରଫର୍ମାନ୍ସ ସେଣ୍ଟର, ହକି ଷ୍ଟାଡିୟମ ଓ ବ୍ୟାଡମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର ପରିଦର୍ଶନ କରିଥିଲେ । ଏହାପରେ ସେ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହି ଗସ୍ତ ସମୟରେ ମୁଖ୍ୟ ଶାସନ ସଚିବ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକଙ୍କ ସହ ଅର୍ଥପୂର୍ଣ୍ଣ ଆଲୋଚନା କରିବା ସହ ସେମାନଙ୍କ ପ୍ରଶିକ୍ଷଣ ପ୍ରକ୍ରିୟା ଓ କମ୍ପ୍ଲେକ୍ସରେ ଅନୁଭୂତି ସମ୍ପର୍କରେ ଅବଗତ ହୋଇଥିଲେ । ଖେଳାଳିଙ୍କ ପ୍ରଦର୍ଶନ ଓ ସୁସ୍ଥତା ପାଇଁ ଷ୍ଟାଡିୟମରେ ଚାଲିଥିବା ହାଇ ପରଫର୍ମାନ୍ସ ସେଣ୍ଟରର କାର୍ଯ୍ୟକ୍ରମ ସମ୍ପର୍କରେ ସେ ପଚାରି ବୁଝିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କ୍ରୀଡ଼ା କ୍ଷେତ୍ରରେ କ୍ରୀଡ଼ା ବିଭାଗର ପଦକ୍ଷେପକୁ ପ୍ରଶଂସା କରିବା ସହ କ୍ରୀଡ଼ାବିତ୍ ମାନେ ଯେପରି ସର୍ବୋଚ୍ଚ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରି ଦେଶ ପାଇଁ ଗୌରବ ଆଣିପାରିବେ , ସେଥିପାଇଁ ସର୍ବୋତ୍ତମ ସୁବିଧା ଓ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

## ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ଛାତ୍ରଙ୍କ ପରିବାରକୁ ଭେଟିଲେ ପ୍ରଣବ



**ଯାଜପୁର, ୧୯ (ସଂଚାର ବ୍ୟୁରୋ):** ଯାଜପୁର ପୌରପାଳିକା ଅନ୍ତର୍ଗତ ୱାର୍ଡ଼ ନମ୍ବର ୧୪ର ମେଧବି ଛାତ୍ର ସୁଭଜ୍ୟୋତି ବୋଷଙ୍କର କିଛିଦିନ ତଳେ ହୃଦଘାତରେ ଅକାଳ ବିୟୋଗ ଘଟିଥିଲା। ଆଜି ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ପହଞ୍ଚି ଶୋକସନ୍ତପ୍ତ ପରିବାକୁ ଭେଟି ଦୁଃଖରେ ଭାଙ୍ଗିପଡ଼ିଥିବା ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଣବଙ୍କ ସହ ଅଶୋକ ଦାସ ଫାଉଣ୍ଡେସନ ମହାସଚିବ ଭବପ୍ରସାଦ ଦାସ, ସ୍ଥାନୀୟ କାଉନସିଲର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଶ୍ୱ ଦକ୍ଷତା କେନ୍ଦ୍ରରେ ମୁଖ୍ୟ ଶାସନ ସଚିବ

# ଦକ୍ଷ ମାନବ ସମ୍ବଳ ସୃଷ୍ଟିରେ ପ୍ରମୁଖ ଭୂମିକା ନେଉଛି

**ଭୁବନେଶ୍ୱର, ୧୯ (ସଂଚାର ବ୍ୟୁରୋ):** ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଭୁବନେଶ୍ୱର ମଞ୍ଚେଶ୍ୱରଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ଥାପନ କରାଯାଇଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି । ଓଡ଼ିଶାର ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ସହିତ ସେମାନଙ୍କ ଦକ୍ଷତାକୁ ବ୍ୟାପକ କରିବା ପାଇଁ ସ୍ଥାପିତ ଏହି କେନ୍ଦ୍ର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଦିଗରେ ବିଶେଷ ସହାୟକ ହେଉଛି । ଆଗାମୀ କାଲିର ଶିଳ୍ପ ଦୁନିଆ ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ନେଉଛି ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି । ମୁଖ୍ୟ ଶାସନ ସଚିବ ଆଜି ବିଶ୍ୱ ଦକ୍ଷତା କେନ୍ଦ୍ରର ପରିଦର୍ଶନ କରି କେନ୍ଦ୍ରରେ ଚାଲୁ ରହିଥିବା ବିଭିନ୍ନ ପ୍ରଶିକ୍ଷଣ ଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜାଙ୍କ ସହ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏନ. ବି. ଏସ୍ ରାଜପୁତ ଯୋଗ ଦେଇଥିଲେ ।



ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ଥିବା ମୋଟ ୭ଟି ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପ୍ରାକ୍ଟିକାଲ ସୁବିଧା ଦେବା ପାଇଁ ଅନ୍ତର୍ଜାତୀୟ ମାନର ପରୀକ୍ଷାଗାର ସ୍ଥାପନ କରାଯାଇଛି । ଏହି ଅବସରରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଲାବୋରେଟୋରୀ ବୁଲି ଦେଖିଥିଲେ । ତାଲିମ ପାଠ୍ୟକ୍ରମରେ ଏହା କିପରି ସହାୟକ ହେଉଛି ସେ ବିଷୟରେ ମୁଖ୍ୟ ଶାସନ ସଚିବ ଛାତ୍ରଛାତ୍ରୀ ଓ ପ୍ରଶିକ୍ଷକଙ୍କଠାରୁ ପଚାରି ବୁଝିଥିଲେ । ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ପାଠ୍ୟକ୍ରମ ଶେଷ ହେବା ପରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ନିଯୁକ୍ତି କାର୍ଯ୍ୟକ୍ରମ ଜରିଆରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ପ୍ରମୁଖ କମ୍ପାନୀରେ ନିଯୁକ୍ତି ସୁଯୋଗ ଦିଆଯାଉଛି। ମୁଖ୍ୟ ଶାସନ ସଚିବ ଏ ବିଷୟରେ ଜାଣିବା ସହିତ ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ ।

ମୁଖ୍ୟ ଶାସନ ସଚିବ କହିଥିଲେ ଯେ, "ଓଡ଼ିଶାର ଯୁବପିଢ଼ିଙ୍କ ଭିତରେ ଯେଉଁ ଅନନ୍ୟ ଦକ୍ଷତା ରହିଛି, ଏହାକୁ ଶାଣିତ କରିବା ସହିତ ଆଗାମୀ କାଲିର ଆଧୁନିକ ଶିଳ୍ପ ଦୁନିଆ ପାଇଁ ଆବଶ୍ୟକ ଯୁବ ମାନବ ସମ୍ବଳ ପ୍ରସ୍ତୁତି ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଛି" । ଫଳରେ ଓଡ଼ିଶାରେ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିଛି । ଓଡ଼ିଶାର ଯୁବପିଢ଼ିଙ୍କୁ ଆତିଥେୟତା ଓ ଆନୁଷଙ୍ଗିକ କ୍ଷେତ୍ରରେ ପ୍ରଶିକ୍ଷଣ ଦେବା ଲାଗି ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ରହିଛି ରାଜ୍ୟର ପ୍ରଥମ 'କୌଶଳ ଭବନ'। ମୁଖ୍ୟ ଶାସନ ସଚିବ ଏହି କୌଶଳ ଭବନ ପରିଦର୍ଶନ କରିଥିଲେ। ଓଡ଼ିଶାର ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ ପାଇଁ ଏଠାରେ ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତାହା ସେ ବୁଲି ଦେଖିଥିଲେ। ରାଜ୍ୟ ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ବରିଷ୍ଠ ଅଧିକାରୀମାନଙ୍କ ସହିତ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ ।

## ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ପରଲୋକ



**ଭୁବନେଶ୍ୱର, ୧୯ (ସଂଚାର ବ୍ୟୁରୋ):** ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କର ଆଜି ଭୋର ପ୍ରାୟ ୪ଟା ସମୟରେ ପରଲୋକ ଘଟିଛି। ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ହୋଇଥିଲା। ଅଶ୍ୱିନୀ ଗୁରୁ ୧୯୮୦ରେ ସମ୍ବଲପୁରରୁ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ବିଧାୟକ ରହିଥିଲେ। ୨୦୧୮-୨୦୨୨ ପର୍ଯ୍ୟନ୍ତ ସମ୍ବଲପୁରର କଂଗ୍ରେସର ଜିଲ୍ଲା ସଭାପତି ଓ ଏଆଇସିସି ସଦସ୍ୟ ରହିଥିଲେ। ବ୍ରଜରାଜନଗର ସ୍ଥିତ ହରିଓଁ ବିହାର ବାସଭବନରେ ତାଙ୍କ ମରଶରୀରକୁ ରଖାଯାଇଛି। ନେତା ଓ କର୍ମୀ ପୂର୍ବତନ ବିଧାୟକଙ୍କୁ ଶେଷ ଦର୍ଶନ କରିଛନ୍ତି।

## ଲାୟନ୍ସ କ୍ଲବ୍ ପକ୍ଷରୁ କ୍ୟାଣ୍ଡେଲ ଯାତ୍ରା

**ଭୁବନେଶ୍ୱର, ୧୯ (ସଂଚାର ବ୍ୟୁରୋ):** କୋଲକତାର ଆର.ଜି. କର ହସ୍ପିଟାଲର ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ମିଳିବା ପାଇଁ ଲାୟନ୍ସ କ୍ଲବ ଭୁବନେଶ୍ୱର ଓଡ଼ିଶା ତରଫରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ଏକ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରାରେ କ୍ଲବର ସଭାପତି ଲାୟନ ଡଃ ବିପିନ ବିହାରୀ ମିଶ୍ର, ଏମ୍.ଜେ.ଏଫ୍, ସମ୍ପାଦକ ଲାୟନ ଇଂ (ଡଃ) ଅଶ୍ୱିନୀ ସେନାପତି, ଏମ୍.ଜେ.ଏଫ୍, କୋଷାଧ୍ୟକ୍ଷ ଲାୟନ ବିପିନ ବିଶ୍ୱାଳ, କ୍ଷତ୍ରୀୟ ସାଳକ ଲାୟନ ତପନ ହରିଚନ୍ଦନ, ଏମ୍.ଜେ.ଏଫ୍ ଏବଂ ବହୁ ସଦସ୍ୟ ହାତରେ କଳାପଟି ଏବଂ କ୍ୟାଣ୍ଡେଲ ଧରି ସ୍ୱର୍ଗତା ମହିଳା ଡାକ୍ତରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଏବଂ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ମାଷ୍ଟର କ୍ୟାଣ୍ଟିନ ଛକ ଏକ ବ୍ୟସ୍ତବହୁଳ ସ୍ଥାନ ହୋଇଥିବାରୁ ପଦଯାତ୍ରୀ, ବାଇକ ଚାଳକ ଏବଂ ବହୁ ସାଧାରଣ ଜନତା କ୍ଲବର ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।



## କେନ୍ଦ୍ରାପଡ଼ାରେ ବାର୍ଡଫ୍ଲୁ

# ରାସ୍ତା କଡ଼ରୁ ୪ ବସ୍ତା ମୃତ କୁକୁଡ଼ା ଠାବ

**ଡେରାବିଶ, ୧୯ (ସଂଚାର ବ୍ୟୁରୋ):** ରାଜ୍ୟରେ ବାର୍ଡ ଫ୍ଲୁ ଦିନକୁ ଦିନ କାୟା ବିସ୍ତାର କରିବାରେ ଲାଗିଛି। ପିପିଲି ପରେ କେନ୍ଦ୍ରାପଡ଼ାରେ ବି ବାର୍ଡ ଫ୍ଲୁ ସନ୍ଦେହ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ନରସିଂହପୁର ରାସ୍ତା କଡ଼ରୁ ରବିବାର ୪ ବସ୍ତା ମୃତ କୁକୁଡ଼ା ଠାବ ହୋଇଛି। କିଏ ଓ କାହିଁକି ମୃତ କୁକୁଡ଼ା ରାସ୍ତା କଡ଼ରେ ଫିଙ୍ଗିଛନ୍ତି ତାହା ସ୍ପଷ୍ଟ ଜଣାପଡି ନାହିଁ।



ଖବର ପାଇ ଜିଲା ପ୍ରାଣୀ ସହ ଚିକିତ୍ସାଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି, ଡେରାବିଶ ବ୍ଲକ ଚିକିତ୍ସା ଅଧିକାରୀ ଦିଲୀପ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ମଲା କୁକୁଡାର ରକ୍ତ ନମୁନା ସଂଗ୍ରହ କରିଛନ୍ତି। ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯିବ। ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନା ଯୋଗ୍ୟ, ପୁରୀ ଜିଲା ପିପିଲି ବ୍ଲକରେ ବାର୍ଡ ଫ୍ଲୁ ହେବା ପରେ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ କୁକୁଡ଼ା ମରା ଅଭିଯାନ ଜାରି ରହିଛି। ଆବଲପୁର, ପୋଡଙ୍ଗ, ଜନାର୍ଦ୍ଦନପୁର, ରାୟଗରପୁର, ସହଜପୁର, ଆଲିସ, ବାଲିଗାଁ, ଓଡସମୁଡ଼ି, ନୂଆଗୋଡି ଅଞ୍ଚଳର ପ୍ରାୟ ୫୪ଟି ଫାର୍ମ ଚିହ୍ନଟ କରାଯାଇଛି। ଫଳରେ କୁକୁଡ଼ା ମରା ଅଭିଯାନକୁ ପ୍ରାୟ ୧୫ ଦିନ ସମୟ ଲାଗିବ ବୋଲି ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷେ କୁକୁଡା ପରେ ଏବେ ବାର୍ଡ ଫ୍ଲୁ ମଣିଷକୁ ଡେଇଁଥିବା ଆଲୋଚନା ହେଉଛି। ରାଜ୍ୟରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା କୁହାଯାଉଛି। ସମ୍ପୃକ୍ତ ବ୍ୟକ୍ତି ରାପିଡ ରେସକ୍ୟୁ ଟିମ୍‌ର ବୋଲି ଜଣାପଡିଛି। ତାଙ୍କ ଠାରେ ଜ୍ୱର ଏବଂ ଥଣ୍ଡା ଭଳି ଲକ୍ଷଣ ଦେଖାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ଭୋପାଳର ନିଶାଦକୁ ପଠାଇଛନ୍ତି ମଙ୍ଗଳପୁର ମେଡିକାଲ କର୍ତ୍ତୃପକ୍ଷ। ଏନେଇ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ବିନୟ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ଏଆଇୟୁଟିୟୁସି ସହବନ୍ଧିତ ନିର୍ମାଣ ଶ୍ରମିକ ସଂଗଠନର ସମ୍ମିଳନୀ

**କଟକ, ୧୯ (ସଂଚାର ବ୍ୟୁରୋ):** ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଆ ମିଳିତ ନିର୍ମାଣ ଶ୍ରମିକ ସଂଗଠନର ରାଜ୍ୟ ସମ୍ମିଳନୀ ଗାନ୍ଧି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ତଥା ଏଆଇୟୁଟିୟୁସି ରାଜ୍ୟ ସଭାପତି ଶମ୍ଭୁନାଥ ନାଏକଙ୍କ ନେତୃତ୍ୱରେ ଶ୍ରମିକ ନେତା ପ୍ରଦୀପ ରାମ ଓ ବିଷ୍ଣୁ ପଣ୍ଡାଙ୍କୁ ନେଇ ଏକ ସଭାପତି ମଣ୍ଡଳୀ ଏହି ସମ୍ମଳନୀକୁ ପରିଚାଳନା କରିଥିଲେ। ସମ୍ମିଳନୀ ପ୍ରାରମ୍ଭରେ ଶ୍ରମିକ ଆନ୍ଦୋଳନ ଓ ଗଣଆନ୍ଦୋଳନରେ ମୃତ୍ୟୁ ବରଣ କରିଥିବା ଶହୀଦମାନଙ୍କ ସ୍ମୃତିରେ ଶ୍ରମିକ ନେତା ଅଶୋକ ସାହୁ ଶୋକ ପ୍ରସ୍ତାବ ପାଠ କରିଥିଲେ। ଏହା ପରେ ଶ୍ରମିକ ନେତା ରାଜକିଶୋର ମଲ୍ଲିକ ମୁଖ୍ୟ ଚିଠା ପ୍ରସ୍ତାବ ସହ ସମ୍ମିଳନୀର ଭିତ୍ତିପତ୍ର ପାଠ କରିଥିଲେ। ଭିତ୍ତିପତ୍ର ସମର୍ଥନରେ ବିଜ୍ଞାନ ବେହେରା, ପରମାନନ୍ଦ ସେଠୀ ଓ ମନୋଜ ମାହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଏଆଇୟୁଟିୟୁସି ରାଜ୍ୟ ସଂପାଦକ ଜୟସେନ ମେହେର ଉଦ୍‌ବୋଧନ ଦେଇଥିଲେ। ଅନଲାଇନ ଜରିଆରେ ନିର୍ମାଣ ଶ୍ରମିକମାନଙ୍କ ସମସ୍ତ ସହାୟତା ପ୍ରଦାନ କ୍ଷେତ୍ରରେ ବିଭିନ୍ନ କଟକଣା ବନ୍ଦ କରିବା, ନିର୍ମାଣ ଶ୍ରମିକମାନଙ୍କ ସମସ୍ତ ସହାୟତା ୪୫ ଦିନ ମଧ୍ୟରେ ପ୍ରଦାନ କରିବା, ବନ୍ଦ ହୋଇଥିବା ଘରୋଇ ବୈଷୟିକ ଶିକ୍ଷା ସହାୟତା, ପେନସନ ବ୍ୟବସ୍ଥା, ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନା, ଦୁରାରୋଗ୍ୟ ଓ ଦୁର୍ଘଟଣା ଜନୀତ ଚିକିତ୍ସା ସହାୟତା ପ୍ରଦାନ କରିବା ଓ ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ କରିବା ପ୍ରମୁଖ ଦାବିରେ ସମ୍ମିଳନୀ ହୋଇଥିଲା।

## ୬୩ ବର୍ଷରେ ନୟାଗଡ଼ ସାର୍ବଜନୀନ ଦୁର୍ଗାପୂଜା

# ପୂଜା ପାଇଁ ବସିଲା ପ୍ରସ୍ତୁତି ବୈଠକ

**ଖଣ୍ଡପଡ଼ା, ୧୯ (ସଂଚାର ବ୍ୟୁରୋ):** ନୟାଗଡ଼ ସହରରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା କମିଟିର ଆଜି ଥିଲା ପ୍ରସ୍ତୁତି ବୈଠକ । ନୟାଗଡ଼ ପଞ୍ଚାୟତ ସମିତି ସମିଳନୀ କକ୍ଷରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ପୌର ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ ଓ ଜିଲ୍ଲା ପରିଷଦ ସୁବାଷ କଅଁର ପ୍ରମୁଖ ଯୋଗ ଦେଇଥିଲେ । ଏ ବର୍ଷ କିପରି ଭଲ ଭାବରେ ସାର୍ବ ଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହେବ ସେଥି ନିମନ୍ତେ ଆଲୋଚନା କରାଯାଇଥିଲା।



ସାର୍ବ ଜନୀନ ଦୁର୍ଗା ପୂଜା କମିଟିର ସମ୍ପାଦକ ସୁମନ କୁମାର ସାହୁ ବିଗତ ବର୍ଷରେ ୪ ଲକ୍ଷ ୭୦ ହଜାର ଟଙ୍କା ଆୟ କରାଯାଇଥିବା ବେଳେ ୪ ଲକ୍ଷ ୬୬ ହଜାର ଟଙ୍କା ବ୍ୟୟ ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ । ଏବର୍ଷ ପୂଜା ପାଇଁ ୫ ଲକ୍ଷ ୫୦ ହଜାର ଟଙ୍କାର ଆବଶ୍ୟକତା ନିମନ୍ତେ ଆଲୋଚନା କରାଯାଇଥିଲା। ନୟାଗଡ଼ ବ୍ଲକ ପକ୍ଷରୁ ଚରୁ ବାବଦ ଖର୍ଚ୍ଚ ବହନ କରିବା ପାଇଁ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ପ୍ରକାଶ କରିଥିଲେ । ସେହିପରି ଭାବେ ମୁର୍ତି ଖର୍ଚ୍ଚ ନୟାଗଡ଼ ପୌରାଞ୍ଚଳ ବହନ କରିବ ବୋଲି ପୌରାଧ୍ୟକ୍ଷା ନିରୁପମା ଖଟେଇ ପ୍ରକାଶ କରିଥିଲେ। ମେଢ଼ ପାଇଁ ହେବାକୁ ଥିବା ଖର୍ଚ୍ଚ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ । ଇରାନୀ ରାୟ ୩୦ ହଜାର ଟଙ୍କା ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ। ନୟାଗଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚୁଲି ଚାନ୍ଦାକୁ ଅଧୀକ ଗୁରୁତ୍ୱ ଦିଆଯାଇଥିଲା। ପୂର୍ବ ବର୍ଷ ଭଳି ଏବର୍ଷ ସମସ୍ତଙ୍କୁ ନିୟମ ମୁତାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସୂଚନାନୁସାରେ ନୟାଗଡ଼ ସହରର ସର୍ବ ପୁରାତନ ପୂଜା ଅନୁଷ୍ଠାନ ହେଉଛି ସାର୍ବଜନୀନ ଦୁର୍ଗାପୂଜା କମିଟି । ବିଗତ ୬୩ ବର୍ଷ ତଳେ ତତକାଳୀନ ପ୍ରଶାସନିକ ଅଧିକାରୀ ଓ କିଛି ସାଧାରଣ ଜନତାଙ୍କ ମିଳିତ ଉଦ୍ୟମରେ ଏହି ଅନୁଷ୍ଠାନ ଗଢ଼ି ଉଠିଥିଲା ।

# ଏବେ ବି ୧୨ ଜିଲ୍ଲା ଶିଳ୍ପ ବିହୀନ

**ଭୁବନେଶ୍ୱର, ୧୯ (ସଂଚାର ବ୍ୟୁରୋ):** ଉତ୍କଳ ଚାମ୍ବର ଅଫ୍ କମର୍ସ ଇଣ୍ଡଷ୍ଟ୍ରି ଲିମିଟେଡ ପକ୍ଷରୁ ଜନତା ମଇଦାନଠାରେ ଆୟୋଜନ କରାଯାଇଥିବା ଗ୍ଲୋବାଲ ଟ୍ରେଡ ସୋ ରିସର୍ଜେଂଟ ଓଡ଼ିଶା ୨୦୨୪ର ଉଦଯାପନୀ ସମାରୋହର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଉପମୁଖ୍ୟ ମନ୍ତ୍ରୀ ପ୍ରଭାତି ପରିଡ଼ା , ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉତ୍କଳ ଚାମ୍ବର ଅଫ୍ କମର୍ସ ର ସଭାପତି ବ୍ରହ୍ମାନନ୍ଦ ମିଶ୍ର ଓ ସଂପାଦକ ଅଶୋକ ସାରଦା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାରେ ଶିଳ୍ପର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପଉଦ୍ୟୋଗୀମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା ହୋଇଛି । ଓଡ଼ିଶାରେ ଏକାଧିକ ବୃହତ୍ତ ଶିଳ୍ପ ପ୍ରତିଷ୍ଠା ସହ ଅଧିକ ନିବେଶ କରିବାକୁ ଶିଳ୍ପପତିମାନେ ଆଗ୍ରହ ପ୍ରକାଶ କରିଛନ୍ତି । ଉପମୁଖ୍ୟ ମନ୍ତ୍ରୀ ପ୍ରଭାତି ପରିଡ଼ା ମହିଳାମାନଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶିଳ୍ପ ଜଗତରେ ଅଧିକରୁ ଅଧିକ ମହିଳାଙ୍କ ନିୟୋଜନ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଶିଳ୍ପପତିମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଓଡ଼ିଶାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ୨୦୪୭ ସୁଦ୍ଧା ଓଡ଼ିଶାକୁ ୧.୫ ଟ୍ରିଲିଅନ୍ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଲକ୍ଷ୍ୟ ହାସଲରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ସବୁ ପ୍ରକାର ସହଯୋଗ ପ୍ରଦାନ କରିବା ସହ କାର୍ଯ୍ୟ କରିବ ବୋଲି ମନ୍ତ୍ରୀ କହିଛନ୍ତି । ବିପୁଳ ଖଣିଜ ସମ୍ପଦ ସହିତ ପର୍ଯ୍ୟାପ୍ତ ବେଳାଭୂମି ରାଜ୍ୟରେ ଥିବା ବେଳେ ଏବେବି ୧୨ରୁ ଅଧିକ ଜିଲ୍ଲା ଶିଳ୍ପବିହୀନ ଜିଲ୍ଲା ହୋଇରହିଛି । ଏହି ସବୁ ଜିଲ୍ଲାଗୁଡ଼ିକରେ ଶିଳ୍ପ ସ୍ଥାପନ କରିବାରେ ସରକାରଙ୍କ ଯେତିକି ଭୂମିକା ରହିଛି, ଶିଳ୍ପ ଜଗତର ମଧ୍ୟ ସେତିକି ଭୂମିକା ରହିଛି ବୋଲି ମନ୍ତ୍ରୀ କହିଛନ୍ତି ।




## ଅନିଲ ମିଶ୍ରଙ୍କ ପରିବାରକୁ ଆର୍ଥିକ ସହାୟତା

**ଭୁବନେଶ୍ୱର, ୧୯ (ସଂଚାର ବ୍ୟୁରୋ):** ସାପ୍ତାହିକ ସମ୍ବାଦପତ୍ର ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି (ଇପିଏ)ର ସମ୍ପାଦକ ଅନିଲ ପ୍ରସାଦ ମିଶ୍ରଙ୍କ ଏକାଦଶାହ ଅବସରରେ ନୟାପଲ୍ଲୀସ୍ଥିତ ଏନ୍- ୬ରେ ଥିବା ରାମେଶ୍ୱର ମନ୍ଦିରଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର କର୍ମକର୍ତ୍ତାମାନେ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କଲ୍ୟାଣ ବୋର୍ଡର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ସହଧର୍ମିଣୀ ଅଞ୍ଜଳି ମିଶ୍ରଙ୍କ ହସ୍ତରେ ୧୦ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ। ଆର୍ଥି ରାଶି ପ୍ରଦାନ ବେଳେ ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ଅନୁରାଗ ମିଶ୍ର, ସାମ୍ବାଦିକ ମୁରଲୀ ମିଶ୍ର ଓ ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟର ପରଲୋକଗତ ସରକାରୀ ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କ ପରିବାରବର୍ଗଙ୍କୁ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯିବାର ଧାରା ଅବ୍ୟାହତ ରହିଛି।



## ଡ୍ରାଇଭର ଦିବସ ପାଳିତ

# ପେନ୍‌ସନ୍ ଓ ପିଲାମାନଙ୍କ ଉଚ୍ଚଶିକ୍ଷା ଦାବି

**ଖୋର୍ଦ୍ଧା, ୧୯ (ସଂଚାର ବ୍ୟୁରୋ):** ଡ୍ରାଇଭର ସଙ୍ଘ ପକ୍ଷରୁ ଡ୍ରାଇଭର ଦିବସ-୨୦୨୪ ପାଳନ ସହିତ ନିଆରା ଢଙ୍ଗରେ ପରିବେଶ ସୁରକ୍ଷା ନିମନ୍ତେ ମା'ଙ୍କ ନାମରେ ବୃକ୍ଷରୋପଣ କରିଛନ୍ତି। ୨୦୨୨ ମସିହା ସେପ୍ଟେମ୍ବର ମାସ ୧ ତାରିଖ ଠାରୁ ଡ୍ରାଇଭର ମହାସଙ୍ଘ ପକ୍ଷରୁ ଡ୍ରାଇଭର ଦିବସ ପାଳନ କରାଯାଉଥିବା ବେଳେ ଚଳିତବର୍ଷ ଖୋର୍ଦ୍ଧା ବ୍ଲକ ଓ ମୁନିସିପାଲିଟିରେ ଥିବା ସଦସ୍ୟ ପକ୍ଷରୁ ସ୍ଥାନୀୟ ଉଇଲକିଶନ ନଗର ସ୍ଥିତ ମା ଅଁଳାଇ ଦେବୀଙ୍କ ପୀଠରେ ଡ୍ରାଇଭର ଦିବସ ପାଳନ ହୋଇଯାଇଛି।ଖୋର୍ଦ୍ଧା ଟାଉନ ସିପିର ପାଖାପାଖି ୧୫୦ ଜଣ ସଦସ୍ୟ ଏକତ୍ର ହୋଇ ପ୍ରଥମେ ନିଜ ନିଜ ଭିତରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା କରିଥିଲେ। ପରେ ପରିବେଶ ସୁରକ୍ଷା ନିମନ୍ତେ ଓ ନିଜ ସଂଘର ଏକତା ପାଇଁ ଏକ ସଚେତନତା ଶୋଭାଯାତ୍ରା କରିବା ସହିତ ମା'ଙ୍କ ନାମରେ ବୃକ୍ଷରୋପଣ କରିଥିଲେ। ସେହିପରି ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନକୁ ରୋକିବା ନିମନ୍ତେ ସମସ୍ତେ ନିଜ ନିଜ ଗାଁ,କିମ୍ବା ନିଜ ବାଡ଼ିରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଶପଥ କରିଥିଲେ। ତେବେ ବିଗତ ଦିନରେ ରାଜ୍ୟ ସରକାରଙ୍କୁ ସେମାନଙ୍କର ୧୧ ଦଫା ଦାବି ପୂରଣ ପାଇଁ ବାରମ୍ବାର କହି ଆସୁଥିଲେ ମଧ୍ୟ ସେହି ଦାବି ମଧ୍ୟରୁ ଅନେକ ଦାବି ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରୁନି। ତେଣୁ ନୂତନ ସରକାର ଡ୍ରାଇଭର ଭାଇ ମାନଙ୍କ ନିମନ୍ତେ ଇନସୁରାନ୍ସ, ୬୦ ବର୍ଷ ପରେ ଯେହେତୁ ସରକାର ଲାଇସେନ୍ସ ଦେଉନାହାନ୍ତି ତେଣୁ ସେମାନଙ୍କୁ ୬୦ବର୍ଷ ପରେ ପେନସନ,ଡ୍ରାଇଭର ଭାଇ ପିଲାମାନଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା,ପ୍ରମୁଖ ରାସ୍ତା କଡରେ ପାଇଖାନା ତୁରନ୍ତ କରିବାକୁ ଅନୁରୋଧ କରିଛନ୍ତି।ଆଜିର ନିଆରା କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବ୍ଲକ ଡ୍ରାଇଭର ସଂଘର ସଭାପତି ଶ୍ୟାମ ସୁନ୍ଦର ମହାପାତ୍ର, ଉପସଭାପତି ସୁନନ୍ଦ ପ୍ରଧାନ, ସମ୍ପାଦକ ମଳୟ ରଞ୍ଜନ ଦାଶ,ଖୋର୍ଦ୍ଧା ଟାଉନ ସଭାପତି ବ୍ରହ୍ମାନନ୍ଦ ବେହେରା,ଉପସଭାପତି ଶେକ ମୁସ୍ତାକ,ସମ୍ପାଦକ ମନୋରଞ୍ଜନ ମହାପାତ୍ର,ଓ ଅନ୍ୟ କାର୍ଯ୍ୟକାରୀ ସଭ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ।ଡ୍ରାଇଭର ସଙ୍ଘର ଏଭଳି ନିଆରା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା । ସେମାନଙ୍କ ପ୍ରମୁଖ ଦାବିକୁ ସରକାର ତୁରନ୍ତ ପୂରଣ କରିବାକୁ ସଙ୍ଘ ଅନୁରୋଧ କରିଛି।



# ସେବା କ୍ଷେତ୍ରରେ ନିଯୁକ୍ତି ୫୩ ଲକ୍ଷରୁ ଅଧିକ

**ଭୁବନେଶ୍ୱର , ୧ । ୯ (ତଥ୍ୟ):** ୨୦୨୨–୨୩ରେ ଓଡ଼ିଶାରେ ସେବା କ୍ଷେତ୍ରରେ ୫୩.୩ ଲକ୍ଷରୁ ଅଧିକ ଲୋକ ନିଯୁକ୍ତି ପାଇଛନ୍ତି। ସଦ୍ୟତମ ସରକାରୀ ତଥ୍ୟ ଅନୁଯାୟୀ, ଏହି କ୍ଷେତ୍ରରେ ନିୟୋଜିତ ମୋଟ କର୍ମଚାରୀଙ୍କ ମଧ୍ୟରୁ ୨୬.୨ ଲକ୍ଷ (୪୯.୨%) ବାଣିଜ୍ୟ, ମରାମତି, ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ନିଯୁକ୍ତି ପାଇଥିବା ବେଳେ ୧୨.୨ ଲକ୍ଷ (୨୨.୯%) ଅନ୍ୟ ସେବା (ସ୍ୱାସ୍ଥ୍ୟ ଏବଂ ଶିକ୍ଷା) ରେ ନିଯୁକ୍ତି ପାଇଛନ୍ତି।

ସେହିପରି ପରିବହନ ଓ ଆନୁଷଙ୍ଗିକ କ୍ଷେତ୍ରରେ ୮.୯ ଲକ୍ଷ (୧୬.୭%), ରିଅଲ୍ ଇଷ୍ଟେଟ୍ ଏବଂ ଆଇଟିରେ ୨.୪ ଲକ୍ଷ (୪.୫%), ସାଧାରଣ ପ୍ରଶାସନରେ ୧.୯ ଲକ୍ଷ (୩.୫%) ଏବଂ ଫାଇନାନ୍ସ କ୍ଷେତ୍ରରେ ୧.୬ ଲକ୍ଷ (୩%) ନିଯୁକ୍ତି ପାଇଛନ୍ତି। ସମାନ ସମୟରେ ଅନ୍ୟାନ୍ୟ କ୍ଷେତ୍ରର ଅଭିବୃଦ୍ଧି ହାର ହେଉଛି ଶିଳ୍ପରେ (୮.୭%), କୃଷି ଓ ଆନୁଷଙ୍ଗିକ (୩.୫%), ଓଡ଼ିଶା ସାମଗ୍ରିକ (୮.୫%)। ଭାରତୀୟ ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ ଜାତୀୟ ସେବା କ୍ଷେତ୍ର ୨୦୨୩–୨୪ (ଏଇ)ରେ ୭.୬% ଅଭିବୃଦ୍ଧି ହାସଲ କରିଛି। ଜାତୀୟ ସ୍ତରରେ ଏହାର ଗଠନ ହେଉଛି ସେବା (୫୫%), ଶିଳ୍ପ (୨୮%) ଏବଂ କୃଷି ଓ ଆନୁଷଙ୍ଗିକ (୧୮%)।



ରାଜ୍ୟରେ ଦୃଢ଼ ଦକ୍ଷ ମାନବ ସମ୍ବଳ ରହିଛି, ଯାହା ସେବା କ୍ଷେତ୍ରର ଅଭିବୃଦ୍ଧି ପାଇଁ ଭିତ୍ତିଭୂମି ଭାବେ କାର୍ଯ୍ୟ କରୁଛିଯ ଶିଳ୍ପ ସମ୍ବନ୍ଧୀୟ କ୍ଷେତ୍ରରେ ଦୁଇରୁ ଛଅ ମାସ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଜାତୀୟ ଦକ୍ଷତା ଯୋଗ୍ୟତା ଢାଞ୍ଚା (ଏନଏସକ୍ୟୁଏଫ) ଅନୁବନ୍ଧିତ ପାଠ୍ୟକ୍ରମ ତାଲିକାଭୁକ୍ତ ପ୍ରଦାନକାରୀଙ୍କ ମାଧ୍ୟମରେ ପ୍ରଦାନ କରାଯାଏ, ଗତ ତିନି ବର୍ଷ ମଧ୍ୟରେ ୨୩,୯୬୩ ଜଣ ପ୍ରାର୍ଥୀଙ୍କୁ ତାଲିମ ଦିଆଯାଇଛି।

ମାଇକ୍ରୋସଫ୍ଟ, ସିସ୍କୋ, ଅଟୋଡେସ୍କ, ନାସକମ୍ ଇତ୍ୟାଦି ବିଶ୍ୱସ୍ତରୀୟ କମ୍ପାନୀମାନଙ୍କ ସହ ଭାଗିଦାରୀରେ ଏହି ପାଠ୍ୟକ୍ରମ ପ୍ରଦାନ କରାଯାଏ। ଡିଜିଟାଲ ମାର୍କେଟିଂ, ଡାଟା ଆନାଲିଟିକ୍ସ, ବ୍ଲକଚେନ୍ ଏବଂ ଫିନ୍ ଟେକ୍, ଉଦ୍ୟୋଗ ଏବଂ ବିକ୍ରୟ, ଓ୍ୱେବ୍ ଡେଭଲପମେଣ୍ଟ ଇତ୍ୟାଦି ରେ ୬୦୦୦ରୁ ଅଧିକ ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ୧ ଲକ୍ଷ ଲାଇସେନ୍ସ ପ୍ରଦାନ କରିବା ପାଇଁ ରାଜ୍ୟ କୋସେର୍ରା ସହ ସହଯୋଗ କରିଛି।

ଇଣ୍ଟେଲ ଇଣ୍ଡିଆ ସହଯୋଗରେ ଆରମ୍ଭ ହୋଇଥିବା ଓଡ଼ିଶା ଫର ଏଆଇ ହେଉଛି ଏକ ସେଲ୍ଫ ଲର୍ଣ୍ଣିଂ ଅନଲାଇନ ପ୍ରୋଗ୍ରାମ ଯାହା ସବୁ ବର୍ଗର ଲୋକଙ୍କ ପାଇଁ ଏଆଇକୁ ଡିମାଇଫାଇଜ୍ କରିଥାଏ, ଯୁବବର୍ଗଙ୍କ ପାଇଁ ଏଆଇ ହେଉଛି 'ଓଡ଼ିଶା ଫର୍ ଏଆଇ'ର ପରିପୂରକ କାର୍ଯ୍ୟକ୍ରମ।

୧୮ ବର୍ଷ ବୟସ ପର୍ଯ୍ୟନ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଏହା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଇଣ୍ଟେଲ ଇଣ୍ଡିଆ ପକ୍ଷରୁ ୧୦୦ ଜଣ ମନୋନୀତ ସ୍କୁଲ ଶିକ୍ଷକଙ୍କୁ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ଦିଆଯାଇଛି। ଦକ୍ଷତା ବିକାଶ, ଅତ୍ୟାଧୁନିକ ଜ୍ଞାନକୌଶଳରେ ଗବେଷଣା ଓ ବିକାଶ ଉପରେ ଗୁରୁତ୍ୱ ଦେବା ପାଇଁ ଦକ୍ଷତା ବିକାଶ ଉପରେ ସିଓଇ ନାମରେ ଏକ ନୂତନ ସେଣ୍ଟର ଅଫ୍ ଏrଲେନ୍ସ (ସିଓଇ) ପ୍ରତିଷ୍ଠା କରାଯାଉଛି।

ଓ–ଚିପ୍ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ପ୍ରତିଷ୍ଠା ହେବାକୁ ଥିବା ସେଣ୍ଟର ଅଫ୍ ଏrଲେନ୍ସ ସେମିକଣ୍ଡରର ଡିଜାଇନ୍ କମ୍ପାନୀ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକୁ ବୈଷୟିକ, ଆର୍ଥିକ, ଭିତ୍ତିଭୂମି ଏବଂ ମେଣ୍ଟରସିପ୍ ସହାୟତା ପ୍ରଦାନ କରିବ। ଏହାବ୍ୟତୀତ ସେମିକଣ୍ଡରର ଡିଜାଇନ ଇକୋସିଷ୍ଟମର ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଓଡ଼ିଶାରେ ଶିଳ୍ପ ପାଇଁ ପ୍ରସ୍ତୁତ କର୍ମଚାରୀ ସୃଷ୍ଟି କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ।

ଆଇଟିଆଇରେ ମହିଳା ନାମଲେଖା ୨୦୧୬–୧୭ରେ ୬% ଥିବାବେଳେ ୨୦୨୩–୨୪ରେ ଏହା ୩୧.୧% ଏବଂ ପଲିଟେକ୍ନିରେ ୨୦୨୨–୨୩ରେ ୧୯.୪% ଥିବାବେଳେ ୨୦୨୩–୨୪ରେ ଏହା ୩୩.୩% କୁ ବୃଦ୍ଧି ପାଇଛି। ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନାରେ ପାଠପଢ଼ା ଓ ପୋଷ୍ଟ ଡିପ୍ଲୋମା ପ୍ଲେସମେଣ୍ଟ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।

SANCHAR
ସଂଚାର
୪
ସୋମବାର ୨ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Monday 2 September 2024 Bhubaneswar



### ଜୀବନ ଅମୃତ ଅନୁଚିନ୍ତା

ସମ୍ପର୍କ-ରକ୍ତ ସମ୍ପର୍କ, ପ୍ରେମ ସମ୍ପର୍କ ଓ ସବୁ ସମ୍ପର୍କଠାରୁ ବହୁ ଊର୍ଦ୍ଧ୍ୱରେ ଆତ୍ମସମ୍ପର୍କ। ଥରେ ଆତ୍ମା ପରମାତ୍ମାଙ୍କ ସହ ଯୋଡ଼ି ହୋଇଗଲେ ବ୍ରହ୍ମତ୍ୱ ବା ମୋକ୍ଷ ପ୍ରାପ୍ତି ନିଶ୍ଚିତ।

RELATION-SPIRITUAL RELATION IS MUCH HIGHER THAN BLOOD-RELATIONS. ONCE THE SOUL IS UNITED WITH THE SUPREME SOUL, SALVATION IS SURE TO COME.

# ଜନସ୍ୱାସ୍ଥ୍ୟ ପ୍ରତି ବିପଦ

କୋଭିଡ ପରେ ଏବେ ମଙ୍କପକ୍ସ ବା ଏମପକ୍ସ ଏବେ ସାରା ବିଶ୍ୱରେ ନୂଆ ମହାମାରୀ ଆଶଙ୍କା ସୃଷ୍ଟି କରିଛି। ଅବଶ୍ୟ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ପକ୍ଷରୁ ଏମପକ୍ସ ଆଉ ଏକ କୋଭିଡ ନୁହେଁ ବୋଲି କହିଛି। ବିଗତ ଦୁଇ ବର୍ଷ ଭିତରେ ଏହା ଅନେକ ଲୋକଙ୍କୁ ସଂକ୍ରମିତ କରିଛି ସତ, ମାତ୍ର ଏହା କୋଭିଡ ଭଳି ଅତି ଦ୍ରୁତ ଗତିରେ ସଂକ୍ରମଣକ୍ଷମ ନୁହେଁ। ଏଥିରେ ମୃତ୍ୟୁ ହାର ମଧ୍ୟ କମ। ତେଣୁ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ହୁ ପକ୍ଷରୁ ଆଶ୍ୱାସନା ଦିଆଯାଇଛି। କିନ୍ତୁ ଏବେ ବୈଜ୍ଞାନିକ ମାନେ ଏକ ବିପଜ୍ଜନକ ସୂଚନା ଦେଉଛନ୍ତି। ତାହା ହେଲା ଏମପକ୍ସ ଭୂତାଣୁର ମ୍ୟୁଟେସନ ହୋଇ ଏହା ନୂଆ ଷ୍ଟ୍ରେନ ବାହାରିଛି ଏବଂ ଏହାର ସଂକ୍ରମଣ କ୍ଷମତା ଅଧିକ। ଏହା ମଧ୍ୟ ଅଧିକ ମାରାତ୍ମକ ଭଳି ଜଣାପଡୁଛି। ଏହା ନିଶ୍ଚିତ ଭାବେ ବିଜ୍ଞାନକ ଏବଂ ମଣିଷ ସମାଜ ପାଇଁ, ଜନସ୍ୱାସ୍ଥ୍ୟ ପ୍ରତି ଆଉ ଏକ ଚାଲେଞ୍ଜ। ସବୁଠାରୁ ବଡ଼ କଥା ହେଲା ଏମପକ୍ସର ନୂଆ ଷ୍ଟ୍ରେନକୁ ବୈଜ୍ଞାନିକମାନେ ଆଜି ପର୍ଯ୍ୟନ୍ତ ଧରିପାରୁନାହାନ୍ତି। ଏହାର ନିଦାନ ବ୍ୟବସ୍ଥା ମଧ୍ୟ ନାହିଁ। ସୂଚନା କରାଯାଇପାରେ ଯେ, ୨୦୨୧ରେ କରୋନା ଭାଇରସର ନୂଆ ଷ୍ଟ୍ରେନ ଡେଲଟା ସଂକ୍ରମଣ ଆରମ୍ଭ ହେବା ପରେ ଏହା ଅଧିକ ଭୟଙ୍କର ହୋଇଥିଲା ଏବଂ ଲକ୍ଷ ଲକ୍ଷ ଲୋକ ଏଥିରେ ପ୍ରାଣ ହରାଇଥିଲେ। ବିଶ୍ୱରେ କୋଭିଡରେ ଯେତିକି ଲୋକ ପ୍ରାଣ ହରାଇଥିଲେ, ତାହା ୭୦ ପ୍ରତିଶତ କେବଳ ଡେଲଟା ଭାଇରସ ସଂକ୍ରମଣ ଯୋଗୁ। ଯେ କୌଣସି ଭାଇରସ ହେଉ ଏହାର ମ୍ୟୁଟେସନ ହୋଇ ନୂଆ ଷ୍ଟ୍ରେନ ମୂଳ ଭାଇରସ ତୁଳନାରେ ଅଧିକ ଶକ୍ତିଶାଳୀ ହୋଇଥାଏ। ୨୦୨୨ରେ ପ୍ରଥମେ ଏମପକ୍ସ ଭାଇରସ ଆଫ୍ରିକାରେ ଚିହ୍ନଟ ହୋଇଥିଲା। ଏହା ପରେ ଏବେ ସୁଦ୍ଧା ୧୧୬ଟି ଦେଶରେ ଏହି ରୋଗୀ ଚିହ୍ନଟ ହୋଇଛନ୍ତି। ୧ ଲକ୍ଷ ୯୯ ହଜାରରୁ ଅଧିକ ଏହି ରୋଗରେ ଆକ୍ରାନ୍ତ ହେଲେଣି। ସେମାନଙ୍କ ମଧ୍ୟରୁ ୨୦୮ ଜଣ ପ୍ରାଣ ହରାଇଛନ୍ତି। ନିକଟରେ କିଛି ଦେଶରେ ଏହି ରୋଗୀ ଚିହ୍ନଟ ହୋଇଛନ୍ତି। ପାକିସ୍ତାନରେ ଜଣେ ଏମପକ୍ସ ରୋଗୀ ଚିହ୍ନଟ ହୋଇଛନ୍ତି ଯିଏ ସାଉଦୀ ଆରବରୁ ଆସିଛନ୍ତି। ପାକିସ୍ତାନରେ ଜଣେ ବିଦେଶ ଫେରନ୍ତା ଏମପକ୍ସ ଆକ୍ରାନ୍ତ ଚିହ୍ନଟ ହେବା ପରେ ଚୀନରେ ବିଭିନ୍ନ ବିମାନ ବନ୍ଦରରେ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ବାହାରୁ ଆସୁଥିବା ଯାତ୍ରୀଙ୍କ ଟେଷ୍ଟିଂ ବ୍ୟବସ୍ଥା କରାଯାଉଛି। ଭାରତ ସରକାର ମଧ୍ୟ ଏଥିଲାଗି ସତର୍କ ହୋଇଯାଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡା ଏକ ଉଚ୍ଚସ୍ତରୀୟ ବୈଠକ ଡାକି ସମୀକ୍ଷା କରିଛନ୍ତି। ଯଦିଓ ଭାରତରେ ଏମପକ୍ସ ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇ ନାହାନ୍ତି, କିନ୍ତୁ ଭାରତ ସରକାର ଏ ଦିଗରେ ସତର୍କତା ଅବଲମ୍ବନରେ କୌଣସି ପ୍ରକାର ହେଳା କରିବାକୁ ଚାହୁଁ ନାହାନ୍ତି। ଭାରତ ସରକାର ଏମପକ୍ସର ସମ୍ଭାବ୍ୟ ସଂକ୍ରମଣକୁ ରୋକିବା ନିମନ୍ତେ ସର୍ଭେଲାନ୍ସକୁ ଅଧିକ ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏବେ ଦେଶର ବିଭିନ୍ନ ସ୍ଥାନରେ ୩୨ଟି ଟେଷ୍ଟିଂ ଲ୍ୟାବ ରହିଛି ଯେଉଁଠି ଏମପକ୍ସ ଆକ୍ରାନ୍ତଙ୍କ ନମୁନା ପରୀକ୍ଷା କରାଯାଇପାରିବ। ଆବଶ୍ୟକ ପଡ଼ିଲେ ଏହାର ସଂଖ୍ୟା ବୃଦ୍ଧି କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଏହି ରୋଗକୁ ରୋକିବା ନିମନ୍ତେ ଜନସଚେତନତା ନିହାତି ଆବଶ୍ୟକ। ଏହାର ଲକ୍ଷଣ, ବିପଦ ମାତ୍ରା ଏବଂ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଜାଣିବା ଉଚିତ। ଏହା ଯେପରି ଅଧିକ ସଂକ୍ରମିତ ନହୁଏ ସେଥିଲାଗି କ'ଣ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ମଧ୍ୟ ସମସ୍ତେ ଭଲ ଭାବେ ଅବଗତ ହେବା ଉଚିତ। ବିଦେଶରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ନଜର ରକିବା ନିମନ୍ତେ ବିଭିନ୍ନ ବିମାନ ବନ୍ଦରରେ କଡ଼ା ଯାଞ୍ଚ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମ୍ଭାବ୍ୟ ଏମପକ୍ସ ସଂକ୍ରମଣକୁ ନେଇ ଆତଙ୍କିତ ହେବାର ନାହିଁ, କିନ୍ତୁ ଏହାକୁ ହାଲୁକା ଭାବେ ମଧ୍ୟ ନିଆଯାଇପାରିବ ନାହିଁ। କିଏ ଜଣେ କାଲି ଏହା କୋଭିଡଠାରୁ ମଧ୍ୟ ଅଧିକ ଭୟଙ୍କର ରୂପ ନନେବ! କେବଳ ଏମପକ୍ସ ନୁହେଁ, ଆହୁରି ଅନେକ ନୂଆ ରୋଗ ଏବେ ବିଶ୍ୱର କୋଣ ଅନୁକୋଣରେ ଚିହ୍ନଟ ହେଉଛି। କିଏ ଜାଣେ ସେହିସବୁ ରୋଗ ମଧ୍ୟରୁ କେଉଁ ରୋଗ ମହାମାରୀ ରୂପ ନ ନେବ! ସୃଷ୍ଟି ଆରମ୍ଭରୁ ଏମିତି ଅନେକ ମହାମାରୀ ଆସିଲାଣି। ଏସବୁ ମହାମାରୀ ସହ ମଣିଷ ଲଢ଼େଇ କରି ବଂଚିଛି। ଏବେ ଯେଉଁସବୁ ରୋଗକୁ ସାଧାରଣ ରୋଗ ବୋଲି କୁହାଯାଉଛି ତାହା ବହୁ ବର୍ଷ ତଳେ ମହାମାରୀ ଭାବେ ଆସିଥିବ ଆଗକୁ ମଧ୍ୟ ଆହୁରି ଅନେକ ମହାମାରୀ ଆସିପାରେ। ଏଥିପାଇଁ ବିଚଳିତ ହେବା ଅନୁଚିତ। ନିଜ ବୁଦ୍ଧି ଏବଂ ସତର୍କତା ବଳରେ ମଣିଷ ଆଜି ପର୍ଯ୍ୟନ୍ତ ଏଭଳି ଅନେକ ବିପତ୍ତିର ସଫଳ ମୁକାବିଲା କରି ଆସିଛି। ଏଥିପାଇଁ ପୁରା ମଣିଷ ସମାଜ ପରସ୍ପର ସହ ହାତ ମିଳାଇ ମଣିଷ ସମାଜ ପ୍ରତି ସୃଷ୍ଟି ହୋଇଥିବା ଚାଲେଞ୍ଜର ମୁକାବିଲା କରିବା ଉଚିତ। ତେବେ ମନେ ରଖିବାକୁ ପଡ଼ିବ ଯେ, ପ୍ରକୃତି ହେଉଛି ସବୁଠାରୁ ବଳବାନ। ପ୍ରକୃତିର ନିୟମକୁ କେବେ ଉଲ୍ଲଘଂନ କରିବା ଅନୁଚିତ। ପଶୁ,ପକ୍ଷୀ କୀଟ ପତଙ୍ଗ ସମସ୍ତଙ୍କର ନିଜସ୍ୱ ଦୁନିଆ ରହିଛି। ସମସ୍ତେ ନିଜ ନିଜ ସ୍ଥାନରେ ରହିବା ଉଚିତ। କେହି କାହାର ପରିସରକୁ ପଶିବା ପାଇଁ ଉଦ୍ୟମ କରିବା ଉଚିତ ନୁହେଁ। ନଚେତ ଏଭଳି ଅନେକ ମହାମାରୀ ଆସିବ। ଅନେକ ଅଜଣା ଭାଇରସ ପଶୁପକ୍ଷୀଙ୍କ ଶରୀରରେ ରହିଥାଏ। ଏହାଠାରୁ ଆମକୁ ଯଥାସମ୍ଭବ ଦୁରେଇ ରହିବାକୁ ପଡ଼ିବ। କୋଭିଡ ମହାମାରୀ ଦୂର ହୋଇଥିଲେ ମଧ୍ୟ ଏବେ ବି ବିଶ୍ୱର ଅନେକ ଦେଶରେ କୋଭିଡ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। କିଛି ଲୋକ ପ୍ରାଣ ହରାଉଛନ୍ତି। ଅର୍ଥାତ ମହାମାରୀ ଦୂର ହୋଇଥିଲେ ମଧ୍ୟ ରୋଗ ନିର୍ମୂଳ ହାଇ ପାରିନାହିଁ। କୋଭିଡ ମହାମାରୀ ଆରମ୍ଭରୁ ବିଶେଷଜ୍ଞମାନେ କହିଥିଲେ ଯେ, ଯେତେ ଯାହା କଲେ ମଧ୍ୟ କୋଭିଡ ସମ୍ପୂର୍ଣ୍ଣ ଦୂର ହେବ ନାହିଁ। ଆମକୁ ଏହା ସହିତ ଲଢ଼େଇ କରି ବଂଚିବାକୁ ପଡ଼ିବ। ଅନ୍ୟ ରୋଗ ଭଳି କୋଭିଡ ମଧ୍ୟ ଏକ ରୋଗ ହୋଇ ରହିଲା। ଏହାର ପ୍ରତିଷେଧକ ଟିକା ବାହାରିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ବିକଶିତ ହୋଇନାହିଁ। ଏହା ଉପରେ ଆହୁରି ଗବେଷଣା ଚାଲିଛି। ଏହାକୁ ଆହୁରି ବିକଶିତ ଏବଂ ଶତ ପ୍ରତିଶତ ନିର୍ଭରଯୋଗ୍ୟ କରିବାକୁ ହୁଏତ ଆଉ କିଛି ବର୍ଷ ଲାଗିଯିବ। କିନ୍ତୁ ଉଦବେଗର ବିଷୟ ହେଲା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର କହିବା କଥା ହେଲା ଆଗାମୀ ଦିନରେ ଏଭଳି ଆହୁରି ଅନେକ ମହାମାରୀ ଆସିବ। ଅଜଣା ରୋଗରେ ଲକ୍ଷ ଲକ୍ଷ ବ୍ୟକ୍ତି ପ୍ରାଣ ହରାଇବେ।

## ପାହିଅଛି ରାତି ଉଇଁନି ସୂର୍ଯ୍ୟ



ଡଃ ନାରାୟଣ ଚନ୍ଦ୍ର ସେନାପତି

ଆମେ ସ୍ୱାଧୀନ ହୋଇଛୁ ସତ
ହେଲେ ଆମ ଠାରେ ପୁରି ରହିଛି ଗୋଲାମି
ଆମେ ହସୁଛୁ ସତ
ହେଲେ ଆମ ହୃଦୟ ଖୋଜି ପାଇନି ପ୍ରେମର ସୁନାମି
କେବଳ କାଗଜ କଲମରେ ଆମେ ଡିଣ୍ଡିମ୍ବ ମାରି
ଦେଖାଉ ସଫଳତା
ବିଫଳତାର ରାକ୍ଷସ ଆମକୁ ଅଧା ଗିଳା କରି ସାରିଲେବି
ବାକ୍ୟ ବୀର ସାଜି
କର୍ମକୁ କରିଥାଉ ଅକାମୀ।

ଆମେ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ ବୋଲି
ଛାତି ଫୁଲେଇ କୁହାଟ ଛାଡ଼ିଲେ ବି
ପାଉଛୁ ଜୋର୍ ଯାର ମୁଲକ୍ ତାର ଶାସନ
ନାରୀ ଆମ ପୂଜ୍ୟା ନାରା ଚହଟାଇଲେ ବି
ତାକୁ ମିଳିନି ଏଯାଏ ମର୍ଯ୍ୟାଦା ସମ୍ମାନ
ଗାଆଁ ମାଟିରୁ ଲିଭି ଗଲାଣି ସଂସ୍କୃତି
ପରିବାର କେବଳ ଲେଉଟାଉଛି ପୁରୁଣା ସ୍ମୃତି
ସାହାଯ୍ୟଟା ଭଙ୍ଗା ହାତରେ କରୁଛି କ୍ରନ୍ଦନ
ସହାନୁଭୂତି ଆଜି ଅନାଥ ସାଜି କରିଛି
ଶୁଷ୍କତାର କୋଳ ମଣ୍ଡନ।

ମନର ରାତିଟା ପାହି ଯାଇଛି ସତ
ହେଲେ ହୃଦୟ ସୂର୍ଯ୍ୟ ଏବେ ବି ଉଇଁନି
ତର୍ଷି ରେ ତର୍ଷିଏ ଇର୍ଷା ହିଂସା ଧରି ବି
ଆମେ ନାକରେ ଗାଉଛୁ ଅହିଂସା ରାଗିଣୀ
ଜୀବନ ହୋଇଯାଇଛି ଦୁର୍ବିସହ
ସବୁଠି ପ୍ରେମର ବିଳୟ
ସମ୍ପର୍କକୁ ଆଶ୍ରା କରି ବଞ୍ଚିଛି ମଣିଷ ବଜାଇ ବିଜୟ ତୂର୍ଯ୍ୟ
ପ୍ରକୃତି ବି ଦୀର୍ଘ ଶ୍ୱାସ ମାରି କହୁଛି
ପାହିଲାଣି ରାତି ଉଇଁନି ସୂର୍ଯ୍ୟ।

## ଗୀତଖାତା



ଲିପିରେଖା ଶତପଥି

ଆଜି ପଚାରିବାକୁ ଇଚ୍ଛା ହେଉଛି
କେମିତି ଅଛ ତମେ ?
ତମେ କଣ କହିବ ?
ଏ ଶୁଣ........
ପୁରୁଣା ଗୀତଖାତାର ଲିଭିଯାଇଥିବା ଧାଡ଼ିଏ ପ୍ରିୟଗୀତ
ଆଜିକାଲି ଖୁବ୍ ମନେପଡ଼େ
ଗୀତ ସବୁ ଦେଖାଯାନ୍ତି
କିଛି ମିଛ କିଛି ସତ
ମିଛର ନଈକୂଳରେ ବରଗଛକୁ ଡେରି
ସିଗ୍ରେଟ ଫୁଙ୍କେ ଚାଲିଥାଏ ଖରା
ସତର ଛାଇକୁ ମୁଁ ଦେଇଦିଏ
ଗଜଲ ହେଇ ଯାଇଥିବା ଆମ ପ୍ରେମ ଗପ
ଭୀଷଣ ଖରା
ଜହ୍ନରାତି ଛତାଧରି ବାହାରିପଡ଼େ
ନଈ ଆଡ଼େ ଦେଖିବାକୁ ନଈଦେହେ ମୁହଁ
ଗଜଲ ଗାଉଥାଏ କେହିଜଣେ!!

## ପକ୍ଷୀ ରାଇଜର କବିତା



ଦିଲ୍ଲୀପ ମିଶ୍ର

ସିନ୍ଦୁରା ଫାଟିଲେ ସୂରୁଯ ଉଇଁଲେ କାଉ ରାବଦିଏ କାଆ
କୁହୁକୁହୁ ସୁରେ କୋଇଲି ଗାଇଲେ କେଡ଼େ ମନଲୋଭା ଆହାଃ।
ଗାଡ଼ିଆ କୂଳରେ ମାଛ ଖାଇବାକୁ ବଗଟିଏ ଥାଏ ବସି
ପୋଖରୀ ଭିତରେ ହସଖୁସି ହୋଇ ପହଁରନ୍ତି ହଂସହଂସୀ।
ଆକାଶରେ କେବେ ବରଷା ଆସିବ ଚାତକ ଅନେଇଥାଏ
ବରଷା ଦେଖିଲେ ପକ୍ଷୀଙ୍କର ରାଜା ମୟୂର ଯେ ନାଚିଯାଏ।
ବଗିଚା ଭିତରେ ଡାଳ ଆଡୁଆଲୁ ଠକ୍ ଠକ୍ ଶୁଭୁଥାଏ
କାଠହଣା ସିଏ ଡାଳପତରରୁ ପୋକଯୋକ ଖୁର୍ଣ୍ଟିନିଏ।
ଚାଳର ଉପରେ ପାରାଟିଏ ସେ ତ ଘୁମୁରି ଘୁମୁରି ଗାଏ
ଘରଚଟିଆଟି ଓଳି ତଳେ ତଳେ କିଚିରିମିଚିରି ହୁଏ।

## ବିଚିତ୍ରବ୍ୟଞ୍ଜନା: ଯୋଗୀ
## ଦ୍ୱିପ୍ରହର ସ୍ତବ୍ଧ ଜନପଦ



ମନୋଜ ଦାସ

ସତେ ଅବା ସୂର୍ଯ୍ୟତାପେ ବିଗଳିତ ସମସ୍ତ ଶବଦ।
ସତେ ଅବା ଏ ପୃଥିବୀ ଶିଶୁ ସଦ୍ୟଜାତ,
ପ୍ରଥମ କ୍ରନ୍ଦନ ପରେ -
ଆପଣାର କଣ୍ଠସ୍ୱରେ ବିହ୍ୱଳ ଓ ଅତି ଆଚମ୍ବିତ।
ଏତେବେଳେ ଧୂଳିମାଟି ପଥ ପରେ ଶୁଭେ ତୁମ ସ୍ୱର-



କେଉଁ ରାଜପୁତ୍ର ଦିନେ ହେଲା ଯୋଗୀ ତ୍ୟଜି ତା' ନବର
ସେ ଅନନ୍ୟ କେନ୍ଦରାରୁ ଉଚ୍ଚାରିତ ଏକ ହିଁ ମୂର୍ଚ୍ଛନା,
ସୁଖ ବା ଦୁଃଖଠୁଁ ଯାହା ଭିନ୍ନ ଏକ ବିଚିତ୍ର ବ୍ୟଞ୍ଜନା।
ଚେତନାର ଯେ ଇଲାକା ସେ ଶବଦେ ହୁଅଇ ସ୍ପନ୍ଦିତ,
ଆଶ୍ଚର୍ଯ୍ୟ! ତା' ସେ ଅବଧି ରହିଥାଏ ନିଜର ଅଜ୍ଞାତ!
ଝଲସିତ ସେ ଇଲାକା ପୁନର୍ବାର ହଜିଯାଏ ତନ୍ଦ୍ରାର ଅନ୍ଧାରେ,
ଯେତେବେଳେ ଯୋଗୀ ଯାଏ ଅପସରି ଦୂର ଦୂରାନ୍ତରେ।

## ରଙ୍ଗଲତା ରୁଷିଛି



ପୁଷ୍ପଲତା ମିଶ୍ର



ବ୍ରତ ଘର ର ସାହା ନାଇ
ଯୋଡ଼ି ମହୁରୀ ବାଜଣା ଶୁଭ
ଶଙ୍ଖ ଓ ହୁଳ ହୁଳି ତାନ ରେ
ଗୀତ ଟି ବାଜି ଉଠିଲା ....
"ରଙ୍ଗଲତା ରୁଷିଛି ଲୋ
ରଙ୍ଗ ଲତା ରୁଷିଛି,
ବାପ ଘର ଯିବ ବୋଲି
ଗୋଡ଼ କାଢି ବସିଛି "।
ସତରେ ରଙ୍ଗ ଲତା
ଆଜି ରୁଷିଛି,ରଙ୍ଗ କାହିଁକି
ରୁଷିଛି କଣ ପାଇଁ ବାପ
ଘରକୁ ଯାଇ ପାରୁନି।
ବାପା ଘରକୁ ଯିବା କଥା
ଉଠିଲେ ସବୁ ଝିଅ ମାନଙ୍କ
ମନ ରେ ଆନ୍ଦୋଳିତ
ହୁଏ ପିଲା ଦିନ ର ଦୋଳି
ଖେଳ, କୁଆଁର ପୁନେଇଁ
ସଞ୍ଜ ରେ ଜହ୍ନି ଫୁଲ
ଠୋ ଠା ,କାକୁଡି ଫୁଲ
ଠୋ ଠା ଗୀତରେ କୋଠି
ସଜା ଚଉଁରା ମୂଳରେ
ଚାନ୍ଦ ପୂଜା ରାତିର ପୁଚି
ଖେଳ ମିଛି ମିଛିକା ବୋହୁ
ବୋହୁକା ଖେଳ ସାଙ୍ଗ
ସାଥୀ କେତେ କଣ ? ଆମ୍ବ
ତୋଟା ର ଡାଳ ମାଙ୍କୁଡ଼ି
ନଈ କୂଳ ରେ ସନ୍ଧ୍ୟା ରେ
ବୁଲିବା ଭୂଲି ହୁଏନା ସେହି
ପରିବେଶକୁ.....।

ସୁଦୂର ପଲ୍ଲୀର ରଘୁନାଥ ରଥଙ୍କର ଅଲିଅଳି ସୁନା ନାକି ଝିଅ ଥିଲା ରଙ୍ଗ,ରୂପରେ ଗୁଣ ରେ ଗାଁ ଝିଅ ଙ୍କ ଠାରୁ ବଳି ଅଧିକ ଥିଲା ରଙ୍ଗ। ତାର ରୂପ ଯେମିତି ସୁନ୍ଦର ଗୁଣ ବି ସେହିଭଳି କୋମଳ ମଧୁର ଥିଲା। ପର ଦୁଃଖ ଦେଖିଲେ ସେ ସହି ପାରେନି ଯେନତେନ ପ୍ରକାରେଣ ସେ ସାହାଯ୍ୟ ର ହାତ ବଢ଼ାଇ ଦିଏ କାହାର ଦୁଃଖ ଦେଖିଲେ ତାର ଡେଣା ରେ ପରା ଲାଗି ଯାଏ ଉଡି ବୁଲେ ସାହାଯ୍ୟ କରିବା ପାଇଁ,, ପର ଦୁଃଖ ରେ ଦୁଃଖୀ ହେଉଥିବା ରଙ୍ଗ ଲତା ଜୀବନ ରେ ଏମିତି ଦୁଃଖ ଅଛି କିଏ ବା ଜାଣି ଥିଲା ? ପିତା ରଘୁ ନାଥଙ୍କର ଚାରି ଝିଅ ଦୁଇ ପୁଅ ବଡ଼ ଦୁଇ ଭଉଣୀ ଓ ବଡ଼ ଭାଇର ବିବାହ ସରି ଥିଲା। ରଙ୍ଗଠାରୁ ସାନ ଭାଇ ଭଉଣୀ ଥିଲେ। କେବଳ ସ୍ୱାବଲମ୍ବୀଶୀଳ ହୋଇ ପାରିଲେ ନାରୀ ଆତ୍ମ ମର୍ଯ୍ୟାଦା ସହ ବଞ୍ଚି ପାରିବ। ଉପଯୁକ୍ତ ଶିକ୍ଷା ହିଁ ବ୍ୟକ୍ତି ଭାବରେ ପ୍ରତିଷ୍ଠା ଦେଇ ପାରିବ। ରଙ୍ଗର ବଡ଼ ଭାଇ ଥିଲା କ୍ରୁର ପ୍ରକୃତିର ଓ ସ୍ୱାର୍ଥପର ମିଞ୍ଜାସର ଲୋକ। ଦ୍ୱାପରଯୁଗରେ ଜଟିଳା କୁଟିଳାଙ୍କ ପରି ଏ ଯୁଗରେ ମଧ୍ୟ ତାଳ ଦେଇ ନଣନ୍ଦ ଭାଉଜଙ୍କ ସମସ୍ୟା ତ ଏକା ପରି। ରଙ୍ଗର ସାବଲୀଳ ବ୍ୟବହାର ଓ ପର ଉପକାରିତା ପ୍ରକୃତିକୁ ଭାଉଜ ସହି ପାରିବ ବା କିପରି ? ମିଛ ଖଚ ଭାଇକୁ କହି ରଙ୍ଗଲତା ବିରୁଦ୍ଧରେ ଲଗେଇ ଯୁଟେଇ ଆସନ୍ତି ସୃଷ୍ଟି କରେ। ଭାଇ କିଛି ନ ବୁଝି ନ ଶୁଝି ରଙ୍ଗକୁ ବହୁତ ମାଡ ଗାଳି ଦିଏ। ମାଡ଼ ଗାଳି ସହ ଖାଇବା ପିଇବାରେ ମଧ୍ୟ ହଇରାଣ କରନ୍ତି। ଭାଇ ଭଉଣୀଙ୍କର ଗୋଟିଏ ମୁହୂର୍ତ୍ତ ମଧ୍ୟ ଭଲରେ କଟେ ନାହିଁ। ପିତା ରଘୁନାଥ ରଥ ଦୁଃଖରେ ଭାଙ୍ଗି ପଡନ୍ତି ପୁଅର କ୍ରୁର ବ୍ୟବହାରକୁ ଦେଖି।

ଶେଷରେ ରଘୁନାଥ ବାବୁ ସିଦ୍ଧାନ୍ତ ନିଅନ୍ତି ଝିଅର ବିବାହ କାଟିଦେବାକୁ ଶେଷରେ ସେଇଆ ହେଲା। ପାଖ ଗ୍ରାମର ବିଶ୍ୱପ୍ରକାଶ ମିଶ୍ରଙ୍କ ସହ ବିବାହ ଠିକଣା ହେଇଗଲା। ବିଶ୍ୱ ପ୍ରକାଶ ଥିଲେ ଦରିଦ୍ର ପରିବାରର ପଣ୍ଡିତ ରାଧାନାଥ ମିଶ୍ରଙ୍କର ଏକ ମାତ୍ର ପୁତ୍ର। ଦୁଇ ବର୍ଷ ବୟସରେ ବିଶ୍ୱ ପ୍ରକାଶ ମାଆଙ୍କୁ ହେରେଇ ଥିଲେ। ବାଲ୍ୟ ବିଧବା ନାନୀ ମା (ବିଶ୍ୱ ପ୍ରକାଶ ବାପାଙ୍କ ପିଉସୀ)ର ଲାଳନ ପାଳନରେ ବଢ଼ିଛି। ମାଆ ଛେଉଣ୍ଡ ବିଶ୍ୱ ପ୍ରକାଶଙ୍କୁ ଏମିତି ଗେହ୍ଲା କରି ଦେଇଥିଲେ ଯେ କାହାକୁ ବି ସେ ମାନୁ ନଥିଲେ, ବାପା ଭାବୁଥିଲେ ପୁଅର ବିବାହ କରିଦେଲେ ପୁଅ ଠିକ୍ ବାଟକୁ ଆସିଯିବ।

ରଘୁନାଥ ରଥ ଓ ରାଧାନାଥ ମିଶ୍ର ବାଲ୍ୟ ବନ୍ଧୁ ଥିଲେ। ଏହି ବିବାହ ପ୍ରସ୍ତାବରେ ଦୁଇ ପରିବାରର ସହ ମତିରେ ବିବାହ ସମ୍ପର୍ନ୍ନ ହେଇଗଲା। ବାପା ରାଧାନାଥ ଭାବିଥିଲେ ବିବାହ ପରେ ପୁଅ ସୁଧୁରି ଯିବ। ଅଲିଅଳୀ ରଙ୍ଗଲତା ଭାବିଥିଲା ଶାଶୁ ଘରେ ଭଲରେ ଚଳିବ ଖୁସି ରେ ଘର କରିବ କିନ୍ତୁ ଭାଗ୍ୟ ର ବିଡମ୍ବନା ଥିଲା ଅଲଗା। ରଙ୍ଗଲତା ର ମନ ର ମଣିଷ ର ମନ ଥିଲା ଅନ୍ୟ ପ୍ରକାର।ସେ ତାଙ୍କର ମନକୁ ଅନ୍ୟ କାହାକୁ ଦେଇ ସାରି ଥିଲେ। ରାତି ରାତି ଅନିଦ୍ରା ରହେ ରଙ୍ଗ ଲତା ବାସ ର ଶେଯ ରୁ ଅପେକ୍ଷା ରେ ଥାଏ କିନ୍ତୁ ବିଶ୍ୱ ପ୍ରକାଶ ପର ଘରୁ ରାତି ଅଧ ରେ ପେଟେ ମଦ ପିଇ ଘରକୁ ନିଶା ଅବସ୍ଥା ରେ ଫେରେ। ତଥାପି ରଙ୍ଗ ଅପେକ୍ଷା କରିଥିଲା ଦିନ ନା ଦିନେ ତାଙ୍କ ମନ ପରିବର୍ତ୍ତନ ହେବ,ନିଶା ଶକ୍ତ ଅବସ୍ଥା ରେ ରଙ୍ଗ କୁ ଚିହ୍ନି ନ ପାରି ବିଶ୍ୱ ପ୍ରକାଶ ରଙ୍ଗ ଲତା କୁ ସଂପୂର୍ଣ୍ଣ ସ୍ତ୍ରୀ ର ଅଧିକାର ଦେଇ ଦେଇଥିଲେ।ରଙ୍ଗ ଲତା ତା ନାରୀ ଜୀବନ ର ସାର୍ଥକତା ପାଇ ବହୁତ ଖୁସି ଥିଲା। କିଛି ଦିନ ପରେ ଜଣା ଗଲା ରଙ୍ଗ ଲତା ଗର୍ଭବତୀ, ରଙ୍ଗ ସିନା ମାତୃତ୍ୱର ବାସନା ରେ ଖୁସି ଥାଏ କିନ୍ତୁ ଖୁସି ନ ଥିଲେ ପରିବାର ଲୋକ। ଏ କାହାର ପିଲାକୁ ପେଟ ରେ ଧରିଛୁ ବୋଲି ବାଲ୍ୟ ବିଧବା ନାନୀ ମା ଗର୍ଜି ଉଠିଲା।ବିଶ୍ୱ ପ୍ରକାଶ ମୁଣ୍ଡରେ ମଧ୍ୟ ଏହି ଅନ୍ଧ ଅହମିକ ରେ ଛନ୍ଦି ଦେଲା ନାନୀ ମା। ରଙ୍ଗ ପର ପୁରୁଷ ସହ ସମ୍ପର୍କ ରଖି ତୋ ପିଲାର ମାଆ ହେବାର ଅଭିନୟ କରୁଛି। ବିଶ୍ୱ ପ୍ରକାଶ ର ମାଡ, ନିର୍ଯାତନା ଆରମ୍ଭ ହୋଇଗଲା। "ମଲୁ ଖୁଜିଥିଲା ଯାହା ବଇଦ ବତେଇଲା ତାହା " ପେଟ ରେ ଭୋକ ଓ ମାଡ ଦାଉ ରଙ୍ଗ ଆଉ ସହି ପାରିଲା ନାହିଁ।ସହି ବାର ସୀମା ଟପି ଗଲା ରୁ ରଙ୍ଗ ଲତା ସେଦିନ ମାଛି ଅନ୍ଧାର ରୁ ଲୁଚି ପଳେଇ ଆସିଲା ତା ବାପା ଘରକୁ......। କିଛି ଦିନ ବାପା ଙ୍କ ଘରେ ରହିବ ପରେ ରଙ୍ଗ ର ପୁଅ ଟିଏ ହେଲା, ସବୁ ଦୁଃଖ କଷ୍ଟ ଭୁଲିଗଲା ରଙ୍ଗ ପୁଅ ର ମୁହଁକୁ ଚାହିଁ। କିନ୍ତୁ ଭାଗ୍ୟ ର ବିଡମ୍ବନା ଯାହା ଭାଗ୍ୟ ରେ ଦୁଃଖ ଲେଖା ହେଇଛି ସେ ସୁଖ ସାଉଁଟିଲେ ପାଇବ କେଉଁଠି? ଭାଇ ସାଜିଲା ଭଗାରି କ୍ରୁର ଭାଇ ର ଆଖି ରେ ଗଲାନି ରଙ୍ଗ ର ଖୁସି ସ୍ୱାମୀ ନିର୍ଯାତନା ସହ ତାଳଦେଇ ଭାଇ ଭାଉଜ ବି ରଙ୍ଗ ପଛ ରେ ଲାଗି ଗଲେ। କେଉଁଠି ଠିଆ ହେଲା କେଉଁଠି ହସିଲା,ବସିଲା ଏ ସବୁ ଭାଉଜ ଲଗେଇ ଯୁଟେଇ ଭାଇ କୁ କହିବା ଦ୍ୱାରା ଭାଇ ମଧ୍ୟ ରଙ୍ଗ କୁ ମାର ଧର କଲା ଏ ସବୁ ସହି ପାରିଲାନି ରଙ୍ଗ। ଗୋଟେ ଝିଅ ସବୁ ସାହିବ କିନ୍ତୁ ତା ଚରିତ୍ରକୁ ଆଙ୍ଗୁଠି ଠାର କେବେ ସହି ପାରିବନି। ପରିବାରର ସମସ୍ତ ସହ ପୁଅ କୁ ଛାଡି ଗୋଡ଼ କାଢିଲା ଘରୁ। ମନ ରେ ଭାବୁ ଥାଏ ଦୋଷ ନ କରି ଦୋଷୀ ହେଲି କିପରି? ଆତ୍ମ ହତ୍ୟା କରିଦେବି ଏଇ ନିଷ୍ପତି ନେଇ ଚାଲୁ ଚାଲୁ କେଉଁଠି ପହଁଚି ଗଲା ସେ ଜାଣି ପାରିଲା ନାହିଁ।ନଦୀକୁ ଡେଇଁ, ଆତ୍ମ ହତ୍ୟା କରିବା ସମୟ ରେ ଦେବ ଦୂତ ସାଜି ଜଣେ ସ ହୃଦୟ ବ୍ୟକ୍ତି ଟାଣି ଆଣିଲେ ନଦୀ ଗର୍ଭ ରୁ,ବଞ୍ଚିଗଲା ରଙ୍ଗ। ସେ ବ୍ୟକ୍ତି ଜଣକ ଥିଲେ ଗୋଟିଏ ଅନାଥ ଆଶ୍ରମ ର ମାଲିକ। ରଙ୍ଗ ସେହି ଆଶ୍ରମ ରେ ରହିଗଲା। ଭୁଲିଗଲା ତାର ସମସ୍ତ ଅତୀତକୁ ଆଶ୍ରମର ଟିକି ଟିକି ପିଲାଙ୍କ ମେଳରେ .......। ଗୋଟିଏ ପୁଅ କୁ ଛାଡି କୋଟିଏ ପୁଅ ର ମାଆ ହେଇଗଲା ସିଏ। ସମ୍ବାଦ ପତ୍ର ର ସାମ୍ବାଦିକ ଥିଲେ ତାର ବଡ଼ ଭାଇ। ଆଶ୍ରମ ରେ ବସି ଖବର କାଗଜ ଲେଉଟାଉ ଲେଉଟାଉ ଗୋଟିଏ ଖବର ଉପରେ ପଡ଼ିଲା ଚମକି ପଡ଼ିଲା ସେ ଆଜି ତା ଭାଇ ପୁଅ ର ବ୍ରତ ଘର ଅଥଚ ରଙ୍ଗ ରହିଗଲା ବହୁତ ଦୂର ରେ ମନ ମାରି ବସି ରହିଥିଲା ରଙ୍ଗ!! ତା ଅଜଣାତ ରେ ଲୁହ ବୋହି ଚାଲି ଥିଲା........... ବ୍ରତ ଘରର କଳ ଗାଉନା ଗାଉ ଥିଲା "ରଙ୍ଗ ଲତା ରୁଷିଛି ଲୋ ରଙ୍ଗ ଲତା ରୁଷିଛି ବାପ ଘର ଯିବ ବୋଲି ଗୋଡ଼ କାଢି ବସିଛି।" ଆଜି ଏହି ଗୀତ ଶୁଣି କ୍ରୁର ଭାଇ ର ମନ ତରଳି ଉଠିଛି ଭାଙ୍ଗି ଯାଇଛି ତାର ରାଗ ଅହମିକା ସବୁ, ଯାହା ହେଲେ ବି ସେ ଗୋଟିଏ ଭାଇ ଆଉ ରଙ୍ଗ ଲତା ର ଭାଇ!! ଯେତେ ନିଷ୍ଠୁର ହେଲେ ବି ଅଜାଣତ ରେ ଲୁହ ଦୁଇ ଧାର ହୋଇ ଗଡି ଚାଲିଛି ଅବାରିତ, ବନ୍ଧୁ ବାନ୍ଧବ ଅନ୍ୟାନ୍ୟ ଭାଇ ଭଉଣୀ ମାନେ ମଧ୍ୟ କିଛି ସମୟ ପାଇଁ ନୀରବ ନିସ୍ତବ୍ଧ ହୋଇଯାଇଛନ୍ତି ...... ।

*ଭୁବନେଶ୍ୱର, ମୋ: ୯୩୩୮୨୯୪୬୫୭*

## କାଣ୍ଠିଆ



ଦିପ୍ତୀ ଶତପଥି



ଆଲମିରାରୁ ସବୁତକ ଲୁଗା କାଢ଼ି ତଳେ ଗଦେଇ ସାରିଲେଣି ମନମୋହନ। ସେଇ ଚାଦରଟା ମିଳୁନି। ପୁଅ ଆଣିଦେଇଥିଲା ଚାକିରୀର ପ୍ରଥମ ଦରମାରେ, ଦିଲ୍ଲୀରୁ। ସବୁଥର ଶୀତଦିନେ ପୁଅ ଆସିଲାବେଳକୁ ତା ଆଗରେ ଦେଖେଇହେଇ ମନମୋହନ ସେଇଟିକୁ ଘୋଡ଼େଇହେଇ ଦୁଇଦିନ ବୁଲିବାର ଦେଖାଯାଏ।

ପୁଅ ବି ଆତ୍ମସନ୍ତୋଷରେ ବିରାଟ ବସ୍ତୁଟିଏ ଯୋଗେଇ ଦୟା କରିବାପରି ଗର୍ବ ଅନୁଭବ କରେ। ପୁଅ ଯିବାପରେ ତାକୁ ସଫାକରି ପୁଣି ସାଇତିଦିଅନ୍ତି ଆଲମିରାରେ ମନମୋହନ। ନିତି ବ୍ୟବହାର କଲେ ଦାଗ ଲାଗିଯିବ, ଚିରିଚାରିଯିବ। ଆଜି ସେ ଚାଦରଟି ତାଙ୍କୁ ଠାବ ହେଉନି।ଏମିତିରେ ତାଙ୍କୁ ବିସ୍ମରଣ ରୋଗ ଛୁଇଁନି। ଘରଭଡ଼ା, ବ୍ୟାଙ୍କ, ଫସଲ ସବୁର ଟିକିନିଖି ହିସାବ ତାଙ୍କ ପାଟିରେ ଟିପ ଅଗରେ।

ରୋଷେଇଘରୁ ଆସିଲେ ସ୍ତ୍ରୀ ଭାରତୀ। ଲୁଗାର ପାହାଡ ଦେଖି ତାଙ୍କ ମୁଣ୍ଡ ବୁଲେଇଦେଲା। କହିଲେ, "ମୁଁ ସଜାସଜି ନପାରିବାକୁ ତମର ଏତେ ଘଣ୍ଟାଚକଟା କଣ ?" "ନାଇଁମ..." ମନମୋହନ କଥା ବାଁରେଇଲେ।

ଠିକ୍ ଧରିନେଲେ କଥା ଭାରତୀ। ପୁଅ ଫୋନ୍ କରିଥିଲା, ଆସୁଚି।ବାଛିବାଛି ନାଁ ଦେଇଥିଲେ କୁଳଭୂଷଣ। ଚାକିରୀ ଜୀବନରେ ଗୋଟିଏ ଉପହାର ଦେଇଥିଲା ମନମୋହନଙ୍କୁ କାଣ୍ଠିଆ ଚାଦର। ସେଇଟି ଯେ ଏକ ଦୁର୍ଲଭ ବସ୍ତୁ, ବାରମ୍ବାର ଚେତେଇବାକୁ ଭୁଲୁନଥିଲା।

ତିନିବର୍ଷ ତଳେ ଜର ହେଇଥିଲା ମନମୋହନଙ୍କୁ। ଜର ନକମିବାରୁ ସନ୍ଦେହରେ ସ୍ଥାନୀୟ ଡାକ୍ତର କରୋନା ଚିକିତ୍ସାଳୟକୁ ପଠେଇଦେଲେ। ସେଇ ସମୟରେ କାଣ୍ଠିଆଟି ତାଙ୍କୁ ବେଢ଼େଇଦେଇଥିଲେ ଭାରତୀ। ଡାକ୍ତରଖାନା ନିୟମ ଅନୁସାରେ ପିନ୍ଧାଲୁଗା ସହ କାଣ୍ଠିଆଟି ଚାଲିଗଲା କରୋନା ଜୀବାଣୁ ବାହକ ବର୍ଜ୍ୟ ବସ୍ତୁରୂପେ। ପନ୍ଦରଦିନପରେ ସୁସ୍ଥ ହେଇ ଘରକୁ ଫେରିଥିଲେ ମନମୋହନ।ଫେରିନଥିଲା କାଣ୍ଠିଆ। ଗଣମାଧ୍ୟମ ଆଗରେ ଅନୁଭୂତି ସହ ମତ ବଖାଣିଥିଲେ ସୁସ୍ଥ ଅଶୀତିପର ମନମୋହନ। ଯୁବସମାଜଙ୍କୁ ମନୋବଳ ଦୃଢ଼ ରଖିବାକୁ ପରାମର୍ଶ ଦେଇଥିଲେ।

ଆଜି ପୁଅ ଆସିବା ଖବର ପାଇ ଖୋଜୁଥିଲେ ଚାଦର। ଭାରତୀ ମନେପକେଇଦେଲେ ସବୁ। ଚିନ୍ତାରେ ପଡିଗଲେ ମନମୋହନ। ପୁଅ ପଚାରିବ... "ଏତେ ସକାଳୁ ଉଠୁଚ, ଥଣ୍ଡା ଧରିବ, ଘୋଡ଼େଇହଉନ କାହିଁକି?" ପରୋକ୍ଷରେ ଦେଇଥିବା ଚାଦରଟିକୁ ଖୋଜିବ। କାଣ୍ଠିଆ ପରି ହାତବୁଣା ଦ୍ରବ୍ୟର ମର୍ଯ୍ୟାଦା ବୁଝିବାକୁ ବାପା ଅକ୍ଷମ ବୋଲି ଭାବିବ। କାହାକୁ ଦାନ କରିଦେଲେ ବୋଲି ସନ୍ଦେହ କରିବସିବ।ଏମିତିରେ ସେ ସବୁ କଥାରେ ବିରକ୍ତ ହୁଏ।

ବାପାଟି ତା ପାଇଁ ସବୁ ଅୟସ ଖଞ୍ଜିଥିବାବେଳେ, ବାପା ଉପରେ ଭୂଷଣ ଅତିମାତ୍ରାରେ ଅସନ୍ତୁଷ୍ଟ। ତିଆରିଥିବା ଘର ପ୍ଲାନବିହୀନ, ଜମିସବୁ ସ୍ୱଳ୍ପମୂଲ୍ୟର... ଘରେ ପଶିବାମାତ୍ରେ ଅନେକ ଆପତ୍ତି ଅଭିଯୋଗର ଫର୍ଦ୍ଦ ଲମ୍ବିଯାଏ । ଭାରତୀ କାଠପରି ଦୁଆରବନ୍ଧକୁ ଆଉଜି ଠିଆହେଇଥିବେ। ରାତିରୁ ଉଠି କରିଥିବା ପୁଅ ପସନ୍ଦର ଦ୍ରବ୍ୟ ବାଢ଼ିବେ। ପୁଅ ଖାଇବ, ବାକିତକ ନବାପାଇଁ ଠାରିବ। ବୋହୂ,ନାତିଙ୍କ ପାଇଁ ଭାରତୀ ସଜେଇ ବାନ୍ଧିଦେବେ। ପୁଅ ଦେଖୁଥିବ, କହିବନି...." ବାପାଙ୍କ ପାଇଁ ଦିଇଟା ରଖିଦେ....." ମା' ପରା। ମେସିନ୍। ଶେଯରେ ପଡିଲାଯାଏ କରିବ, କରିଚାଲିବ।

ବୋହୂ ଦିନେ ହାତରନ୍ଧା ଚଖେଇବାକୁ ଆସିନି କି ତିଆରି କରି ପଠେଇନି।ସେ ରହୁଥିବା ସହର ଗାଁଠୁ ମାତ୍ର ତିରିଶ କିଲୋମିଟର।ଆଜିକାଲି ବୋହୂମାନେ ସବୁବେଳେ କ୍ଲାନ୍ତ, ଜଂଜାଳ ମୁଣ୍ଡେଇବା ଦୂରକଥା।

ଏଇ ପ୍ଲାନ୍ ବିହୀନ ଦୁଇତାଲା ଘରେ ସାତ ବଖରା ଘର। ଦଶ ପ୍ରାଣୀ। ହଳିଆ ମୂଲିଆ, କୁଣିଆ ସବୁ ମୁଣ୍ଡେଇଥିଲେ ଭାରତୀ। ଅଶୀ ପରେ ବି ସରୁସରୁ କାଠିପରି ହାତରେ ସବୁଦିନ ରାନ୍ଧିକି ଦିଅନ୍ତି ମନମୋହନଙ୍କୁ, ପର୍ବପର୍ବାଣୀରେ ପୁଅକୁ, ପୁଅର ପରିବାରକୁ। ସେଇପୁଅର ହିତାହିତ ଜ୍ଞାନ ବାଟବଣା ହେଉଚି। ଗାଁର ଜମିବାଡ଼ିରୁ ଖଣ୍ଡେଲେଖାଏଁ ବିକି ସହରରେ ଫ୍ଲାଟ୍ ତିଆରିପାଇଁ ପୁଞ୍ଜି ବଢ଼େଇଦେଲେ ଆଖିରେ ଚମକ ଖେଳେଇ ଚାଲିଯାଉଚି। ପୁଣି ବର୍ଷକପରେ ସମାନ କଥା,ସମାନ ବ୍ୟବହାର। ଗାଁର ମାରୱାଡି ଦୋକାନକୁ ଗଲେ ମନମୋହନ। ଏକା ପ୍ରକାର ନହେଲେ ବି ଦାମିକା କାଣ୍ଠିଆଟିଏ କିଣିଆଣିଲେ। ପୁଅର ମାନ ରଖିବାକୁ ହେବ। ଏଥର ଭୂଷଣ ଅନ୍ୟମନସ୍କ ଥିଲା, ଉଦାସ ଦିଶୁଥିଲା। ସ୍ତ୍ରୀର ଦେହ ଖରାପ, ଭାରତୀ ଗଲେ ଘର ସମ୍ଭାଳିବେ। ଜଣକୁ ସେ ନେବାକୁ ଆସିଚି। ଦୁଇଜଣଯାକ ମୋ ସାଙ୍ଗରେ ଚାଲ ବୋଲି ପାଟିରୁ ବାହାରିଲାନି ତାର, ସବୁ ଦରକାର ସମୟ ପରି। ମନମୋହନଙ୍କୁ ସବୁ ଆସେ,ରୋଷେଇକୁ ଛାଡି। ଆବଶ୍ୟକତା କେବଳ ମାଆର, ବାପାଙ୍କର ନୁହେଁ। ଥରିଗଲେ ଭାରତୀ। ଆଜିଯାଏ ପୁଅକୁ ନା କହିନଥିବା ଭାରତୀ ଟାଣ ଗଳାରେ କହିଲେ, "ମୁଁ ଯିବିନି। ଯେତେବେଳେ ଦରକାର ଡାକିନଉଚୁ, କାମସରିଲେ ପଠେଇଦଉଚୁ।ତାଠୁ ଭଲ ମୁଁ ମୋ' ପସନ୍ଦରେ ଗୋଟେ ତରକାରୀ କରି ଖାଇବି, ଖୁଆଇବି। ମୋ ପାଖରେ ବସୁଥିବା ଉଠୁଥିବା ଦି ଚାରିଟା ଲୋକ ମୋର ହେଇ ଠିଆହେବେ। ତୁ ମୋ' ଆୟୁଷ ଆଉ ଆଶୀର୍ବାଦ ନେଇ ଯା.... ତୋ ଘର କଥା ତୁ ବୁଝ୍ ।"

ଭାରତୀଙ୍କଠୁ କେବେ ଏମିତି ଦମ୍ଭିଲା କଥା ଶୁଣିନଥିଲା ଭୂଷଣ।ପ୍ରଥମଥର ସେ ଉତ୍ତର ଫେରାଉନଥିଲା। ତରତର ହେଇ ମାରୱାଡି ଦୋକାନରୁ ଫେରୁଥିଲେ ମନମୋହନ। "ତୋର ଜନ୍ମଦିନ ଅଛି ଆର ସପ୍ତାହରେ।

ଏଇ ଶାଲ୍ ଟା ମଗେଇଥିଲି ତୋ ପାଇଁ।"ଭୂଷଣ ମୁହଁକୁ ନଚାହିଁ ଗାଡ଼ି ସିଟ୍ ରେ ରଖିଦେଲେ ମନମୋହନ।

ଭୂଷଣ ଅବସର ନେଇସାରିଥିଲା। ଗତକାଲି ନିଜ ପିଲାଙ୍କ ବ୍ୟବହାରରେ ଭାଙ୍ଗିପଡ଼ିଥିଲା ନିଜେ। ଦୁଇଥର ବ୍ୟବସାୟରେ ପ୍ରଚୁର କ୍ଷତି କରିସାରି ବଡପୁଅ ଦୋଷ ଦେଉଥିଲା ଭୂଷଣକୁ। ସାନପୁଅ ମ୍ୟୁଜିକ ବ୍ରାଣ୍ଡ ଖୋଲିବା ନିଶାରେ। ଦୁଇଜଣଙ୍କର ଚାପ,ଗାଁ ର ସମ୍ପତ୍ତି ବଦଳରେ ଆମକୁ ପ୍ରତିଷ୍ଠା ଦିଅ। ଅର୍ଜିତ ଅର୍ଜନ ବିନିମୟରେ ସ୍ତ୍ରୀ ପିଲା ଅସନ୍ତୁଷ୍ଟ। ସବୁ ଦାୟିତ୍ୱ ସାରିବାପରେ ବି ବୁଢ଼ା ବାପାମାଆ ନିଜେ ନିଜର ଭରସା, ନିଜ ପ୍ରତି ଆସ୍ଥାବାନ। ଫେରିବା ବାଟରେ ଚାଦରଟିକୁ ହାତରେ ଧରିଲା ଭୂଷଣ। ଘୋଡ଼େଇହେଇ ବସିଲା ଠିକ୍ ମନମୋହନଙ୍କ ପରି। ଡ୍ରାଇଭର ପଚାରିଲା ଏସି କମେଇବି କି ବାବୁ? ମୁଣ୍ଡ ହଲେଇ ମନାକଲା ଭୂଷଣ। ଘରେ ପହଞ୍ଚିବା ପର୍ଯ୍ୟନ୍ତ କିଛି ଲୁହ ପିଇଯାଉ ଏ କାଣ୍ଠିଆ।

# ଜେଡିୟୁ ମୁଖପାତ୍ର ପଦରୁ କେସି ତ୍ୟାଗିଙ୍କ ଇସ୍ତଫା



**ପାଟନା, ୧।୯:** ଜେଡିୟୁ ମୁଖପାତ୍ର କେ ସି ତ୍ୟାଗୀ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ଦଳର ବରିଷ୍ଠ ନେତା ରାଜୀବ ରଞ୍ଜନ ପ୍ରସାଦଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି ଦଳର ସୁପ୍ରିମୋ ନୀତିଶ କୁମାର। ନିକଟରେ ଶ୍ରୀ ତ୍ୟାଗି ସହଯୋଗୀ ବିଜେପି ବିରୋଧରେ ମନ୍ତବ୍ୟ ଦେଇଥିଲେ। ଏହା ଫଳରେ ଜେଡିୟୁ ଅପଦସ୍ତ ହୋଇଥିଲା। ବିହାରରେ ବିଜେପି ସମର୍ଥନରେ ନୀତିଶ ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି। ବିଜେପି ସହ ତ୍ୟାଗୀଙ୍କର ଦୀର୍ଘ ଦିନରୁ ଖରାପ ସମ୍ପର୍କ ରହିଛି। ଏହାକୁ ନେଇ ବିଜେପି ନେତୃତ୍ୱ ଅସନ୍ତୁଷ୍ଟ ଅଛନ୍ତି। ଏନଡିଏର ସହଯୋଗୀ ଦଳ ଭାବେ ଜେଡିୟୁ ମେଣ୍ଟ ଧର୍ମ ପାଳନ କରିବା ଉଚିତ ଏବଂ ସହଯୋଗୀ ଦଳ ବିରୋଧରେ କିଛି ଅସନ୍ତୋଷ ବା ଅଭିଯୋଗ ଥିଲେ ଏହାକୁ ପଦାରେ ପ୍ରକାଶ ନକରି ଦଳ ଭିତରେ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯାଇପାରିବ ବୋଲି ବିଜେପି କହିଆସୁଛି। ତେବେ ତ୍ୟାଗୀ ବ୍ୟକ୍ତିଗତ କାରଣରୁ ମୁଖପାତ୍ର ପଦରୁ ଇସ୍ତଫା ଦେଉଛନ୍ତି ବୋଲି କହିଛନ୍ତି। ଏହା ପୂର୍ବରୁ ମଧ୍ୟ ଶ୍ରୀ ତ୍ୟାଗୀ ଅନେକ ଥର ପାର୍ଟୀ ସୁପ୍ରିମୋଙ୍କୁ ତାଙ୍କୁ ଦାୟିତ୍ୱରୁ ମୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ।

ବିଜେପି ବାରମ୍ବାର କହି ଆସୁଛି ଯେ, କେନ୍ଦ୍ରରେ ଏକ ସ୍ଥିର ସରକାର ଚଳାଇବା ନିମନ୍ତେ ଏନଡିଏର ସହଯୋଗୀ ଦଳମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଏବଂ ସମନ୍ୱୟ ରହିବା ଉଚିତ। କିନ୍ତୁ ଜେଡିୟୁ ଏନଡିଏର ଏକ ପ୍ରମୁଖ ସହଯୋଗୀ ଦଳ ହୋଇଥିଲେ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ବିଜେପି ସହ ଭିନ୍ନ ମତ ପୋଷଣ କରିଆସୁଛି। ଗାଜା ଯୁଦ୍ଧ ଏବଂ ଇସ୍ରାଏଲ ସହ ସମ୍ପର୍କ, ୱାକଫ ବିଲ, ସମାନ ନାଗରିକ ସଂହିତା (ୟୁସିସି) ଆଦି ପ୍ରସଙ୍ଗରେ ତ୍ୟାଗୀ ବିଜେପିକୁ ସମାଲୋଚନା କରିବା ଫଳରେ ଜେଡିୟୁ ଅପଦସ୍ତ ହୋଇଛି। ବିଭିନ୍ନ ପ୍ରସଙ୍ଗରେ ଶ୍ରୀ ତ୍ୟାଗୀ ବ୍ୟକ୍ତିଗତ ମତ ଉପସ୍ଥାପନ କରୁଥିଲେ। ଏହା ଏନଡିଏ ବିରୋଧରେ ଯାଉଥିଲା। ଗାଜା ଉପରେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା ଏବଂ ଏହି ପ୍ରସଙ୍ଗରେ ଭାରତର ଆଭିମୁଖ୍ୟକୁ ସେ ସମାଲୋଚନା କରି ବିରୋଧୀଙ୍କ ସହ ହାତ ମିଳାଇଥିଲେ। ତେଣୁ ତାଙ୍କୁ ଦଳୀୟ ମୁଖପାତ୍ର ପଦରୁ ବିଦା କରାଯାଇଛି।

## ନୀତୀଶଙ୍କୁ ଚ୍ୟାଲେଞ୍ଜ କଲେ ତେଜସ୍ୱୀ ଯାଦବ



**ପାଟନା, ୧।୯:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଆରଜେଡି ନେତା ତେଜସ୍ୱୀ ଯାଦବ। ୯ମ ସେଡ୍ୟୁଲରେ ସଂରକ୍ଷଣ ବ୍ୟବସ୍ଥା ସପକ୍ଷରେ ଯଦି ଜେଡିୟୁ ରହିଛି, ତା'ହେଲେ ଦଳର ନେତାମାନେ ଖୋଲାଖୋଲି ମତ ରଖନ୍ତୁ ବୋଲି ତେଜସ୍ୱୀ କହିଛନ୍ତି। ଏଥିସହ ସେ ଦେଶବ୍ୟାପୀ ଜାତି ଭିତ୍ତିକ ଜନଗଣନା ପାଇଁ ମଧ୍ୟ ଦାବି କରିଛନ୍ତି। ସମ୍ବିଧାନର ୯ମ ସେଡ୍ୟୁଲରେ ସଂରକ୍ଷଣ ବ୍ୟବସ୍ଥା ପାଇଁ ବିହାରର ବିଭିନ୍ନ ସ୍ଥାନରେ ବିକ୍ଷୋଭ ହେଉଛି। ଆଜି ବିହାରର ବିଭିନ୍ନ ଜିଲ୍ଲାରେ ଆରଜେଡି ପକ୍ଷରୁ ମଧ୍ୟ ଜାତି ଭିତ୍ତିକ ଜନଗଣନା ଦାବିରେ ଧାରଣା ଦିଆଯାଇଛି। ଏହି ସମୟରେ ତେଜସ୍ୱୀ ଜେଡିୟୁକୁ ଏହା ସପକ୍ଷରେ ମତ ରଖିବାକୁ ଚ୍ୟାଲେଞ୍ଜ କରିଛନ୍ତି। ସେ କହିଛନ୍ତି, "ଆମେ ଜେଡିୟୁ ନେତାମାନଙ୍କୁ ଚ୍ୟାଲେଞ୍ଜ ଦେଉଛୁ ଯେ ସେମାନେ ୯ମ ସେଡ୍ୟୁଲରେ ସଂରକ୍ଷଣ ବ୍ୟବସ୍ଥାକୁ ସାମିଲ କରିବା ସପକ୍ଷରେ ରହିଛନ୍ତି କି ନାହିଁ, ସେକଥା କୁହନ୍ତୁ।" ୯ମ ସେଡ୍ୟୁଲରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆଇନର ତାଲିକା ରହିଛି, ଯାହାକୁ କୋର୍ଟରେ କେବେ ହେଲେ ଚ୍ୟାଲେଞ୍ଜ କରାଯାଇ ପାରିବ ନାହିଁ। ତେଣୁ ଏଥିରେ ସଂରକ୍ଷଣ ବ୍ୟବସ୍ଥାକୁ ସାମିଲ କରିବା ପାଇଁ ଏବେ ବିହାରରେ ଦାବି ଉଠିଛି। ଆରଜେଡି ଦେଶବ୍ୟାପୀ ଜାତିଭିତ୍ତିକ ଜନଗଣନା ପାଇଁ ଦାବି କରୁଛି ଓ ସମ୍ବିଧାନର ୯ମ ସେଡ୍ୟୁଲରେ ବିହାରର ୬୫% ସଂରକ୍ଷଣ ବ୍ୟବସ୍ଥାକୁ ସାମିଲ କରିବାକୁ ମତ ରଖିଛି।

ଜାତିଭିତ୍ତିକ ଜନଗଣନାକୁ ବିରୋଧ କରୁଥିବା କ୍ଷମତାସୀନ ବିଜେପି ସରକାରଙ୍କୁ ଟାର୍ଗେଟ କରିଛନ୍ତି ତେଜସ୍ୱୀ। ସେ କହିଛନ୍ତି, ବିଜେପି ଜଣେ ଅଳିଆ ଗୋଟାଳିଙ୍କ ପୁଅକୁ ଚାହୁଁଛି ଓ ତାଙ୍କର ପରବର୍ତ୍ତୀ ପିଢ଼ି ଜୀବନ ବ୍ୟାପୀ କେବଳ ନଳା ସଫା କରନ୍ତୁ ବୋଲି ବ୍ୟବସ୍ଥା କରୁଛି। ଯେଉଁମାନେ ଭିକ ମାଗୁଛନ୍ତି, ସେମାନେ ସାରା ଜୀବନ ଭିକ ମାଗନ୍ତୁ ବୋଲି ବିଜେପି ଚାହୁଁଛି।

ଏହା ହେଉଛି ବିଜେପିର ପ୍ରକୃତ ମାନସିକତା। ଆମର ମହାନ ବ୍ୟକ୍ତିବିଶେଷମାନେ ସଂରକ୍ଷଣ କଥା କହୁଥିଲେ। ସେମାନେ ସମାଜର ତଳସ୍ତରରେ ଲୋକଙ୍କ ସମ୍ପର୍କରେ ମତ ରଖୁଥିଲେ। ବିଶେଷ କରି ସେମାନଙ୍କ ମୁହଁରୁ ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଲୋକଙ୍କ ସମାନତା କଥା ବାହାରୁଥିଲା। ଆଜି ବି ସମାଜରେ ଭେଦଭାବ ଜାରି ରହିଛି।" ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ନ ମିଳିବାରୁ ବିଜେପିର ସହଯୋଗୀ ଜେଡିୟୁ ଉତ୍ସବ ମନାଇଥିବା ମଧ୍ୟ ତେଜସ୍ୱୀ ଦାବି କରିଛନ୍ତି। ଏଥିସହ ବିହାରକୁ କାହିଁକି ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ମିଳିବ ନାହିଁ ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି।

## ଏବେ ନିର୍ବାଚନ ହେଲେ ମୂଳପୋଛ ହୋଇଯିବ ବିଜେପି: ସିସୋଦିଆ



**ନୂଆଦିଲ୍ଲୀ, ୧।୯:** 'ଏବେ ଦିଲ୍ଲୀରେ ବିଧାନସଭା ନିର୍ବାଚନ ହେଲେ ବିଜେପି ମୂଳପୋଛ ହୋଇଯିବ। ସମସ୍ତ ୭୦ଟି ଯାକ ଆସନ ଦଖଲ କରିବ ଆପ୍। ବିଜେପି ଖାତା ଖୋଲି ପାରିବନି।' ଏଭଳି କିଛି ବଡ଼ ଦାବି କରିଛନ୍ତି ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତା ତଥା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ। ନିକଟରେ ରାଜେନ୍ଦ୍ର ନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପଦଯାତ୍ରା ବେଳେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ବିଜେପି ଉପରେ ବର୍ଷିଛନ୍ତି। କେନ୍ଦ୍ରର ଶାସକ ଦଳ ତାଙ୍କୁ ଏବଂ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ମାମଲାରେ ଜେଲରେ ଫଶାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଆପର ଏହି ବରିଷ୍ଠ ନେତା କହିଛନ୍ତି, ଯଦି ବର୍ତ୍ତମାନ ନିର୍ବାଚନ ହୁଏ, ତେବେ ଆମ୍ ଆଦମୀ ପାର୍ଟି ସମସ୍ତ ୭୦ଟି ବିଧାନସଭା ଆସନରେ ବିଜୟୀ ହେବ। ମୋଟ ଭୋଟର ୭୦ ପ୍ରତିଶତ ଦଳ ଖାତାକୁ ଆସିବ। ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, 'ମୋ ପ୍ରତି ଲୋକଙ୍କ ସ୍ନେହ ଓ ଭଲପାଇବା ଦେଖି ବିଜେପି ବ୍ୟଥିତ ହୋଇଯାଇଛି। ମୁଁ ହସି ହସି ଜେଲରୁ ବାହାରକୁ ଆସିଲି କାରଣ ମୁଁ କିଛି ଭୁଲ କରିନାହିଁ।'

ବିଜେପି ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ଅରୁଣାଚଳ ପ୍ରଦେଶ ସମେତ ଅନେକ ସରକାରକୁ ଭାଙ୍ଗିଦେଇଛି। ନିଜ ନେତାଙ୍କ ବିରୋଧରେ ସିବିଆଇ ଓ ଇଡି ପଠାଇ ଦଳ ଭାଙ୍ଗିଛନ୍ତି। କିନ୍ତୁ ସେ ଆମ୍ ଆଦମୀ ପାର୍ଟିକୁ ଭାଙ୍ଗି ପାରିନାହିଁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଦିଲ୍ଲୀବାସୀ ଅରବିନ୍ଦ କେଜ୍ରିୱାଲଙ୍କୁ ବହୁତ ଭଲ ପାଆନ୍ତି, ସେ ଖୁବ୍ ଶୀଘ୍ର ଜେଲରୁ ମୁକୁଳିବେ।

ଗତ ବିଧାନସଭା ନିର୍ବାଚନରେ ଆପ୍ ୭୦ଟି ଆସନରୁ ୬୨ଟିରେ ବିଜୟୀ ହୋଇଥିଲା। ହେଲେ ଲୋକସଭା ନିର୍ବାଚନରେ ଆପ୍ ବିଫଳ ହୋଇଛି। ନିକଟରେ ଅବକାରୀ ନୀତିରେ ହୋଇଥିବା ଦୁର୍ନୀତି ମାମଲାରେ ମନୀଷ ସିସୋଦିଆଙ୍କୁ ଜାମିନ ମିଳିଥିଲା। ଗତ ୧୭ ମାସ ହେବ ସେ ଜେଲରେ ଥିଲେ।

## ଭୂସ୍ଖଳନରେ ୫ ମୃତ

**ବିଜୟୱାଡ଼ା, ୧।୯:** ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ନିକଟରେ ଭୂସ୍ଖଳନ ଯୋଗୁ ୫ଜଣ ପ୍ରାଣ ହରାଇଛନ୍ତି। ପ୍ରବଳ ବର୍ଷା ଯୋଗୁ ଏହି ଭୂସ୍ଖଳନ ହୋଇଥିଲା। ସେହିପରି ଗୁଣ୍ଟୁର ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁ ରାସ୍ତାରେ ପ୍ରବାହିତ ଜଳସ୍ରୋତରେ ଏକ କାର ଭାସିଯିବାରୁ ଓଥିରେ ଥିବା ୩ଜଣ ପ୍ରାଣ ହରାଇଛନ୍ତି। ବିଜୟୱାଡ଼ାର ମୋଘାଲପଡ଼ା ଗ୍ରାମରେ ଭୂସ୍ଖଳନ ହେତୁ ଗୋଟିଏ ପରିବାରର ୩ଜଣଙ୍କ ସମେତ ୫ଜଣ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଘଟଣା ନିମନ୍ତେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।



## ବ୍ୟାନ୍ ହେଲା 'ଏକ୍ସ'

**ନ୍ୟୁୟର୍କ, ୧।୯:** ବ୍ୟାନ୍ ହେଲା ମାଇକ୍ରୋବ୍ଲଗିଂ ସାଇଟ୍ 'ଏକ୍ସ' ବା ଟ୍ୱିଟର୍। ଶନିବାର ବ୍ରାଜିଲ ସରକାର ଏହା ଉପରେ ବ୍ୟାନ୍ ଲଗାଇଛନ୍ତି। ଫଳରେ ଏହା ବ୍ରାଜିଲରେ ଆଉ କାମ କରୁନି। ବର୍ତ୍ତମାନ ବ୍ରାଜିଲର ଉପଭୋକ୍ତାମାନେ 'X'ର ସେବା ବ୍ୟବହାର କରିପାରିବେ ନାହିଁ। ଉଭୟ ମୋବାଇଲ୍ ଏବଂ ୱେବ୍ ସଂସ୍କରଣରେ ସେବା ବନ୍ଦ ହୋଇଯାଇଛି। ବ୍ରାଜିଲର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, 'X'କୁ ବ୍ୟାନ୍ କରାଯାଇଛି। ଦୀର୍ଘ ଦିନ ଧରି ବ୍ରାଜିଲର ସୁପ୍ରିମକୋର୍ଟ ଏବଂ TESLA ସିଇଓ ଏଲୋନ୍ ମସ୍କଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ୨୪ ଘଣ୍ଟା ମଧ୍ୟରେ ଜଣେ ଆଇନ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ଶୁକ୍ରବାର ବ୍ରାଜିଲର ସୁପ୍ରିମକୋର୍ଟ ଏକ୍ସ'କୁ ଡେଡ୍‌ଲାଇନ ଜାରି କରିଥିଲେ। ତେବେ 'ଏକ୍ସ' ପକ୍ଷରୁ ବ୍ରାଜିଲରେ ଆଇନ ଅଧିକାରୀଙ୍କୁ ନିଯୁକ୍ତ କରାଯାଇ ନ ଥିବାରୁ ଜଷ୍ଟିସ୍ ଆଲେକଜାଣ୍ଡର ଡି' ମାରିଆସ ଦେଶବ୍ୟାପୀ ଏହାକୁ ବ୍ୟାନ୍ କରିବା ପାଇଁ ଆଦେଶ ଜାରି କରିଛନ୍ତି। ବ୍ରାଜିଲର ଗଣତନ୍ତ୍ରକୁ ଦୁର୍ବଳ କରାଯାଉଥିବା ଖବର ଏକ୍ସ' ପ୍ରଚାର କରୁଥିବା ଅଭିଯୋଗ ହୋଇଛି। ବ୍ରାଜିଲ କୋର୍ଟ ନ୍ୟାସନାଲ ଟେଲିକମ୍ୟୁନିକେସନ ଏଜେନ୍ସିକୁ ୨୪ ଘଣ୍ଟା ଭିତରେ ବ୍ଲକ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିସହ ୫ ଦିନ ମଧ୍ୟରେ ଅନଲାଇନ୍ ପ୍ଲେ ଷ୍ଟୋରରୁ ଏହି X ଆପ୍ ହଟାଇବା ପାଇଁ Apple ଏବଂ Googleକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ଏହାପୂର୍ବରୁ ଗତ ୧୭ ତାରିଖରେ ଏକ୍ସ ନିଜର ପୁରୁଣା ଆଇନ ଅଧିକାରୀଙ୍କୁ ଜେଲ୍‌ରେ ରଖିବାକୁ ବ୍ରାଜିଲରୁ ଧମକ ମିଳୁଥିବା ଦାବିକରି ନିଜର କାର୍ଯ୍ୟାଳୟକୁ ବନ୍ଦ କରିଦେଇଥିଲା। ରିପୋର୍ଟ ଅନୁଯାୟୀ, ଅନେକ ମାସ ଧରି ଦେଶରେ ଜଣେ ଆଇନ ଅଧିକାରୀଙ୍କୁ ନିଯୁକ୍ତ କରିବା ନେଇ କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ ନ କରିବାରୁ ବ୍ରାଜିଲରେ ଏକ୍ସ' ବିବାଦରେ ରହିଆସିଥିଲା। ଦେଶର ଗଣତନ୍ତ୍ରକୁ ଦୁର୍ବଳ କରୁଥିବା କଣ୍ଟେଣ୍ଟକୁ ପ୍ରୋତ୍ସାହନ ଯୋଗାଉଥିବା ଏକ୍ସ'ର ଅଧିକାରୀମାନଙ୍କୁ ହଟାଇବାକୁ ବ୍ରାଜିଲରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଉଥିଲା। ତେବେ ନିର୍ଦ୍ଦେଶ ପାଳନ ନ କରିଥିବା ହେତୁ ବ୍ରାଜିଲର ସୁପ୍ରିମ ଫେଡେରାଲ କୋର୍ଟ ଏକ୍ସ' ଉପରେ ୧୮ ମିଲିୟନ ଡଲାରର ତଥା ପାଖାପାଖି ୪୦ କୋଟି ଜରିମାନା ଲଗାଇଛନ୍ତି।

**ଶିବାଜୀଙ୍କ ପ୍ରତିମୂର୍ତ୍ତୀ ଭଙ୍ଗା ଘଟଣା**

## ଏମଭିଏର ଯୋଡ଼େ ମାରୋ ଅଭିଯାନ



**ମୁମ୍ବାଇ, ୧।୯:** ମହାରାଷ୍ଟ୍ରର ସମ୍ମାନ ଏବଂ ସ୍ୱାଭିମାନର ପ୍ରତୀକ ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତୀ ଭୁଶୁଡ଼ି ଘଟଣାର ପ୍ରତିବାଦରେ ବିରୋଧି ମହାବିକାଶ ଅଗାଢ଼ି (ଏମଭିଏ) ପକ୍ଷରୁ ଆଜି ରାଜ୍ୟରେ ଯୋଡ଼େ ମାରୋ (ଯୋତା ମାର) ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ ଶିବସେନା (ଉଦ୍ଧବ), ଏନସିପି (ଶରଦ ) ଏବଂ କଂଗ୍ରେସ ନେତୃବର୍ଗ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ଶିବାଜୀ ମହାରାଜଙ୍କ ପ୍ରତି ଏହି ଅବମାନନା ଏବଂ ଅପମାନକୁ ରାଜ୍ୟବାସୀ ସହ୍ୟ କରିବେ ନାହିଁ ବୋଲି ଶିବସେନା ମୁଖ୍ୟ ଉଦ୍ଧବ ଠାକରେ କହିଛନ୍ତି। ରାଜ୍ୟବାସୀ ଆଗକୁ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି। ଏହି ଘଟଣାରେ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ସମ୍ପର୍କରେ ସେ କହିଛନ୍ତି ଯେ, ଏହା ପଛରେ ଅହଂକାର ସ୍ପଷ୍ଟ ବାରି ହୋଇପଡୁଛି। ମୁମ୍ବାଇରେ ଆୟୋଜିତ ଏହି ଅଭିଯାନରେ ଶିବସେନା ମୁଖ୍ୟ ଉଦ୍ଧବ ଠାକରେ, ଦଳର ବରିଷ୍ଠ ନେତା ସଞ୍ଜୟ ରାଉତ, ଏନସିପି ନେତା ଶରଦ ପାୱାର, କଂଗ୍ରେସ ରାଜ୍ୟ ସଭାପତି ନାନା ପାଟୋଲ, ଆଦିତ୍ୟ ଠାକରେ ପ୍ରମୁଖ ସାମିଲ ହୋଇଥିଲେ।

## ଲଙ୍ଗରେଞ୍ଜ ମିଶାଇଲ ମାଡ଼ ଲାଗି ଜେଲେନସ୍କି ଅନୁମତି ମାଗିଲେ



**କେଭି, ୧।୯:** ୟୁକ୍ରେନ ଉପରେ ରଷିଆର ଆକ୍ରମଣ ଦିନକୁ ଦିନ ଶାଣିତ ହେଉଛି। ଏଥିରେ ୟୁକ୍ରେନର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ପରିପ୍ରେକ୍ଷୀରେ ରଷିଆ ବିରୋଧରେ ଲଙ୍ଗରେଞ୍ଜ ମିଶାଇଲ ବ୍ୟବହାର ଲାଗି ୟୁକ୍ରେନ ରାଷ୍ଟ୍ରପତି ଭୋଲମିଦିର ଜେଲେନସ୍କି ଆମେରିକା ଓ ଅନ୍ୟ ସହଯୋଗୀ ରାଷ୍ଟ୍ରମାନଙ୍କର ଅନୁମତି ଲୋଡ଼ିଛନ୍ତି। ଏହି ଲଙ୍ଗରେଞ୍ଜ ମିଶାଇଲ ସମ୍ପୃକ୍ତ ଦେଶମାନେ ୟୁକ୍ରେନକୁ ପ୍ରଦାନ କରିଛନ୍ତି ଏବଂ ଏହାର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। କେବଳ ନିହାତି ଆବଶ୍ୟକ ପଡ଼ିଲେ ଏହାର ସୀମିତ ବ୍ୟବହାର କରାଯାଇପାରିବ ବୋଲି ଆମେରିକା ଓ ନାଟୋ ସଦସ୍ୟଭୁକ୍ତ ରାଷ୍ଟ୍ରମାନଙ୍କ ପକ୍ଷରୁ କୁହାଯାଇଛି। ରଷିଆ ଆକ୍ରମଣକୁ ଆଜି ପର୍ଯ୍ୟନ୍ତ ୟୁକ୍ରେନ କେବଳ ଆତ୍ମରକ୍ଷା କରୁଛି। ରଷିଆ ବିରୋଧରେ ଏହାର ଆକ୍ରମଣ ସୀମିତ ରହିଛି। ରଷିଆର ଆଭ୍ୟନ୍ତରୀଣ ଅଞ୍ଚଳ ଉପରେ ଏହା ଆଜି ପର୍ଯ୍ୟନ୍ତ ଆକ୍ରମଣ କରି ନାହିଁ। ତେଣୁ ଏଥିପାଇଁ ଲଙ୍ଗରେଞ୍ଜ ମିଶାଇଲ ବ୍ୟବହାର ଜରୁରୀ। ଏଥିପାଇଁ ଜେଲେନସ୍କି ନାଟୋ ସଦସ୍ୟଭୁକ୍ତ ରାଷ୍ଟ୍ରର ଅନୁମତି ଚାହିଁଛନ୍ତି। ଏହା ଦ୍ୱାରା ୟୁକ୍ରେନ ୧୦୦୦ରୁ ୩୦୦୦କିମି ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କ୍ଷମତା ଥିବା ମିଶାଇଲ ବ୍ୟବହାର କରିପାରିବ ଏବଂ ରଷିଆର ଆଭ୍ୟନ୍ତରୀଣ ଅଞ୍ଚଳକୁ ଟାର୍ଗେଟ କରିପାରିବ।

## ଅନ୍ୟଜଣଙ୍କ ପକେଟ୍‌ରେ ଡ୍ରଗ୍ସ ରଖୁଥିବା ସମୟରେ ଧରାପଡ଼ିଲେ ପୁଲିସ

**ମହାରାଷ୍ଟ୍ର, ୧।୯:** ଫସେଇବାକୁ ଯାଇ ନିଜେ ଫଶିଗଲେ ପୁଲିସ ବାବୁ। ତଲାସି ବେଳେ ଜଣେ ବ୍ୟକ୍ତିଙ୍କ ପକେଟ୍‌ରେ ପୁଲିସ ବାବୁଜଣଙ୍କ ଡ୍ରଗ୍ସ ରଖୁଥିଲେ। ଶେଷରେ ଧରାପଡିଲେ। ଏକାଥରକେ ସସ୍‌ପେଣ୍ଡ ହୋଲେ ୪ ଜଣ ପୁଲସ କର୍ମୀ। ଯାଞ୍ଚ ନାଁରେ ଫସାଇବାକୁ ଚେଷ୍ଟା କରୁଛି ପୁଲିସ। ଜଣେ ବ୍ୟକ୍ତିଙ୍କ ପକେଟରେ ଜାଣିଶୁଣି ରଖି ଦେଉଛି ଡ୍ରଗ୍ସ। ଏଭଳି କିଛି ଭିଡିଓ ମହାରାଷ୍ଟ୍ରର ମୁମ୍ବାଇରୁ ସାମ୍ନାକୁ ଆସିଛି। ଯାହା ସମସ୍ତଙ୍କୁ ଚିକତ କରିଦେଇଛି। ଏହି ଭିଡିଓରେ ଦୁଇ ଜଣ ପୁଲିସ କର୍ମଚାରୀ ଜଣେ ବ୍ୟକ୍ତିଙ୍କୁ ଯାଞ୍ଚ କରୁଥିବା ବେଳେ ଅନ୍ୟ ଦୁଇ ଜଣ କିଛି ଦୂରରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଏହାର କିଛି କ୍ଷଣ ପରେ ଜଣେ ପୁଲିସ କର୍ମଚାରୀ ସନ୍ଦିଗ୍ଧଙ୍କ ପକେଟରେ କିଛି ରଖୁଥିବା ଭାଇରାଲ ଭିଡିରେ ଦେଖିବାକୁ ମିଳିଛି। ଏହାପରେ ୨୦ ଗ୍ରାମ୍ ମେଫେଡ୍ରୋନ୍ ରଖିବା ଅଭିଯୋଗରେ ୪ ଜଣ ପୁଲିସ କର୍ମଚାରୀ ତାଙ୍କୁ ଗିରଫ କରିଛନ୍ତି। ଏହି ପୂରା ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଛି। ଏହାପରେ ପୁଲିସର ମୁଖା ଖୋଲିଛି। ମୁମ୍ବାଇରେ ୪ ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଭିଡିଓରେ ଦେଖାଯାଉଥିବା ଚାରି ଜଣ ବ୍ୟକ୍ତି ମୁମ୍ବାଇର ଖାର ଥାନାର କର୍ମଚାରୀ ବୋଲି ଜଣାପଡିଛି। ନିଲମ୍ବିତ ପୁଲିସ କର୍ମଚାରୀଙ୍କ ମଧ୍ୟରେ ଜଣେ ପୁଲିସ ସବ୍ ଇନ୍ସପେକ୍ଟର ଓ ୩ ଜଣ କନଷ୍ଟେବଳ ଅଛନ୍ତି। ଜୋନ୍ ୧୧ ଡେପୁଟି କମିସନର ରାଜତିଲକ ରୋଶନ ଏହି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଖାର ଥାନାର ଆତଙ୍କବାଦ ନିରୋଧୀ ସେଲ୍‌ରେ ନିୟୋଜିତ ୪ ଜଣ ପୁଲିସ କର୍ମଚାରୀ ଶୁକ୍ରବାର ସନ୍ଧ୍ୟାରେ ସହରର କାଳିନା ଅଞ୍ଚଳରେ ଥିବା ଏକ ଖୋଲା ପ୍ଲଟ୍ ଉପରେ ଚଢ଼ାଉ କରି ଡାନିଏଲ ନାମକ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଥିଲେ। ଏହାପରେ ଯାଞ୍ଚ ବେଳେ ତାଙ୍କ ପକେଟରେ ପୁଲିସ କର୍ମଚାରୀ ଡ୍ରଗ୍ସ ରଖି ଦେଇଥିଲେ। ଏକ ସ୍ଥାନୀୟ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତକାର ଦେଇ ଡାନିଏଲ କହିଛନ୍ତି ଯେ ପୁଲିସ କର୍ମଚାରୀମାନେ ପ୍ରଥମେ ତାଙ୍କୁ ଡ୍ରଗ୍ସ ମାମଲାରେ ଫସାଇବାକୁ ଧମକ ଦେଇଥିଲେ। କିନ୍ତୁ ଯେତେବେଳେ ସେ ଅନୁଭବ କଲେ ଯେ ତାଙ୍କ କାର୍ଯ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି, ସେତେବେଳେ ତାଙ୍କୁ ଛାଡ଼ି ଦିଆଯାଇଥିଲା। ଡିସିପି ରାଜତିଲକ ରୋଶନ କହିଛନ୍ତି ଯେ ୪ ଜଣ ପୁଲିସ କର୍ମଚାରୀଙ୍କ ଭାଇରାଲ ଭିଡିଓରେ ସନ୍ଦେହଜନକ କାର୍ଯ୍ୟ ଦେଖି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏବଂ ତଦନ୍ତ ଶେଷ ହେବା ଯାଏ ସେମାନଙ୍କୁ ନିଲମ୍ବିତ କରାଯାଇଛି।

## ସାଲାଇନ ଦେବାବେଳେ ନର୍ସଙ୍କୁ ଅସଦାଚରଣ କଲେ ରୋଗୀ

**କୋଲକାତା, ୧।୯:** କୋଲକାତାର ଆରଜି କର ମେଡିକାଲ କଲେଜରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ପଶ୍ଚିମବଙ୍ଗ ସରକାର ଓ ପୁଲିସ ଅଡ଼ୁଆରେ ପଡ଼ିଥିବା ବେଳେ ସେଠାରୁ ଆଉ ଏକ ଉଦ୍‌ବେଗଜନକ ଖବର ଆସିଛି। ଗତକାଲି ରାତିରେ ବୀରଭୂମିର ଇଲାମବଜାର ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ରୋଗୀ ଜଣେ ନର୍ସଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଘଟଣାର ଅଧିକ ତଦନ୍ତ କରୁଛି। ଅଭିଯୁକ୍ତଙ୍କୁ ଜ୍ୱର ହେଉଥିଲା। ତେଣୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ଆଣିଥିଲେ। ତାଙ୍କୁ ଏମର୍ଜେନ୍ସୀରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ନର୍ସ ଜଣଙ୍କ ଅଭିଯୁକ୍ତଙ୍କ ସାଲାଇନ ଦେଇଥିଲେ। ତେବେ ସାଲାଇନ ଦେବା ବେଳେ ସେ ନର୍ସଙ୍କୁ ଅସଦାଚରଣ କରିଥିଲେ। ନର୍ସଙ୍କ କହିବା ଅନୁଯାୟୀ,ଅଭିଯୁକ୍ତ ତାଙ୍କ ଶରୀରକୁ ଭୁଲ ଢଙ୍ଗରେ ସ୍ପର୍ଶ କରିଥିଲେ। ତାଙ୍କ ପ୍ରାଇଭେଟ୍ ପାର୍ଟଙ୍କୁ ମଧ୍ୟ ସ୍ପର୍ଶ କରିଥିଲେ। ଏହା ସହିତ କିଛି ଅପଶବ୍ଦ କହିଥିଲେ। ଅଭିଯୁକ୍ତ ଏଭଳି କାଣ୍ଡ କଲା ବେଳେ ତାଙ୍କ ପରିବାର ଲୋକେ ସେଠାରେ ଉପସ୍ଥିତ ଥିଲେ। କିନ୍ତୁ ସେମାନେ ତାଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ କହି ନଥିଲେ।

## ମଝି ରାସ୍ତାରେ ଚୌକି ପକାଇ ବସିଥିଲେ, ପିଟି ଦେଲା ଟ୍ରକ୍

**ଲକ୍ଷ୍ନୌ, ୧।୯:** 'ରାତି ହୋଇଛି। ବର୍ଷା ହେଉଛି। ରାସ୍ତାରେ ଗାଡ଼ିମୋଟର ଯା'ଆସ କରୁଛନ୍ତି। ଏହି ସମୟରେ ଜଣେ ବ୍ୟକ୍ତି ଅଧା ପୁଙ୍ଗୁଳା ଦେହରେ ରାସ୍ତା ମଝିରେ ପ୍ଲାଷ୍ଟିକ ଚୌକିଟିଏ ପକାଇ ଗୋଡ଼ ଉପରେ ଗୋଡ଼ ରଖି ନିର୍ବିଘ୍ନରେ ବସିଛନ୍ତି। ସେହି ରାସ୍ତା ଦେଇ ଯିବାଆସିବା କରୁଥିବା ଲୋକେ କେବଳ ତାଙ୍କୁ ଦେଖି ଚାଲିଯାଉଛନ୍ତି। ପାଖରେ ଏକ ପୁଲିସ୍ ପୋଷ୍ଟ ଅଛି। କିନ୍ତୁ କୌଣସି ପୁଲିସ୍ କର୍ମଚାରୀ ତାଙ୍କୁ ସେଠାରୁ ହଟାଇ ନାହାନ୍ତି। ଲୋକଟି ସେଠାରେ ସେମିତି ବସିଥିବା ବେଳେ ପଛରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଛି। ଫଳରେ ସେ ଚୌକି ସହିତ ତଳେ ପଡ଼ିଯାଇଛନ୍ତି।' ସୋଶାଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି ଏହି ଘଟଣା। ଘଟଣାଟି ଉତ୍ତର ପ୍ରଦେଶର ପ୍ରତାପଗଡ଼ର,ଯାହା ଗତ ମାସ ୨୯ ତାରିଖରେ ଘଟିଥିଲା। ଭିଡିଓଟି ଭାଇରାଲ ହେବା ପରେ ପୁଲିସ ଘଟଣାଟିକୁ ଗୁରୁତ୍ୱର ସହିତ ନେଇ ଉକ୍ତ ବ୍ୟକ୍ତିଙ୍କୁ ଅଟକ ରଖିଥିଲା। ତେବେ ସେ ଜଣେ ମାନସିକ ରୋଗୀ ବୋଲି ତାଙ୍କ ପରିବାର ଲୋକେ ପୁଲିସକୁ କହିଥିଲେ। ପ୍ରାଥମିକ ତଦନ୍ତରୁ ମଧ୍ୟ ପୁଲିସ୍ ଜାଣିବାକୁ ପାଇଥିଲା ଯେ ଲୋକଟିର ମାନସିକ ସ୍ଥିତି ଠିକ୍ ନାହିଁ। ଏହା ପରେ ତାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଦେଇଥିଲା। ତେବେ ପୁଲିସ ଘଟଣାର ଅଧିକ ଖୋଳତାଡ଼ କରୁଛି।

ଅନ୍ୟପକ୍ଷରେ ଘଟଣା ଦିନ ସେହି ରାସ୍ତା ଦେଇ ଯିବାଆସିବା କରୁଥିବା ଲୋକେ ବା ଆଖପାଖ ଦୋକାନରେ ଉପସ୍ଥିତ ଲୋକେ ତାଙ୍କୁ ରାସ୍ତାରୁ ହଟାଇ ନଥିଲେ। ସବୁଠୁ ଆଶ୍ଚର୍ଯ୍ୟର କଥା, ଉକ୍ତ ବ୍ୟକ୍ତି ଜଣଙ୍କ ଏକ ପୁଲିସ୍ ପୋଷ୍ଟ ସମ୍ମୁଖରେ ହିଁ ରାସ୍ତା ମଝିରେ ବସିଥିଲେ। କିନ୍ତୁ କୌଣସି ପୁଲିସ୍ କିମ୍ବା ଟ୍ରାଫିକ କର୍ମଚାରୀ କେମିତି ତାଙ୍କୁ ସେଠାରୁ ହଟାଇଲେ ନାହିଁ ବୋଲି ସୋଶାଲ ମିଡିଆରେ ଲୋକେ ପ୍ରଶ୍ନ କରିଛନ୍ତି। ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି ଟ୍ରକ୍‌ଟି ଉକ୍ତ ବ୍ୟକ୍ତିଙ୍କୁ ଧକ୍କା ଦେବା ପରେ ସେଠାରୁ ଚାଲି ଯାଇଛି। ଟ୍ରକ୍‌ଟିକୁ କେହି ଅଟକାଇବା ପାଇଁ ପ୍ରୟାସ କରି ନାହାନ୍ତି। ଓଲଟି କେହି କେହି ଟ୍ରକ୍ ଚାଳକଙ୍କୁ ସେଠାରୁ ଚାଲି ଯିବାକୁ ଇସାରା ଦେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ବ୍ୟକ୍ତି ଜଣଙ୍କ ତଳେ ପଡ଼ିଥିବା ବେଳେ ପଛରୁ ଆସୁଥିବା ଅନ୍ୟ ଗାଡ଼ିଗୁଡ଼ିକ ଅଟକି ଯାଇଛନ୍ତି।



## ଆଣ୍ଠୁଏ ଉଚ୍ଚର ବନ୍ୟା ପାଣିରେ ଚାଲିଛି ଗରବା ପର୍ବ

**ଗୁଜରାଟ, ୧।୯:** ଯେକୌଣସି ପ୍ରତିକୂଳ ପରିସ୍ଥିତି ଆସିଲେ ମଧ୍ୟ ଗରବା ପ୍ରତି ଗୁଜରାଟ ଲୋକଙ୍କ ଭଲ ପାଇବାକୁ କେବେ ହେଲେ ଫିକା ପକାଇ ପାରିବ ନାହିଁ। ଏହାକୁ ପୁଣିଥରେ ଗୁଜରାଟର ଲୋକମାନେ ପୂରା ବିଶ୍ୱକୁ ଜଣାଇଛନ୍ତି। ଲଗାଣ ବର୍ଷା ଯୋଗୁ ଘର ଭିତରେ ପାଣି ପଶିବା ସହ ରାସ୍ତାରେ ଆଣ୍ଠୁଏ ଉଚ୍ଚର ବନ୍ୟା ଜଳ ଲହରୀ ଭାଙ୍ଗୁଛି। ତଥାପି ବଦୋଦରାର ଲୋକମାନେ ରାସ୍ତା ଉପରେ ଥିବା ଆଣ୍ଠୁଏ ଉଚ୍ଚର ବନ୍ୟା ପାଣିରେ ଗରବା ଡ୍ୟାନ୍ସ କରୁଥିବା ଭିଡିଓ ସାମ୍ନାକୁ ଆସିଛି।

କୁହାଯାଉଛି, ଭିଡିଓରେ ଥିବା ଦୃଶ୍ୟ ଜନ୍ମାଷ୍ଟମୀ ପାଳନ ବେଳର। ତେବେ ଏହା ସାମ୍ନାକୁ ଆସିବା ପରେ ଭାଇରାଲ ହେଉଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ ଯୁବକ ଓ ଯୁବତୀମାନଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତବୟସ୍କମାନେ ବନ୍ୟା ପ୍ଲାବିତ ରାସ୍ତାରେ ମଧ୍ୟ ବେଶ ଖୁସିରେ ଗରବା ଡ୍ୟାନ୍ସ କରୁଛନ୍ତି। ବ୍ୟାକଗ୍ରାଉଣ୍ଡରେ ଗରବା ସଂଗୀତ ବାଜୁ ଥିବା ବେଳେ ସେମାନେ ଏହାର ତାଳେତାଳେ ସର୍କଲ କରି ନାଚୁଛନ୍ତି। ସେମାନେ ସତେ ଯେମିତି ପାଣି ଜମି ରହିଥିବା ରାସ୍ତାକୁ ଡ୍ୟାନ୍ସ ଫ୍ଲୋରରେ ବଦଳାଇ ଦେଇଥିବା ଭଳି ମନେ ହେଉଛି। ଏହାବାଦ ଭିଡିଓରେ ଦେଖିବାକୁ ମିଳୁଛି ଯେ ବନ୍ୟା ସତ୍ତ୍ୱେ ଉତ୍ସବର ରଙ୍ଗ ଫିକା ପଡ଼ିନି। ରାସ୍ତାରେ ଗରବା ଚାଲିଥିବା ବେଳେ କିଛି ଦୂରରେ ଜନ୍ମାଷ୍ଟମୀ ପାଇଁ ଦହି ହାଣ୍ଡି ଭଙ୍ଗା ଯିବା ପାଇଁ ମଧ୍ୟ ପ୍ରସ୍ତୁତି ହେଉଛି।

# ମାଡ଼ି ଆସୁଛି ସାମୁଦ୍ରିକ ଝଡ଼ ଆସନା



**ମହାରାଷ୍ଟ୍ର, ୧।୯:** ଆରବ ସାଗର ପଟୁ ଗୁଜରାଟକୁ ମାଡ଼ି ଆସୁଛି ସାମୁଦ୍ରିକ ଝଡ଼ 'ଆସନା'। ଏହାର ପ୍ରଭାବରେ ସାରା ରାଜ୍ୟରେ ୫ ତାରିଖ ଯାଏ ଭୀଷଣରୁ ଅତି ଭୀଷଣ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ଆଶଙ୍କା କରାଯାଉଛି ଯେ, ଏହି ସାମୁଦ୍ରିକ ଝଡ଼ ସୌରାଷ୍ଟ୍ର ଏବଂ କଚ୍ଛ ଦେଇ ଅତିକ୍ରମ କରିବ। ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ସ୍ଥଳଭାଗ ମୁହାଁ ଗତି କରିବ ସାମୁଦ୍ରିକ ଝଡ଼ 'ଆସନା'। ଏଥିପାଇଁ ଅଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଗୁଜରାଟ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଆଲର୍ଟ ଜାରି କରାଯାଇଛି। ଭଡ଼ଦୋରା, ଭରୁଚ, ଆନନ୍ଦ, ନର୍ମଦା, ପଞ୍ଚମହଲ, ଦାହୋଦ, ଛୋଟା ଉଦୟପୁରରେ ଆଗାମୀ କିଛି ଦିନ ଯାଏ ବର୍ଷା ଜାରି ରହିବ। ଗତ କିଛି ଦିନ ହେବ ପୂର୍ବରୁ ଗୁଜରାଟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ଏଥିଲାଗି ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁଁ ଗୁଜରାଟରେ ଏବାଏ ୩୬ଜଣଙ୍କ ଜୀବନ ଯାଇଥିବା ବେଳେ ୧୮ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ୧୨ଶହରୁ ଅଧିକ ବିପନ୍ନଙ୍କୁ ବନ୍ୟା ପ୍ରଭାବିତ ଅଞ୍ଚଳରୁ ଉଦ୍ଧାର କରାଯାଇଛି।

## ଦାଦନର ଦୁଃଖ
# ଖଟିବାକୁ ଯାଇ ଓଡ଼ିଆ ଶ୍ରମିକ ମୃତ

କନ୍ଧମାଳ,୧।୯(ସଂଚାର ବ୍ୟୁରୋ): ଦାଦନ ଖଟିବାକୁ ଯାଇ ଆଖି ବୁଜିଲେ ଓଡ଼ିଶା ଶ୍ରମିକ। ମୃତ ଶ୍ରମିକ ଜଣଙ୍କ ହେଲେ କନ୍ଧମାଳ ଜିଲ୍ଲା ରାଇକିଆ ଥାନା ଅନ୍ତର୍ଗତ ଦଡିଙ୍ଗିଆ ଗ୍ରାମର ଲେମନ ଦିଗାଲ। ଲେମନ ଜଣକ କିଛି ଦିନ ତଳେ ତାଙ୍କ ଗ୍ରାମର କିଛି ସାଙ୍ଗ ସାଥିଙ୍କ ସହିତ ମିଶି ବାଙ୍ଗାଲୋରକୁ କାମ କରିବାକୁ ଯାଇଥିଲେ। ବାଙ୍ଗାଲୋରର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ତେବେ ଗତ ଗୁରୁବାର ଦିନ ହଠାତ୍ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ସହଯୋଗୀମାନେ ତାଙ୍କୁ ବାଙ୍ଗାଲୋରର ଏକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅ ସଂପର୍କରେ ଖବର ପାଇବା ପରେ ପରିବାର ଲୋକେ ଭାଙ୍ଗି ପଡ଼ିଥିଲେ। ପୁଅର ମୃତଦେହକୁ ବାଙ୍ଗାଲୋରରୁ ଆଣିବା ପାଇଁ ପରିବାର ଲୋକଙ୍କ ପାଖରେ ଆର୍ଥିକ ସମ୍ବଳ ନଥିଲା। ଏଥିପାଇଁ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ସାହାଯ୍ୟ ଲୋଡ଼ିଥିଲେ ପରିବାର ଲୋକେ। ପୁଅର ମୃତଦେହକୁ ବାଙ୍ଗାଲୋରରୁ ଘରକୁ ଆଣି ଦେବାକୁ ନିବେଦନ କରିଥିଲେ। ସାଂସଦଙ୍କ ସହଯୋଗରେ ଗତକାଲି ଲେମନଙ୍କ ମୃତଦେହ ବାଙ୍ଗାଲୋରରୁ ଆସି ଗାଁରେ ପହଞ୍ଚିଥିଲା। ଏଥିପାଇଁ ପରିବାର ଲୋକେ ସାଂସଦ ସାଧୁବାଦ ଜଣାଇଛନ୍ତି।



## ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ କାରିଗର

ମାହାଳପଡା,୧।୯(ସଂଚାର ବ୍ୟୁରୋ): ପାଖେଇ ଆସିଲାଣି ଗଣେଶ ପୂଜା ଛୋଟଛୋଟ ଶିକ୍ଷାନୁଷ୍ଠା ଠୁ ନେଇ ବଡବଡ କ୍ଲବ, ପୂଜା ମଣ୍ଡପ ସବୁଠି ପୂଜା ପାଇବେ ପ୍ରଭୁ ଗଜାନନ। ସେଥିପାଇଁ ଚଳଚଞ୍ଚଳ କଟକ ଜିଲ୍ଲାର ମୂର୍ତ୍ତୀ ପାଇଁ ପ୍ରସିଦ୍ଧି ଲାଭ କରିଥିବା ମାହାଳପଡା ଗାଁ ହାତରେ ଆଉ ଅଳ୍ପ ଦିନ ଥିବାରୁ କାରିଗରଙ୍କୁ ବିଶ୍ରାମ ନାହିଁ ଗାଁରେ ପ୍ରାୟ ସବୁ ପରିବାର ମୂର୍ତ୍ତୀ ପ୍ରସ୍ତୁତ କରିଥାନ୍ତି। ଛୋଟ ଛୋଟ ମୂର୍ତ୍ତୀ ଠୁ ନେଇ ବଡବଡ ମୂର୍ତ୍ତୀ ତିଆରି ହୋଇ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଢେଙ୍କାନାଳକୁ ଯାଇଥାଏ।

# ଗାଁକୁ ପହଞ୍ଚିପାରିଲାନି ଆମ୍ବୁଲାନ୍ସ

## ଚାଲିଗଲା କଅଁଳ ଶିଶୁର ଜୀବନ

ରେଢ଼ାଖୋଲ,୧।୯(ସଂଚାର ବ୍ୟୁରୋ): ଖରାପ ରାସ୍ତା ଯୋଗୁ ଆସିପାରିଲାନି ଆମ୍ବୁଲାନ୍ସ। ଠିକ୍ ସମୟରେ ମେଡିକାଲ ନ ଯାଇପାରିବାରୁ ଚାଲିଗଲା କଅଁଳ ଶିଶୁର ଜୀବନ। ଏପରି ଦୁଃଖଦ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲରେ।
ଖରଶାଳି ଗାଁର ରଥି କିସାନଙ୍କ ପତ୍ନୀ ପ୍ରମିଳା ୭ମାସର ଗର୍ଭବତୀ ଥିଲେ। ହଠାତ୍ ତାଙ୍କର ପ୍ରସବ ଯନ୍ତ୍ରଣା ହୋଇଥିଲା।ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ଗାଁରେ ପହଞ୍ଚି ପାରିଲାନି। ଗାଁଠୁ କିଛି ଦୂରରେ ଆମ୍ବୁଲାନ୍ସ ଅଟକି ରହିଥିଲା। ସେହି ସମୟ ଭିତରେ ପିଲାଟି ଜନ୍ମ ହୋଇଯାଇଥିଲା। ପରିବାର ଲୋକେ ମା' ଓ ଛୁଆକୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ପରେ ତାଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ହେଲେ ମା' ସୁସ୍ଥ ଥିବା ଜଣାଯାଇଛି। ଏହି ଘଟଣାକୁ ଗୁରୁତର ସହ ନେଇଛି ଜିଲ୍ଲା ପ୍ରଶାସନ। ପୀଡିତାଙ୍କୁ ସହାୟତା ପ୍ରଦାନ ସହ ଗ୍ରାମ ଉନ୍ନୟନ ବିଭାଗକୁ କହି ଗାଁକୁ ରାସ୍ତା ନିର୍ମାଣ କରାଯିବ ବୋଲି ବିଡିଓ କହିଛନ୍ତି।



## ଗୋରୁ ପଲକୁ ଧକ୍କା ଦେଇ ଓଲଟିଲା ବସ୍



**୧୦ ଆହତ**

କନ୍ଧମାଳ,୧।୯(ସଂଚାର ବ୍ୟୁରୋ): ଗୋରୁ ପଲକୁ ଧକ୍କା ଦେଇ ଭାରସାମ୍ୟ ହରାଇ ଓଲଟି ପଡ଼ିଲା ବସ୍। ଦୁର୍ଘଟଣାରେ ଗୋଟିଏ ଗୋରୁର ମୃତ୍ୟୁ ଘଟିଥିବା ବେଳେ ୧୦ ଆହତ ହୋଇଛନ୍ତି। କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବ୍ଲକ ଲିଙ୍ଗାଗଡ଼ ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି। ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ସକାଳେ ମାଳତି ନାମକ ଯାତ୍ରୀବାହୀ ବସ୍ ଆସିକାକୁ ମୁନିଗୁଡ଼ା ଅଭିମୁଖେ ଯାଉଥିଲା। ଲିଙ୍ଗାଗଡ଼ ଗାଁ ନିକଟରେ ଏକ ଗୋରୁ ପଲ ହଠାତ୍ ବସ୍ ସମ୍ମୁଖକୁ ପଳାଇ ଆସିଥିଲେ। ଏହି ସମୟରେ ବସ୍‌ଟି ଗୋରୁ ପଲକୁ ଧକ୍କା ଦେଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଆହତ ଯାତ୍ରୀଙ୍କୁ ଜି. ଉଦୟ ଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ବସ୍‌କୁ ଜବତ କରି ଘଟଣା ତଦନ୍ତ କରୁଛି।

## ଘର ପିଣ୍ଡାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

ନିୟମଗିରି ,୧।୯(ସଂଚାର ବ୍ୟୁରୋ): ଡ଼ଙ୍ଗରିଆଙ୍କ ପାଇଁ ସମସ୍ତଙ୍କ ଦରଦ ରହିଛିହେଲେ ପିଲାଙ୍କ ପାଇଁ ନିର୍ମାଣ ହୋଇପାରୁନି ଅଙ୍ଗନବାଡି ଗୃହ । ଫଳରେ ଦୀର୍ଘ ୧୪ବର୍ଷହେଲା ମାଟି ବାରଣ୍ଡାରେ ବସି ପଢୁଛନ୍ତି ଡ଼ଙ୍ଗରିଆ ପିଲେ । ଏଭଳି ଚିତ୍ରଦେଖିବାକୁ ମିଳିଛି ମୁନିଗୁଡା ନିୟମଗିରି ପାହାଡ଼ରେ ଥିବା ଖମ୍ବେସୀ ଗ୍ରାମରେ ଗ୍ରାମରେ ଥିବା ନୂଆଳିଆ ଚାଳ ଘରର ବାରଣ୍ଡାରେ ପିଲାମାନେ ବସି ପଢୁଥିବାରୁ ଏକ ଅଙ୍ଗନବାଡି ନିଜସ୍ୱ ଗୃହ ଦାବି କରିଛନ୍ତି ଗ୍ରାମବାସୀ । ରାୟଗଡା ଜିଲ୍ଲାର ନିୟମଗିରି ପାହାଡ଼ରେ ବସବାସ କରୁଛନ୍ତି ଡ଼ଙ୍ଗରିଆ କନ୍ଧ ସେମାନଙ୍କ ଉନ୍ନତି ପାଇଁ ପୁଳାପୁଳା ଯୋଜନାରେ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ଛୋଟ ପିଲାଙ୍କୁ ପୃଷ୍ଟିକର ଖାଦ୍ୟ ଓ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ପାଇଁ ଅଙ୍ଗନବାଡି କେନ୍ଦ୍ର ହୋଇଛି। ଖମ୍ବେସୀ ଗାଁରେ ୨୦୧୦ରୁ ପ୍ରତିଷ୍ଠା ହୋଇଛି ମିନି ଅଙ୍ଗନୱାଡି କେନ୍ଦ୍ର। ୧୪ବର୍ଷ ବିତିଲାଣି, ମିନି ଅଙ୍ଗନୱାଡିରୁ ଅଙ୍ଗନୱାଡି କେନ୍ଦ୍ରରେ ପରିବର୍ତ୍ତନ ହୋଇଛି। ହେଲେ କେନ୍ଦ୍ରର ନିଜସ୍ୱ ଘରଟିଏ ନାହିଁ। ଫଳରେ କୁନିକୁନି ପିଲା ଚାଳଘର ବାରଣ୍ଡାରେ ବସିବାକୁ ବାଧ୍ୟ ହେଉଛନ୍ତି। ଗ୍ରାମବାସୀଙ୍କ ଘରେ ସେମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେଉଛି।
କେନ୍ଦ୍ର ସରକାରଙ୍କ ଦ୍ୱାରା ଡ଼ଙ୍ଗରିଆ ଭଳି ଆଦିମ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପିଏମ ଜନମନ ଯୋଜନା ଆରମ୍ଭ ହୋଇଛି। ରାୟଗଡା ଜିଲ୍ଲା ୩ଟି ବ୍ଲକ ୨୦ଟି ଅଙ୍ଗନୱାଡି ଘର ପାଇଁ ଅନୁଦାନ ଆସିଛି। ହେଲେ ବିଡମ୍ବନାର ବିଷୟ ସେଥିରେ ମୁନିଗୁଡ଼ା ନାହିଁ। ମୁନିଗୁଡା ବ୍ଲକରେ ୨୧ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ନାହିଁ।
ଛୋଟ ପିଲାଙ୍କ ଶାରୀରିକ ଓ ମାନସିକ ସ୍ତରରେ ଉନ୍ନତିରେ ପ୍ରମୁଖ ଭୂମିକା ନେଇଥାଏ ଅଙ୍ଗନବାଡି କେନ୍ଦ୍ର।

## ଗରୁଡ଼ବନ୍ଧୀରେ ଝାଡାବାନ୍ତି: ଜଣେ ମୃତ, ୩ ଗୁରୁତର



ଭୁବନ,୧।୯ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅଧୀନ ଅର୍ଦ୍ଧଶିକ୍ଷିତ ମୁଣ୍ଡା ବସ୍ତିରେ ବ୍ୟାପିଛି ଝାଡାବାନ୍ତି। ଆକ୍ରାନ୍ତ ହୋଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଖବର ନେବାରୁ ଜଣା ଯାଏ ଯେ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ବାଲିବୋ ପଞ୍ଚାୟତ ଗରୁଡବନ୍ଧି ମୁଣ୍ଡାସାହିରେ ବାସ କରନ୍ତି ଚିତ୍ତ ମୁଣ୍ଡା। ଭଦ୍ରକ ଜିଲ୍ଲା ବଗଧରା ଗ୍ରାମକୁ ନିଜ ଭଉଣି ଘରକୁ ଚିତ୍ତ ମୁଣ୍ଡାଙ୍କ ୩ଝିଅ କଣ୍ଢେଇ ମୁଣ୍ଡା, ନନ୍ଦିତା ମୁଣ୍ଡା, ଲିଲି ମୁଣ୍ଡା ସହ ପଡୋଶୀ ଝରଣା ଦେହୁରୀ ଧାନ ତଳି ରୋଇବାକୁ ଯାଇଥିଲେ। ସେଠାକାର ଜଣେ ଝିଅ ରୂପାଲି ଝାଡାବାନ୍ତିରେ ମୃତ୍ୟୁବରଣ କରିଥିଲେ। ଏହି ୪ଜଣ ମଧ୍ୟ ଆକ୍ରାନ୍ତ ହୋଇଥିଲେ। ପରିବାର ଲୋକ ସେମାନଙ୍କୁ ଶୁକ୍ରବାର ରାତିରେ ଗାଁକୁ ଆଣିଥିଲେ। କଣ୍ଢେଇ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଭୁବନ ପରେ ଢେଙ୍କାନାଳ ସ୍ଥାନାନ୍ତର କରାଯାଇଥିଲା। ଢେଙ୍କାନାଳରୁ କଟକ ରେଫର ହୋଇଥିଲେ ବି କଣ୍ଢେଇକୁ କଟକ ନିଆ ନଯାଇ ଘରକୁ ଫେରାଇ ଆଣିଥିଲେ। ଆଜି ଗୁରୁତର ଅବସ୍ଥାରେ ପୁଣି ଢୁବୁରୀସ୍ଥିତ ଟାଟା ମେଡିକୋକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ କଣ୍ଢେଇର ବିବାହିତ ଭଉଣି ନମିତାଙ୍କ ଶାଶୁ ସୁକାନ୍ତି ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଗିରିଙ୍ଗା ବହାଳି ଗ୍ରାମରୁ କଣ୍ଢେଇକୁ ଦେଖିବାକୁ ଆସିଥିଲେ। ସୁକାନ୍ତି (୫୨) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋବାରୁ ତାଙ୍କୁ କାମାକ୍ଷାନଗର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ ହୋଇଥିଲା। ଗ୍ରାମର ମଧା ମୁଣ୍ଡାଙ୍କ ବୋହୂ କମଳି ମୁଣ୍ଡା (୧୯) ଙ୍କୁ ଗୁରୁତର ଅବସ୍ଥାରେ ସୁକିନ୍ଦା ଡାକ୍ତରଖାନାରେ ଆଜି ସକାଳୁ ଭର୍ତ୍ତି କରାଯାଇଛି। ଅନ୍ୟତମ ଯୁବକ ଅଜୟ ମୁଣ୍ଡା (୨୫)ଙ୍କୁ ପ୍ରଥମେ ସୁକିନ୍ଦା ପରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ମଠକରଗୋଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରି ଶ୍ୟାମ ସୁନ୍ଦର ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ବିଳାସିନୀ ମିଶ୍ର, ଆଶା କର୍ମୀ ସୌଦାମିନୀ ସାହୁ ଘଟଣାସ୍ଥଳରେ ପହଞ୍ଚି ପାଣି ନମୁନା ସଂଗ୍ରହ କରିବା ସହ ଡାକ୍ତରୀ ସେବା ଯୋଗାଇ ଦେଇଛନ୍ତି।

## କାନ୍ଥ ଭୁଶୁଡ଼ି ୪ବର୍ଷର ଶିଶୁ ଗୁରୁତର

ବାଉରୀପଲ୍ଲୀ,୧।୯(ସଂଚାର ବ୍ୟୁରୋ): କାନ୍ଥ ପଡ଼ି ଅଜା, ଆଈ ସମେତ ୪ବର୍ଷର ନାତି ଗୁରୁତର ଆହତ ହୋଇଛନ୍ତି। ପୁରୀ ଜିଲ୍ଲା ଇପିଙ୍ଗ ବାଉରୀପଲ୍ଲୀ ଗାଁରେ ଏହି ଦୁଃଖଦ ଘଟଣା ଘଟିଛି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାତିରେ ଅଜା, ଆଈ ସମେତ ୪ବର୍ଷର ନାତି ଘରେ ଶୋଇଥିଲେ। ଏହି ସମୟରେ ମାଟି କାନ୍ଥଟି ସେମାନଙ୍କ ଉପରେ ଭୁଷୁଡି ପଡ଼ିଥିଲା।ପ୍ରଚଣ୍ଡ ଶବ୍ଦ ହେବାରୁ ପାଖ ପଡ଼ୋଶୀ ଦୌଡ଼ି ଆସିଥିଲେ। ସେମାନଙ୍କ ଉପରେ କାନ୍ଥ ପଡ଼ିଥିବା ଦେଖିଥିଲେ। ପରେ ଅଜା, ଆଈ ସମେତ ୪ବର୍ଷର ନାତିକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ବର୍ଷା ଯୋଗୁ ଏହି ଅଘଟଣ ଘଟିଛି ବୋଲି କୁହାଯାଉଛି।



## ଶିକ୍ଷକ ବିହୀନ ବିଦ୍ୟାଳୟ

ନୀଳଗିରି ,୧।୯(ସଂଚାର ବ୍ୟୁରୋ): ଭବିଷ୍ୟତ ଗଢ଼ିବା ଆଶାରେ ସ୍କୁଲକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ଭାଗ୍ୟ ଏବେ ଝୁଲନ୍ତା ଅବସ୍ଥାରେ ନୀଳଗିରି ବ୍ଲକ ଅନ୍ତର୍ଗତ ପୋଡାଶୂଳ ଗାଁର ରାଧାମାଧବ ଜୀଉ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶ୍ରେଣୀଗୃହ ଅଛି। ଛାତ୍ରଛାତ୍ରୀ ଆସୁଛନ୍ତି। ହେଲେ ଶିକ୍ଷକ ନାହାନ୍ତି। ପିଲାମାନେ ନିଜେ ବାରଣ୍ଡା ଓଳାଇ ସଫା କରୁଛନ୍ତି। ବାହାରୁ ପାଣି ଆଣୁଛନ୍ତି। ସ୍ଥାୟୀ ଶିକ୍ଷକ ନଥିବାରୁ ଅବସରପ୍ରାପ୍ତ ୨ ଜଣ ଶିକ୍ଷକଙ୍କ ୮୦ ଛାତ୍ରଛାତ୍ରୀଙ୍କୁ ପଢାଉଛନ୍ତି। ଏବେ ସୁଦ୍ଧା ସିଲାବସର ମାତ୍ର ୨୦% ପାଠପଢ଼ା ହୋଇଛି। ୬୦ ଲକ୍ଷ ଟଙ୍କା ଖର୍ଚ୍ଚରେ ଅତ୍ୟାଧୁନିକ ଶ୍ରେଣୀଗୃହ, ଇଲାଇବ୍ରେରୀ, କମ୍ପ୍ୟୁଟର ଲ୍ୟାବ, ସାଇନ୍ସ ଲ୍ୟାବ, ଅତ୍ୟାଧୁନିକ ପାଣି ଟ୍ୟାପ ଓ ଶୌଚାଳୟ ପ୍ରସ୍ତୁତ ହୋଇଛି। ୨୦୨୩ ନଭେମ୍ବର ୧୯ରେ ଲୋକାର୍ପଣ ହୋଇଥିଲା ହେଲେ ଏଯାଏଁ ବ୍ୟବହାର ହୋଇପାରୁନାହିଁ। ବିଦ୍ୟୁତ ଓ ପାନୀୟ ଜଳ ସଂଯୋଗ ହୋଇନାହିଁ। ପିଲାମାନେ ବାରଣ୍ଡା ଓଳାଇ ସେଠାରେ ବସୁଛନ୍ତି। ତେବେ ଲକ୍ଷାଧିକ ଟଙ୍କାର କୋଠା କାହା ପାଇଁ ବୋଲି ପ୍ରଶ୍ନ ଉଠିଛି।

## ଦୁଷ୍କର୍ମ ପରେ ଯୁବତୀଙ୍କୁ ମାରି ଜଙ୍ଗଲରେ ଫିଙ୍ଗିଦେଲେ !

ସମ୍ବଲପୁର,୧।୯(ସଂଚାର ବ୍ୟୁରୋ): ଏପରି ଅଭିଯୋଗ ଆସିଛି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଅଞ୍ଚଳରୁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକ ହୋଇଛି।
ଗତ ଶୁକ୍ରବାର ସକାଳେ ନାକଟିଦେଉଳ ଥାନା ଅଞ୍ଚଳର ୨୦ ବର୍ଷୀୟା ଯୁବତୀ ରୀମା(ଛଦ୍ମନାମ) ଗାଧୋଇବା ପାଇଁ ନାଳକୁ ଯାଇଥିଲେ। ହେଲେ ଘରକୁ ଫେରିନଥିଲେ। ଝିଅ ଘରକୁ ନଫେରିବାରୁ ପରିବାର ଲୋକେ ଚାରିଆଡେ ଖୋଜିଥିଲେ। ହେଲେ ତାଙ୍କ ପତ୍ତା ପାଇନଥିଲେ। ନିଜର ବଢ଼ିଲା ଝିଅକୁ ନପାଇ ପରିବାର ଲୋକେ ଏନେଇ ନାକଟିଦେଉଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଆଜି ସକାଳେ ରୀମାଙ୍କ କ୍ଷତବିକ୍ଷ ବସ୍ତ୍ର ବିହୀନ ମୃତଦେହ ଗାଁଠାରୁ ଗୋଟିଏ କିମି ଦୂରରେ ଥିବା ଝାରୱଡୋ-ପାଣ୍ଡରିପଶି ଜଙ୍ଗଲରେ ପଡ଼ିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ରୀମାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କ ଗିରଫ ଦାବିରେ ସ୍ଥାନୀୟ ଲୋକେ ଝାରବେଡ଼ା-ପାଣ୍ଡରିପଶି ରାସ୍ତା ରୋକ କରିଥିଲେ। ଖବର ପାଇଁ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିଥିଲା। ହେଲେ ଉତ୍ତ୍ୟକ୍ତ ଗାଁ ଲୋକେ ମୃତଦେହ ଜବତ କରିବା ପାଇଁ ପୁଲିସ୍‌କୁ ଦେଇନଥିଲେ। ଖବର ପାଇ ଘଟଣା ସ୍ଥଳରେ ନାକଟିଦେଉଳ ଥାନା ପୁଲିସ ସମେତ ରେଢ଼ାଖୋଲ ଏସଡିପିଓ, ନାକଟିଦେଉଳ ତହସିଲଦାର ଓ ସ୍ଥାନୀୟ ସରପଞ୍ଚ ପହଞ୍ଚି ଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଅପରାହ୍ନରେ ମୃତଦେହ ଜବତ କରିବା ପାଇଁ ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍‌କୁ ଜଙ୍ଗଲ ଭିତରକୁ ଗାଁ ଛାଡ଼ିଥିବା ଜଣାପଡ଼ିଛି। ହେଲେ ଏବେ ମଧ୍ୟ ରାସ୍ତାରୋକ ଆନ୍ଦୋଳନ ଚାଲିଛି। ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଲୋକେ ଅଡି ବସିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ପୁଲିସ୍ ସାହେୱୀ ଗାଁର ଜଣେ ବିବାହିତ ପୁରୁଷକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।



## ଦୁର୍ନିତିର ଗନ୍ତାଘର ଗ୍ରାମ୍ୟ ଉନ୍ନୟନ ବିଭାଗ

ମୟୂରଭଞ୍ଜ,୧/୯(ସଂଚାର ବ୍ୟୁରୋ): ଦୁର୍ନୀତିର ଗନ୍ତାଘର ପାଲଟିଛି ଗ୍ରାମ୍ୟ ଉନ୍ନୟନ ବିଭାଗ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ରାସ୍ତା ନିର୍ମାଣରେ ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ କୋଟି କୋଟି ଟଙ୍କା ହୋଇଛି ଚଲୁ। ହାତ ମାରିଲେ ଉଠୁଛି ପିଚୁ । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ଅଧିନରେ ଥିବା ବହଳଦା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହୋଇଥିବା କାର୍ଯ୍ୟରେ । ଆଦିବାସୀଙ୍କର ଯାତାୟାତ ଓ ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସାମ୍ନାକୁ ଆସିଛି ତାର ବିପରୀତ ଚିତ୍ର। ଝରାଡ଼ିହି ଠାରୁ ରଙ୍ଗାମାଟିଆ ସାତ କିଲୋମିଟର ନୂତନ କାର୍ଯ ହେଉଥିବା ବେଳେ କାର୍ଯ୍ୟର ମାସେ ନ ଯାଉଣୁ ହାତ ମାରିଲେ ଉଠି ଯାଉଛି ପିଚୁ ।

## ଗାଁ ଦାଣ୍ଡରେ ଜମି ରହୁଛି ବର୍ଷା ପାଣି

ଖଣ୍ଡପଡ଼ା, ୧।୯-(ସଂଚାର ବ୍ୟୁରୋ): ନୟାଗଡ ଜିଲ୍ଲା ଭାପୁର ବ୍ଲକ ସଦର ମହକୁମା ସ୍ଥିତ ପାଟଣା ସାହିର ଗାଁ ଦାଣ୍ଡରେ ଆଜକୁ ୨ମାସ ରୁ ଉର୍ଦ୍ଧ୍ୱ ସମୟ ଧରି ବର୍ଷା ପାଣି ଜମି ରହୁଛି। ଯାହାଫଳରେ , ସ୍ଥାନୀୟ ବାସିନ୍ଦା ଙ୍କ ଦୁର୍ଦ୍ଦଶା ବଢ଼ିବା ସହ ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଘଟଣାରୁ ପ୍ରକାଶ, ଭାପୁର ଗ୍ରାମର ପାଟଣା ସାହିରେ ବର୍ଷା ଜଳ ନିଷ୍କାସନ ପାଇଁ ପୂର୍ବରୁ ସାହି ମଝିରେ ଏକ ଡ୍ରେନ ଦ୍ୱାରା ବର୍ଷା ଜଳ ନିଷ୍କାସନ ହୋଇ ପୋଖରୀରେ ପ୍ରୱେଶେ କରିବାର ବ୍ୟବସ୍ଥା ଥିଲା। ପୁନଶ୍ଚ, ଡ୍ରେନ ଉପରେ ଘୋଡଣୀ (ଢାଙ୍କୁଣି) ପଡି ନ ଥିବାରୁ ସେଥିରେ ଅଳିଆ, ଆବର୍ଜନା ପଡି ରହି ଦୁର୍ଗନ୍ଧ ସୃଷ୍ଟି ହେଉଥିଲା। ଦୁର୍ଗନ୍ଧ ସୃଷ୍ଟି ହେବା ଯୋଗୁଁ କିଛି ଲୋକ ମନ୍ଦ ଉଦ୍ଦେଶ୍ୟ ରଖି ଉକ୍ତ ଡ୍ରେନ ଟିକୁ ମାଟି ପକାଇ ପୋତି ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆଜିଠୁ ବଢ଼ିବ...

ବଢୁଥିବା ନକଲି କଲ ଏବଂ ସ୍ପାମ ମେସେଜକୁ ରୋକିବା ପାଇଁ ଟେଲିକମ ରେଗୁଲେଟାରୀ ଅଥରିଟି ଅଫ ଇଣ୍ଡିଆ ବା ଟ୍ରାଇ ଆଜିଠାରୁ ଏକ ନୂଆ ନିୟମ ଲାଗୁ କରିବାକୁ ଯାଉଛି। ଟ୍ରାଇ ଟେଲିକମ କମ୍ପାନୀଗୁଡିକ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି ଯେଉଁଥିରେ କୁହାଯାଇଛି ଯେ ସେପ୍ଟେମ୍ବର ୩୦ ସୁଦ୍ଧା ସେମାନେ ସିରିଜରୁ ଆରମ୍ଭ ହୋଇଥିବା ୧୪୦ଟି ମୋବାଇଲ ନମ୍ବର ଟେଲି ମାର୍କେଟିଂ କଲ ଏବଂ ବ୍ୟବସାୟିକ ମେସେଜିଂକୁ ବ୍ଲକଚେନ୍ ବେସ ଡିଷ୍ଟ୍ରିବ୍ୟୁଶନରେ ସ୍ଥାନାନ୍ତର କରିବା ଉଚିତ। ଏଥିସହ ଟେଲି ମାର୍କେଟିଂ ସେବାଗୁଡିକ ସେପ୍ଟେମ୍ବର ୩୦ ସୁଦ୍ଧା ବ୍ଲକ ଚେନ ଆଧାରିତ ସିଷ୍ଟମରେ ରୂପାନ୍ତରିତ ହେବ। ଏହା ସୁରକ୍ଷା ବୃଦ୍ଧି କରିବା ସହ ଅବାଞ୍ଛିତ କଲ ଓ ମେସେଜକୁ ହ୍ରାସ କରିବ।
କ୍ରେଡିଟ କାର୍ଡ ନିୟମରେ ବିଶେଷକରି ରିୱାର୍ଡ ପଏଣ୍ଟ ଏବଂ ଦେୟ ସୂଚୀ ସମ୍ବନ୍ଧରେ ପରିବର୍ତ୍ତନ କରାଯିବ। ଏଚଡିଏଫସି ବ୍ୟାଙ୍କର କାରବାର ଉପରେ ରିୱାର୍ଡ ପଏଣ୍ଟ କ୍ୟାପ ସୀମା ନିର୍ଦ୍ଧାରଣ କରାଯିବ। ଅର୍ଥାତ କାର୍ଡଧାରୀମାନେ କେବଳ ବିଦ୍ୟୁତ କିମ୍ବା ଜଳ ପରି ସେବା ପାଇଁ ଦେୟ ଦେବାବେଳେ ମାସକୁ ୨ହଜାର ପଏଣ୍ଟ ପର୍ଯ୍ୟନ୍ତ ରିୱାର୍ଡ ପାଇପାରିବେ। ଏହା ବ୍ୟତୀତ, ଏଚଡିଏଫସି ବ୍ୟାଙ୍କ ତୃତୀୟ ପକ୍ଷ ଆପ ମାଧ୍ୟମରେ ଶିକ୍ଷାଗତ ଦେୟ ଦେବାରେ କୌଣସି ରିୱାର୍ଡ ଦେବ ନାହିଁ। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଏହାର ଦେୟ ସୂଚୀକୁ ଅପଡେଟ୍ କରୁଛି। ଏଥିରେ, କ୍ରେଡିଟ କାର୍ଡରେ ଦିଆଯିବାକୁ ଥିବା ସର୍ବନିମ୍ନ ପରିମାଣ ସେପ୍ଟେମ୍ବରରୁ ହ୍ରାସ ହେବ। ଦେୟ ତାରିଖକୁ ବର୍ତ୍ତମାନ ୧୫ ଦିନକୁ ହ୍ରାସ କରାଯିବ।
ରୁପେ କ୍ରେଡିଟ କାର୍ଡ ଜାରି କରିଥିବା ସମସ୍ତ ବ୍ୟାଙ୍କକୁ ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆର ନିର୍ଦ୍ଦେଶ ଅନୁଯାୟୀ, ରୁପେ କ୍ରେଡିଟ କାର୍ଡ ଏବଂ ୟୁପିଇ କାରବାର ଶୁଳ୍କ ରିୱାର୍ଡ ପଏଣ୍ଟ କିମ୍ବା ଅନ୍ୟାନ୍ୟ ଲାଭରୁ କାଟି ଦିଆଯିବା ଉଚିତ ନୁହେଁ। ଏନପିସିଆଇର ଏହି ନିର୍ଦ୍ଦେଶ ୧ ସେପ୍ଟେମ୍ବର ୨୦୧୪ ଠାରୁ କାର୍ଯ୍ୟକାରୀ ହେବ।
ଆଇଡିବିଆଇ ବ୍ୟାଙ୍କ ଏଫଡିର ଡେଡ୍‌ଲାଇନ୍ ଅବଧି ୩୦୦ ଦିନ, ୩୭୫ ଦିନ ଏବଂ ୪୪୪ଦିନର ବିଶେଷ ଅବଧି ଯାଏଁ ବୃଦ୍ଧି କରିଛି। ତାଲିକାରେ ଯୋଡି ହୋଇଥିବା ନୂଆ କାର୍ଯ୍ୟକାଳ ୭୦୦ ଦିନ ରହିଛି। ୩୦୦ ଦିନରେ ମାଚ୍ୟୁର ହେଉଥିବା ସ୍ୱତନ୍ତ୍ର ଏଫଡି ଉପରେ ସାଧାରଣ ନାଗରିକମାନଙ୍କୁ ବ୍ୟାଙ୍କ ୭.୦୫% ପ୍ରଦାନ କରିଥାଏ। ଏହି ସମୟରେ, ବରିଷ୍ଠ ନାଗରିକମାନେ ୩୦୦ ଦିନର ସ୍ୱତନ୍ତ୍ର ଏଫ୍‌ଡିରେ ୭.୫୫% ପାଆନ୍ତି ।।
ଆଡିବିଆଇ ବ୍ୟାଙ୍କ ଜୁନ ୩୦, ୨୦୨୪ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଏଫ୍‌ଡି ପାଇଁ ସମୟସୀମା ବୃଦ୍ଧି କରିଛି। ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କର ସ୍ୱତନ୍ତ୍ର ଏଫଡି ପାଇଁ ସମୟ ସୀମା ୩୦ ସେପ୍ଟେମ୍ବର ରହିଛି। ଏସବିଆଇ ଅମୃତ କଳଶ ସ୍ପେଶାଲ ଏଫଡି ସ୍କିମର ଶେଷ ତାରିଖ ମଧ୍ୟ ୩୦ ସେପ୍ଟେମ୍ବର ରହିଛି।

### ଏସ୍‌ଏଚ୍‌ଜି...

କ୍ଷମତା ରାଜନୀତିରେ ପରାଜିତ ହୋଇଥିଲେ ମଧ୍ୟ ବିଧାନସଭାରେ ଅଧିକ ପ୍ରାୟ ୨ଲକ୍ଷ ଭୋଟ ପାଇଥିଲା। ଆଉ ବିଜେଡିର ଏହି ଅଧିକ ଭୋଟ ପଛରେ ରହିଛନ୍ତି ମିଶନ ଶକ୍ତିର ମହିଳାମାନେ ।
୨୦୦୧ ମସିହାରେ ରାଜ୍ୟରେ ମିଶନ ଶକ୍ତି ଆରମ୍ଭ ହୋଇଥିଲା । ଯଦିଓ ଏହା ଏକ କେନ୍ଦ୍ରୀୟ ଯୋଜନା କିନ୍ତୁ ରାଜ୍ୟର ବିଜେଡି ସରକାର ଏହାକୁ ଏକ ପ୍ରକାର ହାଇଜାକ୍ କରିଥିଲେ । ମହିଳା ଗୋଷ୍ଠିମାନଙ୍କୁ ଧିରେ ଧିରେ ବିଜେଡିର ବ୍ରାଣ୍ଡିଂ କରିଦେଇଥିଲେ। ସୁଧ ମୁକ୍ତ ଋଣ ସହିତ, ସ୍କୁଟି ପ୍ରଦାନ ଓ ବିଦେଶ ବୁଲା ସବୁକିଛିର ବ୍ୟବସ୍ଥା କରିଥିଲେ ବିଜେଡି ସରକାର । ତେଣୁ ମହିଳା ଭୋଟ ବ୍ୟାଙ୍କ୍ ଉପରେ ବିଜେଡିର ଏକ ପ୍ରକାର ଏକଚାଟିଆ ଅଧିକାର ରହିଥିଲା।
ବିଜେଡିର ଏହି ଏକଚାଟିଆ କାରବାର ଉପରେ ଏବେ ସୁଭଦ୍ରା ଯୋଜନା ମାଧ୍ୟମରେ ବିଜେପି ପ୍ରହାର କରିବାକୁ ଯାଉଛି । କାରଣ ମିଶନ ଶକ୍ତିରେ ୭୦ଲକ୍ଷ ମହିଳା ଥିବାବେଳେ ପ୍ରଥମଥର ପାଇଁ ସେମାନଙ୍କ ହାତକୁ ବାର୍ଷିକ ୧୦ହଜାର ଟଙ୍କା କରି ଯିବ । ପୂର୍ବରୁ ସେମାନେ ଋଣ ଓ ଅନ୍ୟାନ୍ୟ ବାବଦରେ ଅର୍ଥ ପାଉଥିଲେ ବି ତାହା ଗୋଷ୍ଠି ଭିତ୍ତିକ ଥିଲା ଏବଂ ଏହି ଅର୍ଥକୁ ନେଇ ଅନେକ ସ୍ଥାନରେ ତୁମୁଳ କାଣ୍ଡ ଉପୁଜୁଥିଲା ।
ରାଜ୍ୟରେ ୬ଲକ୍ଷ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଥିବାବେଳେ ଏଥିରେ ୭୦ଲକ୍ଷ ମହିଳା ଥିବା ସରକାର କହି ଆସୁଥିଲେ । ଅନେକ ମହିଳା ବି ଝାମେଲାରେ ନପଶିବାକୁ ମିଶନ ଶକ୍ତିରୁ ଦୂରେଇ ରହୁଥିଲେ । ହେଲେ ବିଜେପି ସରକାର କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ ପାଇଁ ଘୋଷଣା ସହିତ କାର୍ଯ୍ୟ ଆରମ୍ଭ କରିଛନ୍ତି । ତେଣୁ ୭୦ଲକ୍ଷ ଏସଏଚଜି ମହିଳାଙ୍କ ସମେତ ଆଉ ୩୦ରୁ ୪୦ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହେବେ । ସିଧାସଳଖ ନଗଦ ଟଙ୍କା ପାଇଲା ପରେ ଏମାନଙ୍କର ଦୀର୍ଘଦିନ ଧରି ଥିବା ମୋହ ଭାଙ୍ଗିବା ଆରମ୍ଭ ହେବ ବୋଲି କୁହାଯାଉଛି ।
ରାଜ୍ୟର ବିଜେପି ସରକାର ଏବେ ସୁଭଦ୍ରା ଯୋଜନାକୁ ଶତ ପ୍ରତିଶତ ସଫଳ କରିବାକୁ ଲାଗି ପଡିଛନ୍ତି । ଯୋଜନା ଯେତେ ସଫଳ ହେବ ସେତେ ଅଧିକ ମହିଳା ବିଜେପି ଆଡକୁ ଢଳିବେ । କାରଣ ବିଜେପି ଭଲଭାବେ ଜାଣିଛି ଯେ ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାବେଳେ ପରେ ପରେ ପୌର ନିର୍ବାଚନ ଆସିବ । ଆଉ ଏହି ନିର୍ବାଚନକୁ ଜିଣିବାକୁ ହେଲେ ମହିଳା ଭୋଟବ୍ୟାଙ୍କକୁ ନିଜ ପଟକୁ ଆଣିବାକୁ ପଡିବ । ଏହି କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନା ଜରିଆରେ ମୂଳଦୂଆ ପଡିଥିବାବେଳେ ଆଗକୁ ମହିଳାଙ୍କ ପାଇଁ କି କି ନୂଆ ଯୋଜନା ଆସିବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି ।

### ବିତର୍କର ଆହ୍ୱାନରୁ...

ସେ କଦାପି ବୁଝିପାରିବେ ନାହିଁ।
କଟକରେ ଏକ କାର୍ଯ୍ୟକ୍ରମ ସମୟରେ ପ୍ରଧାନ କହିଥିଲେ ଯେ ନାମ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି। କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ରେଭେନ୍ସା, ଯାହାଙ୍କ ପରେ ବିଶ୍ୱବିଦ୍ୟାଳୟର ନାମକରଣ ହୋଇଥିଲା, ସେ ୧୮୬୬ ମସିହାରେ ଓଡିଶାରେ ଯେତେବେଳେ ସେ ରାଜ୍ୟ କମିଶନର ଥିଲେ, ସେତେବେଳେ ସେ କ'ଣ କରିଥିଲେ ?
"ଦୁର୍ଭିକ୍ଷରେ ଅନେକ ଓଡ଼ିଆ ଲୋକ ପ୍ରାଣ ହରାଇଥିଲେ। ରେଭେନ୍ସା କମିଶନର ଥିବାବେଳେ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ପ୍ରଶାସନିକ ବିଫଳତା କାରଣରୁ ଦଶ ଜଣଙ୍କ ମଧ୍ୟରୁ ନଅ ଜଣଙ୍କର ମୃତ୍ୟୁ ହୋଇଥିବା 'ନଅଙ୍କ ଦୁର୍ବିକିଆ ଦୁର୍ଭିକ୍ଷ। ବ୍ରିଟିଶ କମିଶନରଙ୍କ ନାମରେ ଓଡ଼ିଶାର ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ କାହିଁକି ନାମିତ ହେବ? " ବୋଲି ସେ ପ୍ରଶ୍ନ କରିଥିଲେ।ତଥାପି, ସେ କହିଥିଲେ ଯେ ୧୫୬ ବର୍ଷ ପୁରୁଣା ଅନୁଷ୍ଠାନର ପରିବର୍ତ୍ତନ ହେଉଛି ତାଙ୍କର ବ୍ୟକ୍ତିଗତ ମତ।
ଅନ୍ୟପଟେ ଏହି ପ୍ରସଙ୍ଗରେ ମନ୍ତବ୍ୟ ଦେଇ ଭାଜପା ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି, "ଆମେ ବିଜେଡିର କିଛି ଅଣ ଓଡିଆଙ୍କ ପାଇଁ ଲଢେଇ ଦେଖିଛୁ। ବର୍ତ୍ତମାନ, ସେମାନେ ସମସ୍ତ ସୀମା ଅତିକ୍ରମ କରି ବ୍ରିଟିଶ ଅଧିକାରୀଙ୍କ ପାଇଁ ଲଢୁଛନ୍ତି। ପ୍ରଧାନଙ୍କ ଆଭିମୁଖ୍ୟ ଗଣତାନ୍ତ୍ରିକ ଥିଲା। ଆମେ ବିଜେଡି ଭଳି କଠୋର ନିୟମ ଚଳାଉ ନାହୁଁ। " ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମରେ ବିଜେଡି ଇଞ୍ଚେ ଜମି ମଧ୍ୟ ହସ୍ତାନ୍ତର କରି ନାହିଁ। ତେବେ ସେମାନେ ବର୍ତ୍ତମାନ କି ପ୍ରକାର ପ୍ରେମ ଦେଖାଉଛନ୍ତି ବୋଲି ସେ କହିଛନ୍ତି।
ଏହି ପ୍ରସଙ୍ଗରେ କଂଗ୍ରେସ ମଧ୍ୟ ପ୍ରତିବାଦର ସ୍ୱର ଉଠାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ହେଲେ ସାରା ରାଜ୍ୟରେ ନିଆଁ ଜଳିବ ବୋଲି ଚେତାବନୀ ଦେଇଛି।
ପାଣ୍ଡିଆନଙ୍କ ଭଳି ନକଲି ଶାସକଙ୍କ ପାଇଁ ଓକିଲାତି କରି ଶାସନରୁ ବିଦା ହୋଇଥିବା ବିଜୁ ଜନତା ଦଳ ଆଜି ଆଉ ପାଦେ ଆଗକୁ ଯାଇ ଜଣେ ବ୍ରିଟିଶ୍ ଅଫିସର ଥୋମାସ୍ ଏଡ୍‌ୱାର୍ଡ ରେଭେନ୍ସା, ଯାହାଙ୍କ ପାଇଁ ନଅଙ୍କ ଦୁର୍ଭିକ୍ଷ ସମୟରେ ଓଡ଼ିଶାର ୨୦ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା ତାଙ୍କ ପାଇଁ ଓକିଲାତି କରୁଛି । ବିରୋଧୀ ଦଳରେ ବସିବା ପରଠାରୁ ଆଜି ପର୍ଯ୍ୟନ୍ତ ବିଜୁ ଜନତା ଦଳ କେବଳ ଅପ୍ରସଙ୍ଗକୁ ପ୍ରସଙ୍ଗ କରି ରାଜନୀତି କରିବା ପାଇଁ ଚାହୁଁଛି। ଗତକାଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଦେଇଥିବା ବକ୍ତବ୍ୟକୁ ବିଜୁଜନତା ଦଳ ଏବଂ କଂଗ୍ରେସ ବୋଧହୁଏ ବୁଝିପାରି ନାହାନ୍ତି ବା ତାକୁ ବୁଝିବା ପାଇଁ ସେମାନଙ୍କର ବୌଦ୍ଧିକ ସକ୍ଷମତାର ଅଭାବ ରହିଛି । ନଅଙ୍କ ଦୁର୍ଭିକ୍ଷ ସମୟରେ ଯେତେବେଳେ ଓଡ଼ିଶାର ଲୋକ ମରୁଥିଲେ, ସେତେବେଳେ ରେଭେନ୍ସା ସାହେବ ହୁକ୍କା ଟାଣିବାରେ ବ୍ୟସ୍ତ ଥିଲେ ବୋଲି ପ୍ରସିଦ୍ଧ ଲେଖକ ଜେ.ପି ଦାସ ତାଙ୍କ ପୁସ୍ତକ "ଦେଶ କାଳ ପାତ୍ର"ରେ ଲେଖିଛନ୍ତି । ନଅଙ୍କ ଦୁର୍ଭିକ୍ଷ ପାଇଁ ବସିଥିବା କ୍ୟାମ୍ପବେଲ୍ ତଦନ୍ତ କମିଶନ ଆଗରେ ରେଭେନ୍ସା ସାହେବ ନିଜେ କହିଛନ୍ତି ଯେ, ଓଡ଼ିଆମାନେ ଅତ୍ୟନ୍ତ ଉତ୍ସାହହୀନ ଓ ଆଳସ୍ୟପରାୟଣ । ଏଭଳି ଜଣେ ବ୍ୟକ୍ତି ପାଇଁ ବିଜୁ ଜନତା ଦଳ ଓ କଂଗ୍ରେସ ଦଳର ଓକିଲାତି ଶୋଭାପାଉନାହିଁ ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି ।

### ନକଲି ସବଇନସ୍ପେକ୍ଟର...

ଘରକୁ ନେବା ପରିବର୍ତ୍ତେ ଭୁବନେଶ୍ୱର ନେଇ ଆସିଥିଲେ। ଖଣ୍ଡଗିରି ସରକନ୍ତରାରେ ଏକ ଭଡାଘରେ ଉଭୟ ରହୁଥିଲେ। ସେଠାରେ କିଛି ଦିନ ରହିବା ପରେ ମନୋଜ ଚାକିରିକୁ ଯାଉଥିବା କହି ପଳାଇ ଯାଇଥିଲେ। ଭୁବନେଶ୍ୱରରେ ପତ୍ନୀ ଏକୁଟିଆ ରହୁଥିଲେ। ମଝିରେ ମଝିରେ ସେ ଆସୁଥିଲେ ଓ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖୁଥିଲେ।
ମନୋଜ ଯେତେବେଳେ ଭୁବନେଶ୍ୱର ଆସୁଥିଲେ ସେତେବେଳେ ରେଖା ଶାଶୁ ଘର ଯିବା ପାଇଁ ଅଳି କରୁଥିଲେ। ହେଲେ ସେ କେବଳ ବାହାନା କରୁଥିଲେ। ଯେଉଁଥିପାଇଁ ତାଙ୍କ ମନରେ ସନ୍ଦେହ ହୋଇଥିଲା। ତା'ପରେ ମନୋଜ ଚଢୁଥିବା କାର ନମ୍ବର ଯାଞ୍ଚ କରିଥିଲେ ରେଖା। ସେହି ସମୟରେ ତାଙ୍କ ନାଁ ସୁବାସ ଚନ୍ଦ୍ର କହଁର ଥିବା ଜଣାପଡ଼ିଥିଲା। ତେଣୁ ରେଖାଙ୍କ ସନ୍ଦେହ ଆହୁରି ଦୃଢ଼ିଭୁତ ହୋଇଥିଲା। ସେ ଏନେଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଅଭିଯୋଗକୁ ଭିତ୍ତିକରି ମନୋଜ ମିଶ୍ରଙ୍କୁ ଗିରଫ କରିଥିଲା। ଆଉ ତାଙ୍କଠାରୁ ପୁଲିସ୍ କ୍ୟାପ୍ ଓ ବିଭିନ୍ନ ନକଲି ଆଧାରକାର୍ଡ ଜବତ କରିଥିଲେ।
ଭୁବନେଶ୍ୱର ଏସିପି ତାପସ ପ୍ରଧାନ କହିଛନ୍ତି, ଯାଞ୍ଚ ବେଳେ ଜଣାପଡ଼ିଛି ମନୋଜ ମିଶ୍ର ନାଁରେ କେହି ପୁଲିସ୍ କର୍ମଚାରୀ ନାହାନ୍ତି। ତାଙ୍କର ପ୍ରକୃତ ନାଁ ହେଉଛି ସୁବାସ ଚନ୍ଦ୍ର କହଁର। ତାଙ୍କ ଘରୁ ଦୁଇଟି ଆଧାରକାର୍ଡ ଜବତ ହୋଇଛି। ଗୋଟିଏ ଅସଲି ଓ ଅନ୍ୟଟି ନକଲି। ସେ ପୂର୍ବରୁ ଦୁଇ ଥର ବିବାହ କରିଥିବା ଜଣାପଡ଼ିଛି। ବିବାହ ପାଇଁ ଯୁବତୀଙ୍କୁ ପ୍ରସ୍ତାବ ଦେବା ବେଳେ ନିଜର ବୟସ କମ୍ ଦେଖାଉଥିଲେ ବୋଲି ଏସିପି କହିଛନ୍ତି।

### ବିଳମ୍ବିତ ନ୍ୟାୟକୁ...

ବୁଲୁଛନ୍ତି। ହେଲେ ପୀଡ଼ିତା ଭୟରେ ରହୁଛନ୍ତି। ଏ କ୍ଷେତ୍ରରେ ମହିଳାମାନଙ୍କ ସ୍ଥିତି ଆହୁରି ଖରାପ। ଗୋଟିଏ ସଭ୍ୟ ସମାଜ କେବେ ହେଲେ ଏହାକୁ ସମର୍ଥନ କରେନାହିଁ ବୋଲି ସେ କହିଛନ୍ତି।
ଭାରତ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ଓ କେନ୍ଦ୍ର ଆଇନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଅର୍ଜୁନ ରାମ ମେଘୱାଲ ମଧ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ସୁପ୍ରିମକୋର୍ଟର ଗୋଟିଏ ପତାକା ରିଲିଜ କରିଛନ୍ତି।

### ଟିକିଟି ମଦମୃତ୍ୟୁ...

ମଧ୍ୟ ଜୋର୍ ଧରିଛି। ସ୍ଥାନୀୟ ବିଜେଡି ଓ ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଟିକିଟି ବ୍ଲକ ଅନ୍ତର୍ଗତ ମାଉଁଦପୂର ଗ୍ରାମରେ ଅଗଷ୍ଟ ୧୯ରେ ବିଷାକ୍ତ ମଦ ପିଇ ୨୩ଜଣ ଲୋକ ଗୁରୁତର ହୋଇପଡିଥିଲେ। ଉକ୍ତ ଘଟଣାରେ ଆଜି ସୁଦ୍ଧା କେ. ନୂଆଗାଁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୬ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ଓଡ଼ିଶାର ମୁଖ୍ୟ ଆୟକର କମିଶନର ରାହୁଲ କର୍ଣ୍ଣ



ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ଆଇଆରଏସ ଅଫିସର ରାହୁଲ କର୍ଣ୍ଣ ଆଜି ଓଡିଶାର ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ କର୍ଣ୍ଣ ୧୯୮୯ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ। ଓଡିଶାରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ଆୟକର (ଅନୁସନ୍ଧାନ), ବିହାର ଏବଂ ଝାଡ଼ଖଣ୍ଡର ମହାନିର୍ଦ୍ଦେଶକ ଭାବରେ ଦାୟିତ୍ୱ ତୁଲାଇଛନ୍ତି। ଆୟକର ବିଭାଗରେ କାର୍ଯ୍ୟ କରିଥିବାରୁ ଶ୍ରୀ କର୍ଣ୍ଣଙ୍କୁ ବହୁତ ପ୍ରଶଂସା କରାଯାଇଛି। ଏହାପୂର୍ବରୁ ସେ ମୁମ୍ବାଇରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ଡେପୁଟେସନରେ ଥିଲେ।

## ରାଜଧାନୀ ଉପକଣ୍ଠରୁ ଜବତ ହେଲା ବାଘ ଛାଲ

ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ରାଜଧାନୀ ଉପକଣ୍ଠରୁ କଲରାପତରିଆ ବାଘ ଛାଲ ଜବତ । ଏବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ମାଡ଼ିବସିଲା ବନବିଭାଗ। ଏହି ଘଟଣାରେ ବନବିଭାଗ ଜଣେ ଓଆଇଏସଏଫ ଯବାନଙ୍କ ସହ ମୋଟ ୭ ଜଣଙ୍କୁ ଗିରଫ କରିଛି ।

ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪

# ମହିଳା ବ୍ୟାଡ୍‌ମିଣ୍ଟନରେ ଭାରତର ପଦକ ପକ୍କା



- ଏସ୍‌ୟୁ୫ ସେମିରେ ମନୀଷା-ତୁଳସୀମାତି
- ଏସ୍‌ଏଚ୍‌୬ ସେମିରେ ନିତ୍ୟା
- ବିଦା ହେଲେ ମନଦୀପ, ପଲକ

**ପ୍ୟାରିସ୍, ୧।୯:** ପ୍ୟାରିସ୍ ପାରାଲିମ୍ପିକ୍ସରେ ରବିବାର ତୃତୀୟ ଦିବସରେ ବ୍ୟାଡ୍‌ମିଣ୍ଟନରୁ ଭାରତର ଦ୍ୱିତୀୟ ପଦକ ସୁନିଶ୍ଚିତ ହୋଇଛି। ପାରା ସଟ୍‌ଲର୍ ମନୀଷା ରାମଦାସ ମହିଳା ଏକକ ଏସ୍‌ୟୁ୫ ବର୍ଗର ସେମିଫାଇନାଲ୍‌ରେ ନିଜ ଦେଶର ତୁଳସୀମାତି ମୁରୁଗେସନ୍‌ଙ୍କୁ ଭେଟିବେ। ଏହା ଫଳରେ ଭାରତ ଅତି କମ୍‌ରେ ରୌପ୍ୟ ପଦକ ଜିତିବ। ଦେଶର ଅନ୍ୟତମ ମହିଳା ସଟ୍‌ଲର୍ ନିତ୍ୟା ଶ୍ରେ ସିବନ୍ ସୁମତି (ଏକକ ଏସ୍‌ଏଚ୍‌6) ମଧ୍ୟ ଅନ୍ତିମ-୪ରେ ସ୍ଥାନ ପାଇଛନ୍ତି। ତେବେ ମନଦୀ କୌର ଓ ପଲକ କୋହଲି ନିଜ ନିଜ ମହିଳା ଏକକ କ୍ୱାର୍ଟର୍-ଫାଇନାଲ୍‌ରେ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ୧୯ବର୍ଷୀୟା ମନୀଷା ଏସ୍‌ୟୁ୫ ବର୍ଗର କ୍ୱାର୍ଟର୍-ଫାଇନାଲ୍‌ରେ ଜାପାନର ମମିକୋ ତୋୟୋଦାଙ୍କୁ ୨୧-୧୩, ୨୧-୧୬ରେ ମାତ୍ ଦେଇଥିଲେ। ଦ୍ୱିତୀୟ ସିଡ୍ ଭାରତୀୟ ବାମହାତି ଖେଳାଳି ତାଙ୍କ ଅନ୍‌ସିଡ୍ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବା ପାଇଁ ୩୦ମିନିଟ୍ ନେଇଥିଲେ। ଅନ୍ତିମ-୪ରେ ମନୀଷା ଟପ୍ ସିଡ୍ ତୁଳସୀମାତିଙ୍କ ଆହ୍ୱାନର ସମ୍ମୁଖୀନ ହେବେ, ଯିଏ ଶନିବାର ଗ୍ରୁପ୍-ଏ'ରେ ପର୍ତ୍ତୁଗାଲ୍‌ର ବିଟ୍ରିଜ୍ ମୋଣ୍ଟେରୋଙ୍କୁ ହରାଇଥିଲେ। ଶନିବାର ପୁରୁଷ ଏକକର ଏସ୍‌ଏଲ୍‌୪ ବର୍ଗରେ ଭାରତର ସୁକାନ୍ତ କଦମ୍ ଓ ସୁହାସ ଯଥିରାଜ ସେମିଫାଇନାଲ୍‌ରେ ପ୍ରବେଶ କରିଥିଲେ, ଯେଉଁଠି ଉଭୟଙ୍କ ମଧ୍ୟରେ ମୁକାବିଲା ହେବ। ଏହା ଫଳରେ ଚଳିତ ସଂସ୍କରଣରେ ବ୍ୟାଡ୍‌ମିଣ୍ଟନରୁ ଭାରତର ପ୍ରଥମ ପଦକ ପକ୍କା ହୋଇଥିଲା।

ଟପ୍ ସିଡ୍ ନିତ୍ୟା ଏସ୍‌ଏଚ୍‌6 ବର୍ଗର କ୍ୱାର୍ଟର୍-ଫାଇନାଲ୍‌ରେ ପୋଲାଣ୍ଡର ଓଲିଭିଆ ସମିଜିଏଲ୍‌ଙ୍କୁ ୨୧-୪, ୨୧-୭ରେ ସହଜରେ ହରାଇଥିଲେ।

ଅନ୍ୟପଟେ, ମନଦୀପ ଏସ୍‌ଏଲ୍‌3 ବର୍ଗର ଅନ୍ତିମ-୮ ପର୍ଯ୍ୟାୟରେ ନାଇଜେରିଆର ବୋଲାଜୀ ମରିଅମ୍ ଏନିଓଲାଙ୍କ ଠାରୁ ୮-୨୧, ୯-୨୧ରେ ପରାସ୍ତ ହୋଇଥିଲେ। ତୃତୀୟ ସିଡ୍ ବୋଲାଜୀ ମାତ୍ର ୨୩ ମିନିଟ୍‌ରେ ମ୍ୟାଚ୍ ଜିତିଥିଲେ। ମନଦୀପ ନିଜ ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ଭିନୋଟ ସେଲିନେ ଅରେଲୀଙ୍କୁ ହରାଇ କ୍ୱାର୍ଟରରେ ପହଞ୍ଚିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗ୍ରୁପ୍ ପର୍ଯ୍ୟାୟରେ ଭାରତୀୟ ଖେଳାଳି ନିଜ ପ୍ରଥମ ମ୍ୟାଚ୍‌ରେ ମରିଅମ୍‌ଙ୍କ ଠାରୁ ହାରିଥିଲେ।

ସେହିପରି ପଲକ ଏସ୍‌ଏଲ୍‌୪ ବର୍ଗର କ୍ୱାର୍ଟର୍-ଫାଇନାଲ୍‌ରେ ଇଣ୍ଡୋନେସିଆର ଖାଲିମାତସ୍ ସାଦିୟାଙ୍କ ଠାରୁ ୧୯-୨୧, ୧୫-୨୧ରେ ହାରିଯାଇଥିଲେ। ଏହି ମ୍ୟାଚ୍ ୨୮ ମିନିଟ୍ ଚାଲିଥିଲା।



## ମିଶ୍ରିତ ସୁଟିଂରେ ଅବନୀ-ସିଦ୍ଧାର୍ଥ ବିଫଳ

**ପ୍ୟାରିସ୍, ୧।୯:** ଭାରତୀୟ ସୁଟର୍ ଅବନୀ ଲେଖରା ଓ ସିଦ୍ଧାର୍ଥ ବାବୁ ପ୍ୟାରିସ୍ ପାରାଲିମ୍ପିକ୍ସରେ ରବିବାର ମିଶ୍ରିତ ୧୦ମି. ଏୟାର୍ ରାଇଫଲ୍ ପ୍ରୋନ୍ (ଏସ୍‌ଏଚ୍‌୧) ଇଭେଣ୍ଟ କ୍ୱାଲିଫିକେସନ୍‌ରେ ଯଥାକ୍ରମେ ୧୧ତମ ଓ ୨୮ତମ ସ୍ଥାନରେ ରହିଛନ୍ତି। ଏହା ଫଳରେ ଭାରତୀୟ ଯୋଡ଼ି ଫାଇନାଲ୍‌ରୁ ବଞ୍ଚିତ ହୋଇଛି। ଅବନୀ ୧୦ମି. ଏୟାର୍ ରାଇଫଲ୍ ଷ୍ଟାଣ୍ଡିଂ (ଏସ୍‌ଏଚ୍‌୧) ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତାକୁ ଦୋହରାଇପାରି ନ ଥିଲେ। ସେ ମୋଟ୍ ୬୩୨.୮ ସ୍କୋର୍ କରିଥିଲେ। ଅନ୍ୟପଟେ, ସିଦ୍ଧାର୍ଥ ଛଅ ସିରିଜ୍‌ରୁ ମୋଟ୍ ୬୨୮.୩ ସ୍କୋର୍ କରିଥିଲେ। ଅବନୀଙ୍କ ସ୍କୋର୍ ୧୦୫.୭, ୧୦୬.୦, ୧୦୪.୧, ୧୦୬.୦, ୧୦୪.୮ ଓ ୧୦୬.୨ ଥିବା ବେଳେ ସିଦ୍ଧାର୍ଥଙ୍କ ୧୦୪.୬, ୧୦୩.୮, ୧୦୫.୭, ୧୦୪.୯, ୧୦୩.୬ ଓ ୧୦୫.୭ ଥିଲା। ମିଶ୍ରିତ ଇଭେଣ୍ଟରେ ବିଫଳତା ସତ୍ତ୍ୱେ ଅବନୀ ପ୍ରଥମ ଭାରତୀୟ ମହିଳା ଭାବେ ପାରାଲିମ୍ପିକ୍ସରେ ଦୁଇ ସ୍ୱର୍ଣ୍ଣ ପଦକ ଜିତିବା ସହ ବିଶ୍ୱ ରେକର୍ଡକୁ ବଜାୟ ରଖିଛନ୍ତି।

# ଓଡ଼ିଶାର ଲାଲୁ ପ୍ରସାଦ ଦ୍ରୁତତମ ଆଥ୍‌ଲେଟ



**ବେଙ୍ଗାଲୁରୁ, ୧।୯ (ପି.ଟି.):** ୬୩ତମ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଶନିବାର ଜାତୀୟ ରେକର୍ଡଧାରୀ ମଣିକାନ୍ତ ହବ୍ଲିଧର ଓ ତେଜସ ଶିରସେ ଯଥାକ୍ରମେ ୧୦୦ମିଟର ସ୍ପ୍ରିଣ୍ଟ ଓ ୧୧୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ମୁକାବିଲାରେ ହାରିଯାଇଛନ୍ତି। ଓଡ଼ିଶାର ୨୧ ବର୍ଷୀୟ ସ୍ପ୍ରିଣ୍ଟର ଲାଲୁ ପ୍ରସାଦ ଭୋଇ ତାଙ୍କଠାରୁ ଅଭିଜ୍ଞ ଧାବକମାନଙ୍କୁ ପଛରେ ପକାଇ ମିଟ୍‌ର ଦ୍ରୁତତମ ଆଥଲେଟ ବିବେଚିତ ହୋଇଛନ୍ତି। ସେ ୧୦୦ମିଟର ରେସ୍‌କୁ ୧୦.୪୬ ସେକେଣ୍ଡ ଟାଇମିଂରେ ଜିତିଛନ୍ତି। ସେହିପରି ପୁରୁଷ ୧୧୦ ମିଟର ହର୍ଡଲ୍ସରେ ରେଲଓ୍ୱେର ଶିର୍‌ସେ (୧୪.୦୧)ଙ୍କୁ ପଛରେ ପକାଇ ରେଲଓ୍ୱେର ମାନବ ଆର୍ ୧୩.୮୬ ସେକେଣ୍ଡ ଟାଇମିଂରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଜଣ୍ଟି ରୋଡ୍ସଙ୍କ ଚାଞ୍ଚଲ୍ୟକର ବୟାନ

# ଆଧୁନିକ କ୍ରିକେଟର ଶ୍ରେଷ୍ଠ ଫିଲ୍ଡର ରବୀନ୍ଦ୍ର ଜାଡ଼େଜା

**ନୂଆଦିଲ୍ଲୀ, ୧।୯:** ନିଜର ଖେଳ ସମୟରେ ସମସ୍ତଙ୍କୁ ଫିଲ୍ଡିଂ ମାଧ୍ୟମରେ ଜଳକା କରିଥିବା ଜଣ୍ଟି ରୋଡ୍ସ ଏବେ ପ୍ରୋ କ୍ରିକେଟ ଲିଗ୍‌ର ବ୍ରାଣ୍ଡ ଆମ୍ବାସାଡାର। ଯେତେବେଳେ ବି କ୍ରିକେଟରେ ଫିଲ୍ଡିଂ କଥା ଆସେ ସେତେବେଳେ ସମସ୍ତେ ଜଣ୍ଟି ରୋଡ୍ସଙ୍କ ନାଁ ହିଁ ନିଅନ୍ତି। ଦୀର୍ଘ ଦିନ ହେଲା ରୋଡ୍ସ କ୍ରିକେଟରୁ ଅବସର ନେଇ ସାରିଛନ୍ତି। ହେଲେ ଏବେ ସେ ଆଧୁନିକ କ୍ରିକେଟର ସର୍ବଶ୍ରେଷ୍ଠ ଫିଲ୍ଡରଙ୍କ ନାଁ ଘୋଷଣା କରିଛନ୍ତି। ଆଧୁନିକ କ୍ରିକେଟରେ ସମସ୍ତେ ଫିଲ୍ଡିଂକୁ ଗୁରୁତ୍ୱ ଦେଉଛନ୍ତି। ଫିଲ୍ଡିଂର ସ୍ତର ମଧ୍ୟ ବଢ଼ିଛି। ସବୁ ଦଳ ସ୍ୱତନ୍ତ୍ର ଭାବେ ଫିଲ୍ଡିଂ କୋଚମାନଙ୍କୁ ବି ନିଯୁକ୍ତି କରୁଛନ୍ତି। ହେଲେ ମର୍ଡନ କ୍ରିକେଟର ସର୍ବଶ୍ରେଷ୍ଠ ଫିଲ୍ଡର ହେଉଛନ୍ତି ଟିମ ଇଣ୍ଡିଆର ରବୀନ୍ଦ୍ର ଜାଡେଜା ବୋଲି ରୋଡ୍ସ କହିଛନ୍ତି।

ଚଳିତ ବର୍ଷ ଜୁନ ମାସରେ ଭାରତ ବାର୍ବଡସରେ ଟି-୨୦ ବିଶ୍ୱକପ ଜିତିଥିଲା। ବିଶ୍ୱକପ ଜିତିବା ପରେ ଜଡେଜା, ବିରାଟ କୋହଲି ଓ ରୋହିତ ଶର୍ମା ଅନ୍ତର୍ଜାତୀୟ ଟି-୨୦ରୁ ଅବସର ନେଇଛନ୍ତି। ଟି-୨୦ ବିଶ୍ୱକପ ପରେ ବିରାଟ ଓ ରୋହିତ



ଶ୍ରୀଲଙ୍କା ବିପକ୍ଷ ଦିନିକିଆରେ ନଜର ଆସିଥିଲେ। ହେଲେ ଜାଡେଜାଙ୍କୁ ବିଶ୍ରାମ ଦିଆଯାଇଥିଲା। ସେ ଖୁବଶୀଘ୍ର ଦିନିକିଆ ଓ ଟେଷ୍ଟ ଟିମକୁ କମବ୍ୟାକ କରିବେ। ଜଣ୍ଟି ରୋଡ୍ସ କହିଛନ୍ତି, "ଦୁଇ ଜଣ ଖେଳାଳିଙ୍କ ଫିଲ୍ଡିଂ ମୋତେ ସବୁବେଳେ ପ୍ରଭାବିତ କରି ଆସିଛି। ଜଣେ ହେଲେ ସୁରେଶ ରାଇନା ଓ ଆଉ ଜଣେ ହେଲେ ରବୀନ୍ଦ୍ର ଜାଡେଜା। ଉଭୟ ଭାରତର ବେଷ୍ଟ ଫିଲ୍ଡର। କିନ୍ତୁ ମୁଁ ଯେତେବେଳେ ଆଧୁନିକ କ୍ରିକେଟର ଶ୍ରେଷ୍ଠ ଫିଲ୍ଡରଙ୍କ କଥା କହୁଛି ସେତେବେଳେ ଜଣଙ୍କ ନାଁ ଆସୁଛି। ଆଉ ସେ ହେଉଛନ୍ତି ନିଶ୍ଚିତ ଭାବେ ରବୀନ୍ଦ୍ର ଜାଡେଜା। ଆପଣମାନେ ତାଙ୍କୁ ସାର୍ ଜାଡେଜା ଭାବେ ଜାଣିଛନ୍ତି।"

ପ୍ରୋ କ୍ରିକେଟ ଲିଗ ଟ୍ରଫି ଓ ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ରୋଡ୍ସ ଏପରି ନିଜର ମତ ରଖିଛନ୍ତି। ସେ କହିଛନ୍ତି ଯେ "ମୁଁ ତାଙ୍କୁ(ଜାଡେଜା) କାହିଁକି ଶ୍ରେଷ୍ଠ ଫିଲ୍ଡର ମାନ୍ୟତା ଦେଲି? ଏହାର କାରଣ ହେଲା ସେ ଯେକୌଣସି ସ୍ଥାନରେ ଫିଲ୍ଡିଂ କରିବାକୁ ସକ୍ଷମ।

ଆପଣ ତାଙ୍କୁ ମିଡ ୱିକେଟ, ଲଗ ଅନ କିମ୍ବା ଶର୍ଟ କଭରରେ ଫିଲ୍ଡିଂ କରିବାକୁ କହିଲେ, ସେ ଜଲୱା ଦେଖାଇବାକୁ ସକ୍ଷମ। ସେ ଏତେ ଫାଷ୍ଟ ଯେ ତାଙ୍କ ପାଖକୁ ବଲ ଗଲେ ବ୍ୟାଟର ରନ ନେବାକୁ ଡରନ୍ତି। କ୍ୟାଚିଂ ଓ ଥ୍ରୋଇଂ ଅପେକ୍ଷା ଆପଣ କେତେ ଶୀଘ୍ର ବଲ ପାଖକୁ ଯାଉଛନ୍ତି, ତାହା ଗୁରୁତ୍ୱପୂର୍ଣ୍ଣ। ଏହି କ୍ଷେତ୍ରରେ ଜାଡେଜା ହେଉଛନ୍ତି ଶ୍ରେଷ୍ଠ।"



# ଚତୁର୍ଥ ରାଉଣ୍ଡରେ ମେଦଭେଦେଭ୍

**ନ୍ୟୁୟର୍କ, ୧।୯ (ଏଜେନ୍ସି):** ପୂର୍ବତନ ବିଜେତା ଡାନିଲ୍ ମେଦଭେଦେଭ୍ ଉଦୀୟମାନ ତାରକା ଫ୍ଲାଭିଆ କୋବୋଲିଙ୍କ ଉତ୍ସାହୀ ଆହ୍ୱାନକୁ ଅତିକ୍ରମ କରି କ୍ରମାଗତ ଷଷ୍ଠ ବର୍ଷ ୟୁଏସ୍ ଓପନ୍‌ର ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

ପଞ୍ଚମ ସିଡ୍ ରୁଷୀୟ ତୃତୀୟ ରାଉଣ୍ଡର ତୃତୀୟ ସେଟ୍‌ରେ ଦୁଇ ଥର ବ୍ରେକ୍ ପଏଣ୍ଟର ସମ୍ମୁଖୀନ ହେବା ସତ୍ତ୍ୱେ ୬-୩, ୬-୪, ୬-୩ରେ ବିଜୟୀ ହୋଇଥିଲେ। ଆର୍ଥର ଆଶେ ଷ୍ଟାଡିୟମ୍‌ରେ ଉପସ୍ଥିତ ବହୁ ଦର୍ଶକ ୩୧ତମ ସିଡ୍ କୋବୋଲିଙ୍କ ଉତ୍ସାହ ବଢ଼ାଉଥିଲେ। ଏହି ଯୁବ ଇଟାଲୀୟ ନିଜ ସାମର୍ଥ୍ୟର ପ୍ରଦର୍ଶନ କରିଥିଲେ ଏବଂ ଅଭିଜ୍ଞ ରୁଷୀୟଙ୍କୁ ତାଙ୍କ ସୀମା ପର୍ଯ୍ୟନ୍ତ ଠେଲି ଦେଇଥିଲେ। ତେବେ ମେଦଭେଦେଭ୍‌ଙ୍କ ଅସାମାନ୍ୟ ଆତ୍ମରକ୍ଷାତ୍ମକ ଦକ୍ଷତା ଓ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ

## ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍

ନିଜ ଖେଳକୁ ଉପରକୁ ଉଠାଇବାର ଅଭ୍ୟାସ ପ୍ରତିପକ୍ଷ କୋବୋଲିଙ୍କ ନିୟନ୍ତ୍ରଣ କରିବା ପାଇଁ ଯଥେଷ୍ଟ ଥିଲା। ଏହି ରୁଷୀୟଙ୍କ ବିଜୟ ୨୨ବର୍ଷୀୟ ଇଟାଲୀୟଙ୍କ ପ୍ରଥମ ଥର କୌଣସି ଗ୍ରାଣ୍ଡସ୍ଲାମ୍‌ର ଚତୁର୍ଥ ରାଉଣ୍ଡରେ ପହଞ୍ଚିବା ସ୍ୱପ୍ନକୁ ଧୂଳିସାତ୍ କରିଦେଇଥିଲା।

ମ୍ୟାଚ୍ ରେ ମେଦଭେଦେଭ୍ ଏହାକୁ ଏକ କଠିନ ମ୍ୟାଚ୍ ଭାବେ ଅଭିହିତ କରିଥିଲେ, ଯିଏକି ପରବର୍ତ୍ତୀ ରାଉଣ୍ଡରେ ପର୍ତ୍ତୁଗାଲ୍‌ର ନୁନୋ ବୋର୍ଗେସ୍‌ଙ୍କୁ ଭେଟିବେ। ରୁଷୀୟ ତାରକା କେବଳ ଥରେ ଚଳିତ ବର୍ଷ ଅଷ୍ଟ୍ରେଲିଆନ୍ ଓପନ୍‌ରେ ବୁର୍ଗେସ୍‌ଙ୍କୁ ଭେଟିଛନ୍ତି, ଯେଉଁଥିରେ ମେଦଭେଦେଭ୍ ବିଜୟୀ ହୋଇଥିଲେ। ପର୍ତ୍ତୁଗୀଜ୍ ତୃତୀୟ ରାଉଣ୍ଡରେ ଜାକୁବ୍ ମେନ୍‌ସିକ୍‌ଙ୍କୁ ହରାଇବା ପଥରେ ତିନି ମ୍ୟାଚ୍ ପଏଣ୍ଟ ବଞ୍ଚାଇଥିଲେ।

ମେଦଭେଦେଭ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକରେ ଏକମାତ୍ର ପୂର୍ବତନ ମୁକୁଟଧାରୀ ଭାବେ ତିଷ୍ଠି ରହିଛନ୍ତି, ଯିଏକି ୨୦୨୧ରେ ବିଜେତା ହୋଇଥିଲେ। ଦୁଇ ବଡ଼ ଖେଳାଳି - ନୋଭାକ୍ ଜୋକୋଭିଚ୍ ଓ କାର୍ଲୋସ ଅଲ୍‌କାରାଜ୍ ପ୍ରତିଯୋଗିତାରୁ ବିଦାୟ ନେଇସାରିଛନ୍ତି। ୨୦୨୧ ଫାଇନାଲ୍‌ରେ ମେଦଭେଦେଭ୍ ସର୍ବୀୟ ଭେଟେରାନ୍ ଜୋକୋଭିଚ୍‌ଙ୍କୁ ମାତ୍ ଦେଇ ତାଙ୍କୁ କ୍ୟାରିଅର୍ ଗ୍ରାଣ୍ଡସ୍ଲାମ୍‌ରୁ ବଞ୍ଚିତ କରିଥିଲେ। ଚଳିତ ବର୍ଷ ଅଷ୍ଟ୍ରେଲିଆନ୍ ଓପନ୍‌ର ଫାଇନାଲ୍‌ରେ ହାରିବା ଓ ୱିମ୍ବଲଡନ୍‌ର ସେମିଫାଇନାଲ୍‌ରେ ସ୍ଥାନ ପାଇବା ସତ୍ତ୍ୱେ ସେ ୨୦୨୨ ମେ'ରେ ରୋମ୍ ଠାରେ ଖେଳାଯାଇଥିବା ଏଟିପି ମାଷ୍ଟର୍ସ ୧୦୦୦ ଠାରୁ ଆଉ ମୁକୁଟ ଜିତିପାରି ନାହାଁନ୍ତି। ୟୁଏସ୍ ଓପନ୍‌ରେ ତାଙ୍କ ପାଖରେ ସୁଯୋଗ ଅଛି।

### ସ୍ୱିଆଟେକ୍‌ଙ୍କ ସହଜ ବିଜୟ

ବିଶ୍ୱର ଏକ ନମ୍ବର ଖେଳାଳି ଇଗା ସ୍ୱିଆଟେକ୍ ୟୁଏସ୍ ଓପନ୍‌ର ମହିଳା ଏକକରେ ୨୭ତମ ସିଡ୍ ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ସହଜରେ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୦୨୨ ବିଜୟିନୀ ସ୍ୱିଆଟେକ୍ ତୃତୀୟ ରାଉଣ୍ଡ ମୁକାବିଲାରେ ପୂର୍ବତନ ଫ୍ରେଞ୍ଚ୍ ଓପନ୍ ଉପ-ବିଜୟିନୀ ପାଭଲ୍ୟୁଚେଙ୍କୋଭାଙ୍କୁ ୬-୪, ୬-୨ରେ ମାତ୍ ଦେଇଥିଲେ।

# ଯୁବରାଜଙ୍କ ଭଳି ୬ ବଲରେ ୬ ଛକା ମାରିଲେ ପ୍ରିୟାଂଶ



**ମୁମ୍ବାଇ, ୧।୯:** ଟିମ ଇଣ୍ଡିଆର ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂହ ଭଳି ଚମକିଛନ୍ତି ଆଉ ଜଣେ ଯୁବ ଭାରତୀୟ। ସେ ମଧ୍ୟ ଯୁବରାଜଙ୍କ ଭଳି ୬ ବଲରେ ମାରିଛନ୍ତି ୬ ଛକା। କେବଳ ସେ ୬ ବଲରେ ୬ ଛକା ମାରି ନାହାନ୍ତି, ବରଂ ଶତକ ମଧ୍ୟ ହାସଲ କରିଛନ୍ତି। ଯୁବ ଭାରତୀୟ ଷ୍ଟାର ଜଣଙ୍କ ହେଲେ ପ୍ରିୟାଂଶ ଆର୍ଯ୍ୟ। ସେ ୬ ବଲରେ ଛକା ମାରିବା ବେଳର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ବର୍ତ୍ତମାନ ଦିଲ୍ଲୀ ପ୍ରିମିୟର ଟି-୨୦ ଲିଗ ଚାଲିଛି। ଏହି ଲିଗରେ ଯୁବ ଭାରତୀୟଙ୍କ ଜଲୱା ଦେଖିବାକୁ ମିଳୁଛି। କିନ୍ତୁ ଦକ୍ଷିଣ ଦିଲ୍ଲୀ ସୁପରଷ୍ଟାରଜ ଓ ଉତ୍ତର ଦିଲ୍ଲୀ ଷ୍ଟ୍ରାଇକର୍ସ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ଅନେକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି। ଦକ୍ଷିଣ ଦିଲ୍ଲୀ ୨୦ ଓଭରରେ ୫ ୱିକେଟ ହରାଇ ବିଶାଳ ୩୦୮ ରନ କରିଥିଲା। ଏହା ଟି-୨୦ କ୍ରିକେଟରେ ସର୍ବୋଚ୍ଚ ଦଳଗତ ସ୍କୋର। କିନ୍ତୁ ଏହା ରେକର୍ଡ ବୁକକୁ ଯିବ କି ନାହିଁ, ସେକଥା ଜଣାନାହିଁ। ଆଜି ଯାଏ ଟି-୨୦ରେ ସର୍ବୋଚ୍ଚ ଦଳ ଗତ ସ୍କୋର ହେଉଛି ୨୮୭/୩। ୨୦୨୪ ଆଇପିଏଲରେ ଆରସିବି ବିପକ୍ଷରେ ହାଇଦ୍ରାବାଦ ଏପରି ସ୍କୋର କରିଥିଲା। ଟି-୨୦ ଅନ୍ତର୍ଜାତୀୟରେ ସର୍ବୋଚ୍ଚ ସ୍କୋର ନେପାଳ ନାଁରେ ରହିଛି। ଦଳ ମଙ୍ଗୋଲିଆ ବିପକ୍ଷରେ ୩ ୱିକେଟ ହରାଇ ୩୧୪ ରନ କରିଥିଲା।

ମ୍ୟାଚ୍ କଥା ବିଚାରକୁ ନେଲେ ଦିଲ୍ଲୀ ସୁପର ଲିଗରେ ଉକ୍ତ ମ୍ୟାଚ୍‌ରେ କେବଳ ଚୌକା ଓ ଛକା ବର୍ଷା ଦେଖିବାକୁ ମିଳିଛି। ୬ ଛକା ମାରିଥିବା ପ୍ରିୟାଂଶ ଆର୍ଯ୍ୟ ୫୦ ବଲରେ ଅପରାଜିତ ୧୨୦ ରନର ଇନିଂସ ଖେଳିଛନ୍ତି। ସେହିପରି ଆଇପିଏଲରେ ଲକ୍ଷ୍ନୌ ପାଇଁ ଖେଳୁଥିବା ଆୟୁଷ ବଦୋନି ୫୫ ବଲରେ ଅପରାଜିତ ୧୬୫ ରନ କରିଛନ୍ତି। ୧୨ ତମ ଓଭରରେ ବାମହାତୀ ବ୍ୟାଟର ପ୍ରିୟାଂଶ ଉତ୍ତର ଦିଲ୍ଲୀର ଜଣେ ବାମହାତୀ ସ୍ପିନରଙ୍କୁ ୬ ବଲରେ ୬ ଛକା ମାରି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ଏହାପରେ ମ୍ୟାଚ୍‌ର ୧୫ତମ ଓଭରରେ ସେ ଟୁର୍ଣ୍ଣାମେଣ୍ଟରେ ନିଜର ଦ୍ୱିତୀୟ ଶତକ ହାସଲ କରିଥିଲେ।

ଘରୋଇ ଟି-୨୦ରେ ପ୍ରିୟାଂଶଙ୍କ ପୂର୍ବରୁ ୨୦୧୭ରେ ରସ୍ ହ୍ୱାଟଲେ, ୨୦୧୮ରେ ହଜରତତୁଲ୍ଲା ଜଜାଇ ଓ ୨୦୨୦ରେ ଲିଓ କାର୍ଟର ଏପରି ୬ ବଲରେ ୬ ଛକା ମାରିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ଯୁବରାଜ ସିଂହ, କାଏରନ ପୋଲାର୍ଡ ଓ ଦିପେନ୍ଦର ସିଂହ ଅଇରୀ(ଦୁଇ ଥର) ଏପରି ରେକର୍ଡ କରିଛନ୍ତି। ପ୍ରିୟାଂଶ ମାତ୍ର ୫୦ ବଲରେ ୧୦ଟି ଚୌକା ଓ ୧୦ଟି ଛକା ବଳରେ ୧୨୦ ରନର ଇନିଂସ ଖେଳିଛନ୍ତି। ସେହିପରି ଆୟୁଷ ବଦୋନି ଟି-୨୦ରେ ନିଜର ପ୍ରଥମ ଶତକ ସହ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିପାରିଛନ୍ତି। ସେ ୫୫ ବଲରେ ୮ଟି ଚୌକା ଓ ୧୯ଟି ଛକା ବଳରେ ୧୬୫ ରନ କରିଛନ୍ତି।

ଏହି ଦୁଇ ବ୍ୟାଟରଙ୍କ ବିସ୍ଫୋରଣ ଯୋଗୁ ଦକ୍ଷିଣ ଦିଲ୍ଲୀ ୨୦ ଓଭରରେ ୫ ୱିକେଟ ହରାଇ ୩୦୮ ରନ କରିଥିଲା। ଟି-୨୦ରେ ଦ୍ୱିତୀୟ ଥର ପାଇଁ କୌଣସି ଟିମ ୩୦୦ରୁ ଅଧିକ ରନ କରିପାରିଛି। ପ୍ରିୟାଂଶ ଓ ବଦୋନି ମଧ୍ୟ ୧୦୩ ବଲରେ ୨୮୬ ରନର ଭାଗିଦାରୀ କରିଛନ୍ତି। ଏହା ମଧ୍ୟ ଟି-୨୦ରେ ସର୍ବାଧିକ ଭାଗିଦାରୀ।



ମେୟରଙ୍କ ବ୍ଲଡ଼ପ୍ରେସର ମାପିଲେ ନଗର ଉନ୍ନୟନ ମନ୍ତ୍ରୀ ଡ଼ାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର

# ଜେଲ୍‌ରେ ହାଇଦର ପୁଅର ଦାଦାଗିରି

## ବିଚାରଧୀନ କଏଦୀକୁ କଲା ଆକ୍ରମଣ

**ଭୁବନେଶ୍ୱର, ୧୧୯ (ସଞ୍ଚାର ବ୍ୟୁରୋ):** ଝାରପଡ଼ା ଜେଲରେ ବିଚାରାଧୀନ କଏଦୀ ସୌମ୍ୟକାନ୍ତ ମହାନ୍ତିଙ୍କୁ ଆକ୍ରମଣ ହୋଇଛି। ଆଉ ଆକ୍ରମଣ କରିଛନ୍ତି ଗ୍ୟାଙ୍ଗଷ୍ଟର ହାଇଦାରର ପୁଅ ମୁନ୍ନା ଓ ତାଙ୍କ ଗ୍ୟାଙ୍ଗ ଆକ୍ରମଣ କରିଥିବା ସୌମ୍ୟ ଅଭିଯୋଗ କରିଛନ୍ତି! ଯେଉଁଥିପାଇଁ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ଚିହ୍ନ ହୋଇଛି। ତାଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ଆକ୍ରୋଶମୂଳକ ଭାବ ମୁନ୍ନା ଆକ୍ରମଣ କରାଇଥିବା ଅଭିଯୋଗ ହୋଇଛି। ଝାରପଡ଼ା ଜେଲରେ ବିଚାରାଧୀନ କଏଦୀ ଭାବେ ଅଛନ୍ତି ସୌମ୍ୟକାନ୍ତ ମହାନ୍ତି। ସେ କିଛି ଦିନ ତଳେ ଭୁବନେଶ୍ୱର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କୁ ଚିଠି ଲେଖିଥିଲେ। ଆଉ ସେହି ଚିଠିରେ ଜେଲ୍ ଭିତରେ ଚାଲିଥିବା ଗୁଡାଏ ଅକୁହା କଥା ଲେଖିଥିଲେ। ଯେଉଁଥିରେ ଲେଖା ରହିଥିଲା ଯେ ଜେଲ୍ ଭିତରେ ଗଞ୍ଜେଇ ଭର୍ତ୍ତି ବିଡି ଗୋଟା ୨୦୦ ଟଙ୍କାରେ ବିକ୍ରି ହେଉଛି। ଏହାଛଡ଼ା ଉନ୍ନତ ଧରଣର ରହିବା ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ୫୦୦୦୦ ଟଙ୍କା, ଟେଲିଫୋନ୍ ପାଇଁ ୫୦୦୦ ଟଙ୍କା, ମୁଲାକାତ ପାଇଁ ମାସକୁ ୧୦ ହଜାର, ରୁମ୍‌ରେ କୁଲର ଓ ଭଲ ଖାଇବା ପାଇଁ ଅତିରିକ୍ତ ଚାର୍ଜ ଦେବାକୁ ପଡୁଥିବା ନେଇ ଶ୍ରୀ ମହାନ୍ତି ଚିଠିରେ ଲେଖିଛନ୍ତି। ଚିଠି ମିଳିବା ପରେ ଶନିବାର ଆଇନ ସେବା ପ୍ରାଧିକରଣ ଅଚାନକ ଜେଲ୍‌ରେ ଚଢ଼ଉ କରିଥିଲେ। ଆଉ ଚଢ଼ଉ ସମୟରେ ମୋବାଇଲ ଓ ନିଶା ଦ୍ରବ୍ୟ ଜବତ କରିଥିଲେ। ସମସ୍ତ ସାମଗ୍ରୀ ଲକ୍ଷ୍ମୀସାଗର ଥାନା ଜିମା ଦେଇଥିଲେ। ଆଇନସେବା ପ୍ରାଧିକରଣ ଚଢ଼ଉର ଗୋଟିଏ ଦିନ ପରେ ଅର୍ଥାତ ଆଜି ସୌମ୍ୟକାନ୍ତଙ୍କ ଉପରେ ଆକ୍ରମଣ ହୋଇଛି। ଜେଲ୍‌ରେ ଥିବା ଗ୍ୟାଙ୍ଗଷ୍ଟର ହାଇଦରର ପୁଅ ମୁନା ଓ ତାଙ୍କ ସହଯୋଗୀମାନେ




ସୌମ୍ୟକାନ୍ତଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣ ନେଇ ସୌମ୍ୟ ନିଜେ ଅଭିଯୋଗ କରିଛନ୍ତି। ଯାହାଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ତେବେ ଏଠି ପ୍ରଶ୍ନ ଉଠୁଛି ସୌମ୍ୟକାନ୍ତ ଲେଖିଥିବା ଚିଠି ସମ୍ପର୍କରେ ମୁନା ପାଖରେ କେମିତି ଖବର ପହଞ୍ଚିଲା? ଏଥିରେ ଜେଲ୍ କର୍ତ୍ତୃପକ୍ଷଙ୍କର ହାତ ନାହିଁ ତ? ଏହାକୁ ନେଇ ନାନା କଳ୍ପନା ଜଳ୍ପନା ଲାଗି ରହିଛି।

# ରେଳ ଯାତ୍ରାରେ ଆରମ୍ଭ ହେଲା ନୂଆ ଅଧ୍ୟାୟ




**ନୂଆଦିଲ୍ଲୀ, ୧୮:** ବହୁ ପ୍ରତୀକ୍ଷିତ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ବନ୍ଦେ ଭାରତ ବର୍ବର ଏକ ସମ୍ପ୍ରସାରଣ । ଏହି ଉନ୍ନତ ମାନର ର ଟ୍ରେନ ଆମର ରେଳ ଯାତ୍ରାକୁ ଆମେ କଳ୍ପନା କରିଥିବା ଶୈଳୀର ଯାତ୍ରା ଅନୁଭବ ଆଣିଦେବ।

ଭାରତରେ ପ୍ରଥମ ଥର ପାଇଁ ନିର୍ମିତ ଏହି ଟ୍ରେନ୍ ସେଟ୍ କୁ ସୁନ୍ଦର ଆକର୍ଷଣ ସହ କାର୍ଯ୍ୟକ୍ଷମ ଉତ୍କର୍ଷତା ସହ ପ୍ରସ୍ତୁତ କରାଯାଇଛି। ଟ୍ରେନ୍ ସେଟ୍ ରେ ବ୍ୟବହୃତ ସମସ୍ତ ସାମଗ୍ରୀ ଏବଂ ଯନ୍ତ୍ରାଂଶ ସର୍ବୋଚ୍ଚ ଅଗ୍ନି ନିରାପତ୍ତା ମାନଦଣ୍ଡ ଅନୁସରଣ କରି ନିର୍ମାଣ କରା ଯାଇଛି। ବିଶ୍ୱସ୍ତରୀୟ ସୁବିଧା ଏବଂ ଉନ୍ନତ ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ନିର୍ମିତ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଭାରତର ରେଳ ସାମର୍ଥ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି, ଯାହା ୟୁରୋପୀୟ ମାନଦଣ୍ଡ ସହିତ ସମାନ ଯାତ୍ରୀ ଅନୁଭୂତି ପ୍ରଦାନ କରୁଛି । ଭାରତରେ ଦୂରଗାମୀ ରେଳ ଯାତ୍ରାରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ପ୍ରସ୍ତୁତ ଏହି ଟ୍ରେନ ଆରାମ, ନିରାପତ୍ତା ଏବଂ ଦକ୍ଷତା ପାଇଁ ନୂତନ ମାନଦଣ୍ଡ ପୂରଣ କରୁଛି । ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ରେ ଅନେକ ବିଶ୍ୱସ୍ତରୀୟ ବୈଶିଷ୍ଟ୍ୟ ରହିଛି,

# ସୁନ୍ଦରୀ ବିକୁଛି ଧଳାଜହର



**ଭୁବନେଶ୍ୱର, ୧୮ (ସଂଚାର ବ୍ୟୁରୋ):** ପ୍ରେମିକା ସହ ମିଶି କଲେଜରେ ବ୍ରାଉନ୍‌ସୁଗର କାରବାର କରୁଥିଲେ ବି-ଟେକ ଛାତ୍ର। ନିଜେ ବ୍ରାଉନ୍‌ସୁଗର ଖାଇବା ସହିତ ସାଙ୍ଗ ଓ ସହପାଠୀଙ୍କୁ ବିକ୍ରି କରୁଥିଲେ। ଭଲ ରୋଜଗାର ମଧ୍ୟ କରୁଥିଲେ। ସେହି ଅର୍ଥରେ ଅଏସ୍ କରୁଥିଲେ ପ୍ରେମିକ ଓ ପ୍ରେମିକା! ମୌଜ ମଜଲିସ୍ କରୁଥିଲେ। ଆଜି ଏପରି ଏକ ଗ୍ୟାଙ୍ଗକୁ ଧରିଛି ଭୁବନେଶ୍ୱର ଅବକାରୀ ବିଭାଗ। ପ୍ରେମିକ ଓ ପ୍ରେମିକାଙ୍କ ସହ ୩ ଜଣଙ୍କୁ ମାଡ଼ି ବସିଛି। ସେମାନଙ୍କଠାରୁ ୨୭୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଛି। ସୁଭ୍ରଜ୍ୟୋତି ହେଉଛନ୍ତି ଭୁବନେଶ୍ୱରରେ ଏକ ଘରୋଇ କଲେଜରେ ବିଟେକ୍ ଛାତ୍ର। ତାଙ୍କର ପ୍ରେମିକା ହେଉଛନ୍ତି ରୀମା(ଛଦ୍ମନାମ)। ଆଉ ତାଙ୍କ ବନ୍ଧୁ ହେଉଛନ୍ତି ରାହୁଲ୍ ନାୟକ। ଏମାନେ ପାଠ କମ୍ ପଢ଼ନ୍ତୁ, କିନ୍ତୁ ନିଶା କାରବାର ବେଶୀ କରନ୍ତି। କହିବାକୁ ଗଲେ ବ୍ରାଉନ୍‌ସୁଗର କାରବାର କରିବା ସୁଭ୍ରଜ୍ୟୋତି ପେଶା। ପାଠ ପଢ଼ିବା ବାହାନାରେ ସୁଭ୍ରଜ୍ୟୋତି, ତାଙ୍କ ପ୍ରେମିକା ରୀମା ଓ ବନ୍ଧୁ ରାହୁଲ୍ କଲେଜରେ ବ୍ରାଉନ୍‌ସୁଗର କାରବାର କରନ୍ତି। ନିଜେ ବ୍ରାଉନ୍‌ସୁଗର ଖାଇବା ସହିତ କଲେଜରେ ପଢୁଥିବା ନିଜ ସହପାଠୀଙ୍କୁ ଖାଇବାକୁ ଦେଉଥିଲେ। ଆଉ ଅଭ୍ୟାସରେ ପଡ଼ିବା ପରେ ଛାତ୍ରଛାତ୍ରୀଙ୍କୁ ବ୍ରାଉନ୍‌ସୁଗର ବିକି ଭଲ ରୋଜଗାର ମଧ୍ୟ କରୁଥିଲେ। ଏମାନେ ଦୀର୍ଘ ଦିନ ଧରି ଏହି କାରବାର କରି ଆସୁଥିଲେ। ଆଜି ସକାଳେ ସୁଭ୍ରଜ୍ୟୋତି, ତାଙ୍କ ପ୍ରେମିକା ରୀମା ଓ ବନ୍ଧୁ ରାହୁଲ୍ ବ୍ରାଉନ୍‌ସୁଗର କିଣି ଏକ କାର୍‌ରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ହେଲେ ଖୋର୍ଦ୍ଧା ସୀମାରେ ଭୁବନେଶ୍ୱର ଅବକାରୀ ବିଭାଗ ଗାଡ଼ି ଯାଞ୍ଚ କରୁଥିବା ଦେଖି ସୁଭ୍ରଜ୍ୟୋତି ଦ୍ରୁତ ଗତିରେ କାର୍ ଚଳାଇ ପଳାଇ ଯାଇଥିଲେ। ତେଣୁ ଅବକାରୀ ବିଭାଗର କର୍ମଚାରୀମାନେ ସନ୍ଦେହ କରିଥିଲେ। ସୁଭ୍ରଜ୍ୟୋତିଙ୍କ କାର୍‌କୁ ପିଛା କରିଥିଲେ। ଦୀର୍ଘ ସମୟ ଗୋଡ଼ା ଗୋଡ଼ି ହୋଇଥିଲେ। ସୁଭ୍ରଜ୍ୟୋତି କ୍ୟାପିଟାଲ୍ ହସ୍ପିଟାଲ୍ ଛକ ଦେଇ କେଦାରପଲ୍ଲୀ ବସ୍ତି ଭିତରେ ପଶି ଯାଇଥିଲେ। ହେଲେ ସେଠାରୁ ଆଗକୁ ଯିବା ପାଇଁ ବାଟ ପାଇନଥିଲେ। ଅବକାରୀ ବିଭାଗ ସୁଭ୍ରଜ୍ୟୋତି, ତାଙ୍କ ପ୍ରେମିକା ରୀମା ଓ ବନ୍ଧୁ ରାହୁଲ୍‌ଙ୍କୁ ଧରି କାର୍ ଯାଞ୍ଚ କରିଥିଲେ। ଆଉ ସେହି କାର୍‌ରୁ ୨୭୫ ଗ୍ରାମ ବ୍ରାଉନ୍‌ସୁଗର ଜବତ ମିଳିଥିଲା। ଏଥିସହ ବ୍ରାଉନ୍‌ସୁଗର ଟାଣିବାରେ ବ୍ୟବହୃତ ହେଉଥିବା ସାମଗ୍ରୀ ଓ ଗୁଟ୍‌ଖା ମିଳିଥିଲା। ଅବକାରୀ ବିଭାଗ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ବ୍ରାଉନ୍‌ସୁଗର ଓ କାର୍ ଜବତ କରିଛି। ଏହି କାରବାରରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି, ତାହା ଉପରେ ଅବକାରୀ ବିଭାଗ ଖୋଳତାଡ କରୁଛି। ଗିରଫ ୩ ଅଭିଯୁକ୍ତ ଶିକ୍ଷିତ ଓ ବ୍ରାଉନ୍‌ସୁଗର କାରବାର କରୁଥିବା ଅବକାରୀ ବିଭାଗ କହିଛି। ହେଲେ ବ୍ରାଉନ୍‌ସୁଗର କାରବାରକୁ ଖଣ୍ଡନ କରିଛନ୍ତି ସୁଭ୍ରଜ୍ୟୋତି ଓ ତାଙ୍କ ପ୍ରେମିକା। ସୁଭ୍ରଜ୍ୟୋତି କହିଛନ୍ତି, ସେ ୪ ବର୍ଷ ହେଲା ବ୍ରାଉନ୍‌ସୁଗର ଖାଉଛନ୍ତି। କିନ୍ତୁ ବେପାର କରନ୍ତିନି। ଆସନ୍ତା ୪ ତାରିଖରେ ଜନ୍ମଦିନ ଥିଲା। ଜନ୍ମଦିନ ସେଲିବ୍ରେସନ୍ ପାଇଁ ବ୍ରାଉନ୍‌ସୁଗର ଆଣିଥିଲେ। ଏଥିରେ ୧୦୦ରୁ ଅଧିକ ପିଲା ଆସିବାର ଥିଲା। ସବୁ ପିଲା ବ୍ରାଉନ୍‌ସୁଗର ଖାଇବେ ବୋଲି କହିଥିଲେ। ତେଣୁ ଆଜି ବ୍ରାଉନ୍‌ସୁଗର ଧରି ଆସୁଥିଲି ବୋଲି ସୁଭ୍ରଜ୍ୟୋତି କହିଛନ୍ତି। ସବୁଠାରୁ ମଜାଦାର କଥା ହେଉଛି, ଝିଅମାନେ ବ୍ରାଉନ୍‌ସୁଗର ଖାଆନ୍ତି କି ପ୍ରଶ୍ନରେ ସୁଭ୍ରଜ୍ୟୋତି କହିଛନ୍ତି, ଆଜିର ଦୁନିଆରେ କେଉଁ ଝିଅ ବ୍ରାଉନ୍‌ସୁଗର ଖାଉନି? ଭୁବନେଶ୍ୱରରେ ଅଧିକାଂଶ ଝିଅ ବ୍ରାଉନ୍‌ସୁଗର ଖାଉଛନ୍ତି ବୋଲି ସୁଭ୍ରଜ୍ୟୋତି କହିଛନ୍ତି। ଅନ୍ୟପକ୍ଷରେ ତାଙ୍କ ପ୍ରେମିକା କହିଛନ୍ତି, ମୁଁ ବ୍ରାଉନ୍‌ସୁଗର ବେପାର କରେନାହିଁ କି ଖାଏ ନାହିଁ। ସୁଭ୍ରଜ୍ୟୋତି ଡାକିଲା ବୋଲି ତା' କାରରେ ଯାଇଥିଲି। ହେଲେ ସେ ବ୍ରାଉନ୍‌ସୁଗର କାରବାର କରେ ବୋଲି ମୁଁ ଜାଣିନି ବୋଲି କହିଛନ୍ତି।

# ନ୍ୟାୟ ବ୍ୟବସ୍ଥାରେ ଦିବ୍ୟାଙ୍ଗ ଶିଶୁଙ୍କୁ ସାମିଲ କରିବାକୁ ଗୁରୁତ୍ୱ

**କଟକ:୧୮(ସଂଚାର ବ୍ୟୁରୋ):** ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ କିଶୋର ନ୍ୟାୟ ବ୍ୟବସ୍ଥାରେ ଦିବ୍ୟାଙ୍ଗ ଶିଶୁମାନଙ୍କୁ ଅଧିକ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ସମସ୍ତ ଅଂଶୀଦାରମାନଙ୍କୁ ଅନୁରୋଧ କରିଛନ୍ତି। କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ଦିବ୍ୟାଙ୍ଗ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ ନବମ ବାର୍ଷିକ ଅଂଶୀଦାର ପରାମର୍ଶ ଆଲୋଚନାଚକ୍ରରେ ଭର୍ଚୁଆଲ ଭାବେ ଯୋଗଦେଇ ମୁଖ୍ୟ ବିଚାରପତି ଏପରି ଶିଶୁମାନଙ୍କର ଅନନ୍ୟ ଆବଶ୍ୟକତା ଓ ଆହ୍ୱାନର ମୁକାବିଲା ଉପରେ ଗୁରୁତ୍ୱାରୋପ କରିଥିଲେ ।




ସେ କହିଛନ୍ତି ଆମକୁ ସ୍ୱୀକାର କରିବାକୁ ହେବ ଯେ ଦିବ୍ୟାଙ୍ଗ ଶିଶୁମାନେ କେତେକ ସ୍ୱତନ୍ତ୍ର ସମସ୍ୟା ଏବଂ ଦୁର୍ବଳତାର ସମ୍ମୁଖୀନ ହୁଅନ୍ତି ଯେଉଁଥିପାଇଁ ବିଶେଷ ଧ୍ୟାନ ଏବଂ ଯତ୍ନ ଆବଶ୍ୟକ । ଦିବ୍ୟାଙ୍ଗ ଶିଶୁଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂପୃକ୍ତ ଆଇନର ଧାରାଗୁଡ଼ିକର ପ୍ରଭାବଶାଳୀ ରୂପାୟନ ପାଇଁ ଏକ ବ୍ୟାପକ ଆଭିମୁଖ୍ୟ ଗ୍ରହଣ କରାଯିବା ଆବଶ୍ୟକ ।

"ଆମେ ଏକ ନ୍ୟାୟସମ୍ପନ୍ନ ଓ ସମାନ ସମାଜ ଦିଗରେ କାର୍ଯ୍ୟ କରୁଥିବା ବେଳେ ଆସନ୍ତୁ ସମସ୍ତ ଶିଶୁ, ବିଶେଷ କରି ଦିବ୍ୟାଙ୍ଗ ଶିଶୁମାନଙ୍କ ଅଧିକାର କୁ ବଜାୟ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା" ସେ କହିଛନ୍ତି । ଏହି ଅବସରରେ ଅଂଶଗ୍ରହଣକାରୀମାନେ କିଶୋର ନ୍ୟାୟ ଅଧିନିୟମ- ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ପିଲା ଓ ଆଇନ ବିରୋଧୀ କାର୍ଯ୍ୟ କରୁଥିବା ପିଲା ଦ୍ୱାରା ନିର୍ଧାରିତ ଆଇନଗତ ବର୍ଗରେ ଆସୁଥିବା ଦିବ୍ୟାଙ୍ଗ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜୁଭେନାଇଲ ଜଷ୍ଟିସ୍ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଦେବବ୍ରତ ଦାଶ କହିଛନ୍ତି ଯେ କେବଳ ଦିବ୍ୟାଙ୍ଗମାନଙ୍କଠାରେ ସମସ୍ୟା ନାହିଁ, ବରଂ ଆମର ବର୍ତ୍ତମାନର ବ୍ୟବସ୍ଥାରେ ଦିବ୍ୟାଙ୍ଗମାନଙ୍କୁ ସମାନ ଚିକିତ୍ସା ଏବଂ ସୁଯୋଗ ପ୍ରଦାନ କରିବାରେ ମଧ୍ୟ କେତେକ ଅଭାବ ରହିଛି । ଆଜିର ଆଲୋଚନାର ଉଦ୍ଦେଶ୍ୟ ହେଉଛି ଏହି ଅଭାବଗୁଡ଼ିକୁ ଖୋଜି ବାହାର କରିବା ଏବଂ ସେଗୁଡ଼ିକୁ ପୂରଣ କରିବା, ଯାହାଦ୍ୱାରା ଆମର ଭବିଷ୍ୟତ ଉନ୍ନତ ହୋଇପାରିବ । ଅଗଷ୍ଟ ୨୦୨୨ରେ ୟୁନିସେଫ ପକ୍ଷରୁ ଭିନ୍ନକ୍ଷମ ଶିଶୁଙ୍କ ଉପରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ଅନୁଷ୍ଠାନଗୁଡ଼ିରେ ପ୍ରତି ତିନି ଜଣ ପିଲାଙ୍କ ମଧ୍ୟରୁ ଜଣେ ଦିବ୍ୟାଙ୍ଗ ଥାଆନ୍ତି। ମିସ ଜଷ୍ଟିସ ସାବିତ୍ରୀ ରଥ ଏବଂ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର,ଦିବ୍ୟାଙ୍ଗ ଶିଶୁମାନଙ୍କର ସମସ୍ୟା ଓ ଅଧିକାର ବିଷୟରେ ଆଲୋକପାତ କରିବା ସହିତ ସମାଜର ସମସ୍ତ ବର୍ଗର ବ୍ୟକ୍ତିମାନଙ୍କୁ ଆହ୍ୱାନ ଦେଇଥିଲେ ଯେ ଏକ ସମ୍ମିଳିତ ପ୍ରଚେଷ୍ଟା ଦ୍ୱାରା ଦିବ୍ୟାଙ୍ଗ ଶିଶୁମାନଙ୍କର ସମସ୍ତ ପ୍ରକାରର ସମସ୍ୟାର ସମାଧାନ ହୋଇପାରିବ ଏହି ଆଲୋଚନାରେ ହାଇକୋର୍ଟର ବିଚାରପତି, ଜୁଭେନାୟିଲ ଜଷ୍ଟିସ କମିଟି ସଦସ୍ୟ , ବରିଷ୍ଠ ଅଧିକାରୀ, ଆଇନ ବିଶେଷଜ୍ଞ, ବାଗରିକ ସମାଜ ସଂଗଠନ ସଦସ୍ୟ ଓ ଭିନ୍ନକ୍ଷମ ଅଧିକାର କର୍ମୀମାନେ ଯୋଗଦେଇ ଦିବ୍ୟାଙ୍ଗ ଶିଶୁମାନଙ୍କ ସୁରକ୍ଷା ପାଇଁ ରଣକୌଶଳ ସଂପର୍କର ଆଲୋଚନା କରିଥିଲେ ।

# ବିଇଓଙ୍କୁ ବାନ୍ଧିଲା ଭିଜିଲାନ୍ସ



**ଭୁବନେଶ୍ୱର, ୧୮ (ସଂଚାର ବ୍ୟୁରୋ):** ବିଇଓଙ୍କୁ ବାନ୍ଧିଲା ଭିଜିଲାନ୍ସ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଛତ୍ରପୁର ବିଇଓ ସୀତାରାମ ପାତ୍ରଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ବିଇଓ ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଗତକାଲି ବିଇଓଙ୍କର ଗଞ୍ଜାମ ଜିଲ୍ଲାର ଛତ୍ରପୁର ସରକାରୀ କାର୍ଯ୍ୟାଳୟ, ବ୍ରହ୍ମପୁର ସହରର ରାମ କୃଷ୍ଣନଗରରେ ଥିବା ଘର ସମେତ ୩ଟି ସ୍ଥାନ ଓ ପୋଲସରାର ୨ଟି ସ୍ଥାନରେ ଏକାକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବିଇଓଙ୍କର ୩ଟି ବହୁତଳ କୋଠା ଠାବ କରିଥିଲେ ଭିଜିଲାନ୍ସ ଅଧିକାରୀ। ଏଥିସହ ବିଇଓଙ୍କ ଘରୁ ନଗଦ ୬.୫ ଲକ୍ଷ ଟଙ୍କା ସହ ବ୍ୟାଙ୍କ ଜମା ୩୫.୬୧ ଲକ୍ଷ ଟଙ୍କା ଓ ଗୋଟିଏ କାର୍ ଠାବ କରାଯାଇଥିଲା। ସେହିପରି ଚଢ଼ାଉ ବେଳେ ସୁନା, ରୁପା ଗିନା,ଚାମଚ, ଦାମୀ ଘଣ୍ଟା ଜବତ କରାଯାଇଥିବା ସୂଚନା ରହିଛି।

# ଅନୁଶାସନ ଭଙ୍ଗିଲେ କାର୍ଯ୍ୟାନୁଷ୍ଠାନ ହେବ

**ଭୁବନେଶ୍ୱର, ୧୮ (ସଂଚାର ବ୍ୟୁରୋ):** ନିର୍ବାଚନ ଏବଂ ନିର୍ବାଚନ ପରବର୍ତ୍ତୀ ସମୟରେ ଦଳୀୟ ଅନୁଶାସନ ଭଙ୍ଗ ଓ ବିଶୃଙ୍ଖଳା ସୃଷ୍ଟି ପ୍ରସଙ୍ଗରେ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ଶୃଙ୍ଖଳା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱର ସବୁଠୁ ବଡ ରାଜନୈତିକ ଦଳର ସଦସ୍ୟ ଭାବେ ନିଜ ଆଚରଣ ଓ ଉଚାରଣକୁ ସଠିକ ରଖିବା ପାଇଁ ରାଜ୍ୟ ସଭାପତି ଶ୍ରୀ ସାମଲ ଏବଂ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମହାନ୍ତି ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି । ଦଳୀୟ ଅନୁଶାସନ ଭଙ୍ଗ ଓ ବିଶୃଙ୍ଖଳା ସୃଷ୍ଟି ପ୍ରସଙ୍ଗରେ ହସ୍ତଗତ ହୋଇଥିବା ସମସ୍ତ ଅଭିଯୋଗକୁ ବିଚାର କରାଯାଇ ବିହୀତ ପଦକ୍ଷେପ ନେବା ପାଇଁ ଆଜିର ବୈଠକରେ ନିଷ୍ପତି ନିଆଯାଇଛି । କମିଟିର ଅଧ୍ୟକ୍ଷ ସାଂସଦ ଶ୍ରୀ ପ୍ରତାପ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ ମହାନ୍ତି, କମିଟିର ସଦସ୍ୟ ତଥା ରାଜ୍ୟ ମୁଖପାତ୍ର ଶ୍ରୀ ସୁଦୀପ୍ତ ରାୟ, ପୂର୍ବତନ ସାଂସଦ ଶ୍ରୀ ପର୍ଶୁରାମ ମାଝୀ, ପୂର୍ବତନ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀମତୀ ନମିତାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ସୁଦର୍ଶନ ନାୟକଙ୍କୁ କମିଟିର ଆବାହକ ଭାବେ ଦାୟୀତ୍ୱ ପ୍ରଦାନ କରାଯାଇଛି ।



# ବିକ୍ରି ହେବନି ବାସି ଅବଢ଼ା

## ଜଗିଛନ୍ତି ଅବସରପ୍ରାପ୍ତ ସେନା କର୍ମଚାରୀ

**ପୁରୀ, ୧୮ (ସଂଚାର ବ୍ୟୁରୋ):** ଆନନ୍ଦ ବଜାରରେ ଶୃଙ୍ଖଳା ଓ ସଂସ୍କାର ଆଣିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଆଜିଠୁ ଶ୍ରୀମନ୍ଦିରରେ ମୁତୟନ ହୋଇଛନ୍ତି ଅବସରପ୍ରାପ୍ତ ସେନା କର୍ମଚାରୀ। ମୋଟ ଦୁଇଟି ସିଫ୍ଟରେ ୨୦ଜଣ ପୂର୍ବତନ ସେନା କର୍ମଚାରୀ ମୁତୟନ ହେବେ। ଆଜି ସକାଳେ ୧୦ଜଣ ଆନନ୍ଦ ବଜାର ଓ ମନ୍ଦିର ବେଢାରେ ମୁତୟନ ହୋଇଥିବା ବେଳେ ଅପରାହ୍ନ ୨ଟାରୁ ଆଉ ୧୦ଜଣ ମୁତୟନ ହେବେ।



ଆନନ୍ଦ ବଜାର ଶୃଙ୍ଖଳା ଓ ସଂସ୍କାର ନେଇ ସେନା ନିବୃତ କର୍ମଚାରୀ ମୁତୟନ କରାଯାଇଛି। ଏହା ସହ ସୂପକାର ଓ ଅଣସୂପକାରଙ୍କ ଉପରେ ନଜର ରଖିବେ ସ୍ୱତନ୍ତ୍ର ସୁରକ୍ଷା କର୍ମୀ। ବିଶେଷ କରି ଆନନ୍ଦ ବଜାରରେ ବାସି ଅବଢ଼ା ବିକ୍ରି ଉପରେ ରୋକ୍ ଲଗାଇବା ପାଇଁ ଏହି ପ୍ରୟାସ କରାଯାଇଛି।

ସରକାରଙ୍କ ନିୟମାବଳୀ ଅନୁସାରେ, ଅଣ ସୂପକାର ମାନଙ୍କୁ ପ୍ରସାଦ ବିକ୍ରି ବାରଣ କରାଯିବ। କେବଳ ସୁଆର ମହାସୁଆର ନିଯୋଗ ତରଫରୁ ସୂଚିତ ସୂପକାର ମାନେ ହିଁ ମହାପ୍ରସାଦ ପାଇଁ ଅଧିକୃତ ରହିବେ। ଭକ୍ତଙ୍କ ପ୍ରତି ଆଚରଣ ଓ ଉଚ୍ଚାରଣ ସଠିକ୍ ରହିବା ଦିଗରେ ଗୁରୁତ୍ୱ ରଖିବାକୁ ଏଭଳି ନିଷ୍ପତ୍ତି ନିଆଯାଇଛି।

# ବିଡିଏର ୪୨ତମ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର, ୧୮ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୪୨ତମ ପ୍ରତିଷ୍ଠା ଦିବସ ଆଜି ଜୟଦେବ ଭବନରେ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଓ ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଭୁବନେଶ୍ୱର ଏକାମ୍ର ମାନ୍ୟବର ବିଧାୟକ ଶ୍ରୀ ବାବୁ ସିଂହ, ବିଡିଏ ଉପାଧ୍ୟକ୍ଷ ଡ. ଏନ୍ ତିରୁମାଲା ନାୟକ, ବିଡିଏ ସଚିବ ସ୍ନିଗ୍ଧରଣୀ ଧଳ ଓ ବିଡିଏ କର୍ମଚାରୀ ଇଉନାଇଟେଡ଼ ଫୋରମର ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ମହାପାତ୍ର ତାଙ୍କ ଅଭିଭାଷଣରେ ଭୁବନେଶ୍ୱରର ବଢୁଥିବା ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସହରୀ ଯୋଜନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ଲକ୍ଷ୍ୟରେ ସହରର ବିକାଶ, ସବୁଜିମା ବଜାୟ ରଖିବା ଏବଂ ସ୍ୱେରେଜ୍ ଓ ଡ୍ରେନେଜ୍ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ କର୍ତ୍ତୃପକ୍ଷ ଓ ଜନସାଧାରଣଙ୍କ ସହଯୋଗଉପରେ ସେ ଆଲୋକପାତ କରିଥିଲେ। ମେୟର ସୁଲୋଚନା ଦାସ ଭୁବନେଶ୍ୱରକୁ ଏକ ସମାବେଶୀ ସହର ରେ ପରିଣତ କରିବା ଏବଂ ଜଳବାୟୁ ପରିବର୍ତ୍ତନର ଆହ୍ୱାନର ମୁକାବିଲା ଦିଗରେ ବିଡିଏର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସହରର ଦ୍ରୁତ ଅଭିବୃଦ୍ଧି ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସହରାଞ୍ଚଳ ବାସହୀନଙ୍କୁ ଆଶ୍ରୟ ପ୍ରଦାନ କରୁଥିବା ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଦେବାକୁ ଏକାମ୍ର ବିଧାୟକ ବାବୁ ସିଂହ ବିଡିଏକୁ ଅନୁରୋଧ କରିଛନ୍ତି। ବିଡିଏ ଉପାଧ୍ୟକ୍ଷ ସହରର ବ୍ୟାପକ ବିକାଶ ଓ ବାସିନ୍ଦାଙ୍କ ଜୀବନଧାରଣ ମାନ ବୃଦ୍ଧି ଦିଗରେ କର୍ତ୍ତୃପକ୍ଷଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ବିଡିଏ କର୍ମଚାରୀ ଇଉନାଇଟେଡ଼ ଫୋରମର ସଭାପତି ସମୀର ମହାନ୍ତି ବିଡିଏ କର୍ମଚାରୀଙ୍କ ପାଇଁ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି ଦୋହରାଇଛନ୍ତି। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ବିଡିଏର ବାର୍ଷିକ ବିବରଣୀ ଉନ୍ମୋଚନ କରିବା ସହ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୭% ନମ୍ବର ରଖିଥିବାରୁ ବିଡିଏ କର୍ମଚାରୀ ସୁବାସିନୀ ପରିଡ଼ାଙ୍କ ପୁଅ ଅମ୍ଳାନ ସିଂଙ୍କୁ ସାର୍ଟିଫିକେଟ୍ ଓ ନଗଦ ୧୦ ହଜାର ଟଙ୍କା ସହ ସମ୍ମାନିତ କରିଥିଲେ ।

# ମାତ୍ର ୬ଟି ସଂସ୍ଥାରେ ଖଦି ଉତ୍ପାଦନ

**ଭୁବନେଶ୍ୱର :** ଓଡିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ ସହିତ ଅନୁବନ୍ଧିତ ଥିବା ୨୨ଟି ସଂସ୍ଥା ମଧ୍ୟରୁ ମାତ୍ର ୬ଟି ସଂସ୍ଥା ଖଦିବସ୍ତ୍ର ଉତ୍ପାଦନ କରୁଛନ୍ତି । ଏମାନଙ୍କର ବାର୍ଷିକ ଉତ୍ପାଦନ ଏକ କୋଟି ଟଙ୍କାରୁ ସାମାନ୍ୟ ଅଧିକ ରହିଛି ।

ଓଡିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ ଅଧିନରେ ୩୦ଟି ସଂସ୍ଥା ଅନୁବନ୍ଧିତ ଥିବାବେଳେ ଏଥି ମଧ୍ୟରୁ ୨୨ଟି ସଂସ୍ଥା କାର୍ଯ୍ୟକ୍ଷମ ରହିଛି। ଏହିସବୁ ସଂସ୍ଥାମାନେ ଖଦିବସ୍ତ୍ର, ଟସର ଓ ଉଲ୍ ଆଦି ଉତ୍ପାଦନ ଓ ବ୍ୟବସାୟ କରୁଛନ୍ତି । ଏହିସବୁ ସଂସ୍ଥାଗୁଡିକରେ ୫୭୧ଜଣ ଲୋକ କର୍ମସଂସ୍ଥା ପାଇଛନ୍ତି ବୋଲି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ।

ଏହି ସୂଚନା ଅନୁଯାୟୀ ୨୨ଟି ସଂସ୍ଥା ମଧ୍ୟରୁ ମାତ୍ର ୬ଟି ସଂସ୍ଥା ଖଦି ବସ୍ତ୍ର ଉତ୍ପାଦନ କରୁଛନ୍ତି । ଏହିସବୁ ସଂସ୍ଥା ମଧ୍ୟରେ ଗଞ୍ଜାମ ଜିଲ୍ଲା କୁକୁଡା ଖଣ୍ଡିରେ ଥିବା ଗଞ୍ଜାମ ଜିଲ୍ଲା ଖଦି ଓ ଗ୍ରାମଦ୍ୟୋଗ ସଂଘ, ସୋନପୁରରେ ଥିବା ବୁଢୀମା ଖଦି, ସିଲ୍କ ପାଟ ସମବାୟ ସମିତି, କଟକ ଜିଲ୍ଲା ମାଣିଆବନ୍ଧରେ ଥିବା ହିନ୍ଦୁସ୍ଥାନ ଖଦି ଗ୍ରାମଦ୍ୟୋଗ ସଂଘ, ଦେଭୋଗ ଠାରେଥିବା ମାନବ ସଂସ୍କାର ସଂଘ ଏବଂ ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ଠାରେ ଥିବା ଗାନ୍ଧୀ ଉଦ୍ୟୋଗ ମନ୍ଦିର । ଏହିସବୁ ସଂସ୍ଥାଗୁଡିକ ଉତ୍ପାଦିତ କରିଥିବା ଖଦି ବସ୍ତ୍ରର ମୂଲ୍ୟ ୧୦୬ କୋଟି ଟଙ୍କା ବୋଲି ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡିଛି । ତେବେ ମାତ୍ର ୧ କୋଟି ୬ଲକ୍ଷ ଟଙ୍କାର ଖଦି ବସ୍ତ୍ର ଉତ୍ପାଦିତ ହୋଇଥିବାବେଳେ ସିଲ୍କ ଉତ୍ପାଦନ କିନ୍ତୁ ୪କୋଟି ୨୮ଲକ୍ଷ ଟଙ୍କାର ହୋଇଛି । ଅନୁବନ୍ଧିତ ୨୨ଟି ସଂସ୍ଥା ମଧ୍ୟରୁ ୨୦ଟି ସଂସ୍ଥା ସିଲ୍କ ଉତ୍ପାଦନ ଏବଂ ବ୍ୟବସାୟ କରୁଛନ୍ତି । ଏମାନଙ୍କ ମଧ୍ୟରୁ ସୋନପୁର ଠାରେ ଥିବା ବୁଢୀମା ଖଦି ସିଲ୍କ ପାଟ ସମବାୟ ସମିତି ସର୍ବାଧିକ ୧କୋଟି ୨୫ଲକ୍ଷ ଟଙ୍କାର ବ୍ୟବସାୟ କରିଛି । ଏହି ସଂସ୍ଥା କିନ୍ତୁ ଖଦି ଉତ୍ପାଦନ କରିଛି ମାତ୍ର ୨୫ଲକ୍ଷ ଟଙ୍କାର ।

ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏହି ୨୨ଟି ସଂସ୍ଥା ୫କୋଟି ୩୪ଲକ୍ଷ ଟଙ୍କାର ସାମଗ୍ରୀ ଉତ୍ପାଦନ କରିଥିବାବେଳେ ୫କୋଟି ୬୧ଲକ୍ଷ ଟଙ୍କାର ବିକ୍ରିବଟା କରିଛନ୍ତି । ଏହିସବୁ ସଂସ୍ଥାରେ ଖଦି ଓ ସିଲ୍କ ବସ୍ତ୍ର ଉତ୍ପାଦନରେ ୫୭୧ ଜଣ ବ୍ୟକ୍ତି କର୍ମସଂସ୍ଥାନ ପାଇଛନ୍ତି । ସବୁଠାରୁ ଅଧିକ ୧୩୨ ଜଣ ଲୋକ ସୋନପୁରର ବୁଢୀ ମା ଖଦି, ସିଲ୍କ ଓ ପାଟ ସମବାୟ ସମିତିରେ କାମ କରୁଛନ୍ତି । ତେବେ ମନ୍ତ୍ରୀ କହିଛନ୍ତି ଯେ ବିଗତ ୫ବର୍ଷ ମଧ୍ୟରେ ଓଡିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡଗତ ୫ବର୍ଷ ମଧ୍ୟରେ କୌଣସି ଖଦି ସଂସ୍ଥାକୁ ଆର୍ଥିକ ସହାୟତା ପ୍ରଦାନ କରିନାହିଁ । ଏହି ସମୟ ମଧ୍ୟରେ ବୋର୍ଡ ପକ୍ଷରୁ ୧୭ଟି ଖଦି ସଂସ୍ଥାକୁ ୧,୧୯,୩୩,୮୧୯ ଟଙ୍କାର ଖଦି ଯନ୍ତ୍ରପାତି ଓ ଆନୁଷଙ୍ଗିକ ଉପକରଣ ଯୋଗାଇ ଦିଆଯାଇଛି । (ତଥ୍ୟ)




Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha)

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର